Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 196
Monday, 21 Setember 2026
Balasore, Page : 8, ₹ 2/
ବାଲେଶ୍ୱର, ସୋମବାର, ୨୧ ସେପ୍ଟେମ୍ବର, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ଖୁବଶୀଘ୍ର ଶେଷ ହେବ ମହାନଦୀ ଜଳ ବିବାଦ : ଛତିଶଗଡ଼ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୦/୯ (ଆ.ପ୍ର) : ଫିଟିବ ମହାନଦୀ ଜଳ ବିବାଦର ଗଣ୍ଠି । ସଙ୍କେତ ଦେଲେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ । କହିଲେ ଏହା ଆଉ ବିବାଦ ହୋଇ ନାହିଁ । ଓଡ଼ିଶା ଗସ୍ତରେ ଥିବା ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ, ଆଜି ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ଏନେଇ ୱାନ୍ ଟୁ ୱାନ୍ ଆଲୋଚନା କରିଛନ୍ତି । ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସି ଏହା କହିଛନ୍ତି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ । ଯାହାକୁ ନେଇ ବଢ଼ିଛି ଚର୍ଚ୍ଚା । ଖାଲି ସେତିକି ନୁହେଁ ଓଡ଼ିଶା, ଛତିଶଗଡ଼ ଓ କେନ୍ଦ୍ରରେ ବିଜେପି ସରକାର ରହିଛି । ଦିଲ୍ଲୀରେ ଏହି ପ୍ରସଙ୍ଗରେ ପୂର୍ବରୁ ଆଲୋଚନା ହୋଇ ସାରିଛି । ଉଭୟ ରାଜ୍ୟର ସ୍ୱାର୍ଥକୁ ଦୃଷ୍ଟି ଦେଇ ଉଭୟ ଯେଉଁ ନିଷ୍ପତ୍ତି ନେବ, ତାହାକୁ ଗ୍ରହଣ କରାଯିବ । ଯେଉଁ ସବୁ ରାଜ୍ୟରେ ବିଜେପି ସରକାରକୁ ଆସିଛି ସେଠାରେ ସବୁ ବିବାଦର ସମାଧାନ ହୋଇଛି । ମହାନଦୀ ଜଳ ବିବାଦର ବି ସମାଧାନ ଖୁବ୍ ଶୀଘ୍ର ହେବ । ଓଡ଼ିଶାର ଲାଇଫଲାଇନ୍ ହେଉଛି ମହାନଦୀ । ଆଉ ଏହି ଜୀବନରେଖାକୁ ନେଇ ଦୁଇ ପଡ଼ୋଶୀ ରାଜ୍ୟ ମଧ୍ୟରେ ଦୀର୍ଘ ବର୍ଷର ଟଣାଓଟରା । କିନ୍ତୁ ଏବେ ଚିତ୍ର ବଦଳୁଛି । ବିବାଦର ମଂଚରୁ ଆଲୋଚନାର ଟେବୁଲକୁ ଆସିଛନ୍ତି ଦୁଇ ରାଜ୍ୟ । ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ବିଷ୍ଣୁ ଦେଓ ସାଏ ଭେଟିବା ପରେ ଆଶା ବଢ଼ିଛି । କାରଣ ଏହି ବିବାଦ ଆଜିର ନୁହେଁ । ୨୦୧୬ରେ ଛତିଶଗଡ଼ର ଉପରମୁଣ୍ଡ ପ୍ରକଳ୍ପଗୁଡ଼ିକୁ ନେଇ ଆପତ୍ତି ଉଠାଇଥିଲା ଓଡ଼ିଶା । ତେବେ ଆଲୋଚନାରେ ସମାଧାନ ନହେବା ପରେ ଆଇନଗତ ପ୍ରକ୍ରିୟା ଆଗକୁ ବଢ଼ିଲା । ୨୦୧୮ରେ ଗଠନ ହେଲା ମହାନଦୀ ୱାଟର୍ ଡିସପ୍ୟୁଟ୍ ଟ୍ରିବ୍ୟୁନାଲ । ସେବେଠାରୁ ଆଇନର ଲଢ଼େଇ ଚାଲିଛି । ଟ୍ରିବ୍ୟୁନାଲରେ ମାମଲା ଚାଲିଥିବା ବେଳେ ସମାନ୍ତରାଳ ଭାବେ ବୈଷୟିକ ଆଲୋଚନାକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି । ଆସନ୍ତାକାଲି CWC ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ଉଭୟ ରାଜ୍ୟର ବୈଷୟିକ ଟିମ୍ ଆଲୋଚନା କରିବେ । ସେପ୍ଟେମ୍ବର ୨୮ରେ ମହାନଦୀ ଜଳ ବିବାଦ ମାମଲାର ପରବର୍ତ୍ତୀ ଟ୍ରିବ୍ୟୁନାଲ ଶୁଣାଣି । ଅନ୍ୟପଟେ ଦୁଇ ରାଜ୍ୟ ର ମୁଖିଆଙ୍କ ଆଲୋଚନାକୁ ନେଇ ରାଜ୍ୟ ରାଜନୀତି ବି ଜୋର୍ ଧରିଛି । ଗତ ଜୁଲାଇ ୩୦ରେ କେନ୍ଦ୍ରୀୟ ଜଳଶକ୍ତି ମନ୍ତ୍ରୀ ସି.ଆର ପାଟିଲଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ବୈଠକ ହୋଇଥିଲା । କେନ୍ଦ୍ରର ସୂଚନା ଅନୁସାରେ ଉଭୟ ରାଜ୍ୟ ଆଲୋଚନା, ବୈଷୟିକ ସହଯୋଗ ଓ ସମନ୍ୱୟ ମାଧ୍ୟମରେ ସମାଧାନ ଦିଗରେ ଆଗକୁ ବଢ଼ିବା ନେଇ ଇଚ୍ଛା ପ୍ରକାଶ କରିଥିଲେ । ଏହାରି ଭିତରେ ପୁଣି ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ବୈଠକ । ମହାନଦୀ ଜଳ ବିବାଦରେ ଏଥର ସମାଧାନର ସୂତ୍ର କେତେ ଶୀଘ୍ର ବାହାରୁଛି ତାକୁ ଅପେକ୍ଷା ।

ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନାରେ ପ୍ରଥମ ତୀର୍ଥଯାତ୍ରାର ଶୁଭାରମ୍ଭ

ଭୁବନେଶ୍ୱର, ୨୦/୯ (ଆ.ପ୍ର) : ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଏବଂ ଓଏସଆରଟିସି (OSRTC) ର ମିଳିତ ସହଯୋଗରେ କାର୍ଯ୍ୟକାରୀ ହେଉଥିବା ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା ଅନ୍ତର୍ଗତ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତୀର୍ଥଯାତ୍ରାର ଶୁଭାରମ୍ଭ ହୋଇଯାଇଛି । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଭାସୀ ମାଧ୍ୟମରେ ଏହାର ଶୁଭାରମ୍ଭ କରିଛନ୍ତି । ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାର ୯୧୦ ଜଣ ବରିଷ୍ଠ ତୀର୍ଥଯାତ୍ରୀଙ୍କୁ ପୁରୀ ଧାମ ଯାତ୍ରାରେ ଆସିଛନ୍ତି । ଉପମୁଖ୍ୟମନ୍ତ୍ରୀ କହିଛନ୍ତିଯେ, ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ପାଇଁ ପ୍ରତି ଓଡ଼ିଆଙ୍କ ମନରେ ଥିବା ଆଧ୍ୟାତ୍ମିକ ଆକାଂକ୍ଷାକୁ ପୂରଣ କରିବା ହେଉଛି ଲୋକଙ୍କ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ । ମୁଖ୍ୟମନ୍ତ୍ରୀ ଶ୍ରୀମୋହନ ଚରଣ ମାଝୀଙ୍କ ପ୍ରୟାସରେ ରାଜ୍ୟର ବରିଷ୍ଠ ନାଗରିକମାନଙ୍କୁ ଶ୍ରୀକ୍ଷେତ୍ର ଦର୍ଶନ କରାଇବାର ଏହି ପବିତ୍ର ସୁଯୋଗ ସୃଷ୍ଟି ହୋଇଛି । ତୀର୍ଥଯାତ୍ରୀମାନେ ପୁରୀ ସ୍ଥିତ 'ବୃନ୍ଦାବତୀ ନିବାସ'ରେ ରହିବା ସହ ସେମାନଙ୍କ ପାଇଁ ସୁରକ୍ଷିତ ଯାତ୍ରା, ସ୍ୱାସ୍ଥ୍ୟ ପରୀକ୍ଷା, ମହାପ୍ରସାଦ ସେବନ ଏବଂ ସ୍ୱତନ୍ତ୍ର ଦର୍ଶନର ଭବ୍ୟ ବ୍ୟବସ୍ଥା କରାଯାଇଛି । ସୂଚନାଯୋଗ୍ୟଯେ ଚଳିତ ବର୍ଷ ଏହି ଯୋଜନା ଅନ୍ତର୍ଗତ ପ୍ରଥମ ପର୍ଯ୍ୟାୟରେ ୨୦ ସେପ୍ଟେମ୍ବରରୁ ୧୭ ଅକ୍ଟୋବର ମଧ୍ୟରେ ୧୩ ଟି ଜିଲ୍ଲାରୁ ମୋଟ ୧୦,୪୩୪ ଜଣ ତୀର୍ଥଯାତ୍ରୀଙ୍କ ପାଇଁ ପୁରୀ ଦର୍ଶନର ବ୍ୟବସ୍ଥା କରାଯାଇଛି । ପ୍ରଥମ ଯାତ୍ରାରେ ମୋଟ ୯୧୦ ଜଣ ତୀର୍ଥଯାତ୍ରୀ ସାମିଲ ଥିବା ବେଳେ, ସେଥି ମଧ୍ୟରୁ ମାଲକାନଗିରିରୁ ୪୯୦ ଜଣ, କୋରାପୁଟରୁ ୨୧୦ ଜଣ ଏବଂ ନବରଙ୍ଗପୁରରୁ ୨୧୦ ଜଣ ତୀର୍ଥଯାତ୍ରୀ ରହିଛନ୍ତି । ପ୍ରତି ବସରେ , ୩୫ ଜଣ ତୀର୍ଥଯାତ୍ରୀମାନଙ୍କ ସହ ୩ ଜଣ ଏସ୍କର୍ଟ ଅଧିକାରୀ ଏବଂ ୧ ଜଣ ପାରାମେଡିକାଲ ଷ୍ଟାଫ୍ ଯାତ୍ରୀମାନଙ୍କର ସୁବିଧା ଓ ସ୍ୱାସ୍ଥ୍ୟର ତଦାରଖ କରୁଛନ୍ତି । ଏହି ଯୋଜନା ମଧ୍ୟରେ ୧ ଲକ୍ଷ ବରିଷ୍ଠ ନାଗରିକଙ୍କୁ ଶ୍ରୀମନ୍ଦିର ଦର୍ଶନ କରାଇବାର ଲକ୍ଷ୍ୟ ରଖାଯାଇଥିବା ବେଳେ ଚଳିତ ବର୍ଷ ୩୦,୦୦୦ ଯୋଗ୍ୟ ହିତାଧିକାରୀଙ୍କ ପାଇଁ ଏହି ବ୍ୟବସ୍ଥା କରାଯାଉଛି । ଏହି ଯୋଜନା ଅଧୀନରେ ନିଜ ପଂଚାୟତରୁ ଜିଲ୍ଲା ସଦର ମହକୁମା ଓ ସେଠାରୁ ସ୍ୱତନ୍ତ୍ର ବସ୍ ଯୋଗେ ପୁରୀ ଯାତ୍ରା, ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା, ଦୈନିକ ୪ ଥର ନିରାମିଷ ଭୋଜନ, ସ୍ୱତନ୍ତ୍ର କିଟ୍ ବ୍ୟାଗ୍ ଏବଂ ବୃନ୍ଦାବତୀ ନିବାସରେ ମହାପ୍ରସାଦ ସେବନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଅଛି । ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଳବନ୍ତ ସିଂହ, ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ସଚିବ ରୁଦ୍ର ପ୍ରସନ୍ନ ସାହୁ ଏବଂ ଓଏସଆରଟିସି ର ମହାପ୍ରବନ୍ଧକ ଦେବବ୍ରତ ମଲ୍ଲିକ ଉପସ୍ଥିତ ଥିଲେ । ଏହାସହିତ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, କୋରାପୁଟ ବିଧାୟକ ରଘୁରାମ ମାଛ ସମେତ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ, ପ୍ରଶାସନିକ ଅଧିକାରୀ, ଓଏସଆରଟିସି ଓ ପର୍ଯ୍ୟଟନ ବିଭାଗର କର୍ମଚାରୀ ଏବଂ ତୀର୍ଥଯାତ୍ରୀମାନେ ଆଭାସୀ ମାଧ୍ୟମରେ ଉପସ୍ଥିତ ଥିଲେ ।

ଶ୍ରୀମନ୍ଦିର ବାହାରେ ହେବ ଏସି ସେଡ୍

ପୁରୀ, ୨୦/୯ (ଆ.ପ୍ର) :ଏଣିକି ମହାପ୍ରଭୁଙ୍କ ଦର୍ଶନ ହେବ ଆରାମ ଦାୟକ । ଶ୍ରୀମନ୍ଦିର ବାହାରେ ହେବ ଏସି ସେଡ୍ । ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ଓ ସୁବିଧା ପାଇଁ ଶ୍ରୀମନ୍ଦିର ବାହାରେ ଏସି ସେଡ୍ କରିବାକୁ ପ୍ରଶାସନ ଯୋଜନା କରିଛି । ପ୍ରତିଦିନ ମହାପ୍ରଭୁଙ୍କ ଦର୍ଶନ ପାଇଁ ହଜାର ହଜାର ଶ୍ରଦ୍ଧାଳୁ ଶ୍ରୀମନ୍ଦିର ଆସୁଛନ୍ତି । ପ୍ରବଳ ଗରମ ଝାଳବୁଦି ଯୋଗୁଁ ଧାଡ଼ିରେ ଦୀର୍ଘ ସମୟ ଠିଆହୋଇ ଅନେକ ସମୟରେ ଅଣନିଃଶ୍ୱାସୀ ହୋଇ ପଡ଼ିବା ସହ ଚେତାଶୂନ୍ୟ ମଧ୍ୟ ହୋଇ ପଡୁଛନ୍ତି । ଏଣୁ ଶ୍ରୀମନ୍ଦିର ବାହାରେ ଏସି ସେଡ୍ ବ୍ୟବସ୍ଥା ପାଇଁ ପ୍ରଶାସନ ପକ୍ଷରୁ ଯୋଜନା କରାଯାଉଛି । ତେବେ ଆସନ୍ତା ୨୬ ତାରିଖରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହେବାକୁ ଥିବା ବେଳେ ବୈଠକରେ ଏନେଇ ନିଷ୍ପତ୍ତି ନିଆଯାଇପାରେ । ନିକଟରେ ଶ୍ରୀମନ୍ଦିର ନାଟମଣ୍ଡପରେ ଲାଗିଛି ଏସି । ଏହାକୁ ଭକ୍ତ ଓ ସେବାୟତ ସ୍ୱାଗତ କରିଥିଲେ । ଏଠାରେ କହିରଖୁଛୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସମୟରେ ଏସି ସେଡ୍ ନିର୍ମାଣ ହୋଇଥିଲା । କିଛି ଦିନ ପରେ ଏହାକୁ ହଟାଇ ଦିଆଯାଇଥିଲା । ଏବେ ପୁଣି ଥରେ ଏହା ଉପରେ ନଜର ପକାଇଛନ୍ତି ସରକାର । ଶ୍ରଦ୍ଧାଳୁଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଖୁବ୍ ଶିଘ୍ର ଶ୍ରୀମନ୍ଦିର ପ୍ରଶାସନ ଏହା ଉପରେ ଗୁରୁତ୍ୱ ଦେଉଛନ୍ତି ।

କଏଦୀ ଫେରାର ମାମଲାରେ ଚୌଦ୍ୱାର ଜେଲ୍ ଅଧୀକ୍ଷକ ଗିରଫ

କଟକ, ୨୦/୯(ଆ.ପ୍ର.): ଗିରଫ ହେଲେ ଚୌଦ୍ୱାର ଜେଲ୍ ଅଧୀକ୍ଷକ । ଚୌଦ୍ୱାର ମଣ୍ଡଳ କାରାଗାର ସୁପରିଟେଣ୍ଡେଂଟ ସୁଜିତ୍ ରାଉଳ ଗିରଫ । ଗିରଫ କଲା ଚୌଦ୍ୱାର ଥାନା ପୋଲିସ । ନିକଟ ଅତୀତରେ ସୁଜିତ୍ ରାଉଳଙ୍କ ଉପରୁ ଅନ୍ତରୀଣ ସୁରକ୍ଷା ହଟାଇ ଦେଇଥିଲେ ହାଇକୋର୍ଟ । ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ ସୁଜିତ୍ । ତାଙ୍କ ବିରୁଦ୍ଧରେ ଚୌଦ୍ୱାର ଥାନାରେ ଲିଖିତ ଅଭିଯୋଗ କରିଥିଲେ ତତ୍କାଳୀନ ଜେଲର ସନ୍ତୋଷୀନି ଦାସ । ଇନ୍ ଆଉଟ୍ ରେଜିଷ୍ଟର ଏବଂ ମିନିଟ୍ ବୁକ୍ ରେ ଜାଲିଆତି ଅଭିଯୋଗ ଆଣିଥିଲେ ଜେଲର୍ । ଚୌଦ୍ୱାର ଜେଲରୁ ଦୁଇ ଅପରାଧୀ ଫେରାର ହେବା ପରେ ମୁଣ୍ଡ ଟେକି ଥିଲା ବିବାଦ । ଗତ ଜାନୁଆରୀ ମାସରେ ଚୌଦ୍ୱାର ସର୍କଲ ଜେଲ ସିନିୟର୍ ସୁପରିଟେଣ୍ଡ ସୁଜିତ କୁମାର ରାଉଳଙ୍କ ବିରୁଦ୍ଧରେ ଚୌଦ୍ୱାର ଥାନାରେ ଏତଲା ଦେଇଥିଲେ ଚୌଦ୍ୱାର ମଣ୍ଡଳ କାରାଗାରର ପୂର୍ବତନ ଜେଲର ସନ୍ତୋଷିନି ଦାସ । ନିଜ ପଦବୀର ଅପ ବ୍ୟବହାର, ଦସ୍ତଖତ ଜାଲିଆତି, ଅଫିସ ରେକର୍ଡ ହେରଫେର କରିବା ଆଦି ଏତଲାରେ ଅଭିଯୋଗ ଆଣିଥିଲେ ସନ୍ତୋଷିନି । ୨୦୨୫ ମସିହା ଜାନୁଆରୀ ମାସ ଚାରି ତାରିଖ ଦିନ ଏକ ସୁନା ଦୋକାନରୁ ଦିନ ଦ୍ୱିପ୍ରହରରେ ଲୁଟ ଉଦ୍ୟମ ହୋଇଥିଲା । ଚାରି ବିହାରୀ ଅପରାଧିଙ୍କ ଲୁଟ ଉଦ୍ୟମକୁ ବିଫଳ କରିଥିଲେ ସ୍ଥାନୀୟ ଲୋକେ । ଲୋକଙ୍କ ଠାରୁ ବର୍ତ୍ତିବା ପାଇଁ ଅପରାଧି ଗୁଳି ଚଳାଇ ଦୁଇ ଜଣ ନୀରିହ ଲୋକଙ୍କ ଜୀବନ ନେଇଥିଲେ । ନୀଳମାଧବ ପଣ୍ଡା ଓ ଅନିଲ ରାୟ ଦୁଇ ସ୍ଥାନୀୟ ଯୁବକଙ୍କୁ ହତ୍ୟା କରି ଫେରାର ହେଉଥିବା ବେଳେ ସ୍ଥାନୀୟ ଲୋକଙ୍କ ହାବୁଡ଼ରେ ପଡ଼ିଥିଲେ ଦୁଇ ଅପରାଧୀ । ଲୋକଙ୍କ କବଳରୁ ପୋଲିସ ଅପରାଧିଙ୍କୁ ମୁକୁଳାଇ ଗିରଫ କରି ଜେଲ୍ ପଠାଇଥିଲା । ଘଟଣାର ୯ ମାସ ପରେ ଗତ ବର୍ଷ ଅକ୍ଟୋବର ମାସ ୩ ତାରିଖରେ ରାଜ୍ୟର ସବୁଠାରୁ ସୁରକ୍ଷିତ ଚୌଦ୍ୱାର ସର୍କଲ ଜେଲରୁ ଫେରାର ହେବାରେ ସକ୍ଷମ ହେଲେ ଡକାୟତ ମଧୁକାନ୍ତ ଓ ରାଜା ସାହାଣୀ । ଏବେ ଏହି ଘଟଣାକୁ ନିଜ ଏତଲାରେ ଦର୍ଶାଇ ଥିଲେ ସନ୍ତଶିନି । ଜେଲ ସିନିୟର୍ ସୁପରିଟେଂଟ ସୁଜିତ୍ କୁମାର ରାଉଳଙ୍କ ନାମରେ ସାଙ୍ଘାତିକ ଅଭିଯୋଗ ଆଣିଥିଲେ, ଚୌଦ୍ୱାର ଜେଲର ପୂର୍ବତନ ଜେଲର ସନ୍ତୋସିନି ଦାସ । ଦସ୍ତଖତ ଜାଲିଆତି, ଅଫିସ ରେକର୍ଡ ହେରଫେର ଅଭିଯୋଗରେ ଚୌଦ୍ୱାର ଥାନାରେ ଏତଲା ଦେଇଛନ୍ତି । ସନ୍ତୋସିନୀ ଙ୍କ ଅଭିଯୋଗ ମୁତାବକ ଗତ ଅକ୍ଟୋବର ୨ ତାରିଖ ଦିନ ସି ସି ଟି ଭି ଫୁଟେଜ ଅନୁଯାୟୀ ସୁପରିଟେଂଟ ଜେଲକୁ ସକାଳେ ଏକ ଘଂଟା ପାଇଁ ଆସି ପଳାଇଯାଇଥିଲେ । ଅଫିସ୍ ରେକଡ୍ ଅନୁସାରେ ସେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଜେଲ୍ ରେ ଥିଲେ । ଚଂପଟ ମାରିବାର ଘଟଣା ତଦନ୍ତ ହେଲା ପରେ ସୁପରୀଟେଂଟ ଜେଲରଙ୍କ ଜାଲ ଦସ୍ତଖତ କରି ଜେଲର ଙ୍କ ପରାମର୍ଶରେ ଛୁଟି ନେଇ ଖୋର୍ଦ୍ଧା ଯାଇଥିଲେ ବୋଲି ଦର୍ଶାଇ ଥିଲେ । ଏହା ସହ ସନ୍ତୋସିନୀଙ୍କ କହିବା ମୁତାବକ ଗୋଟେ ମଣିଷ ସିସିଟିଭି ଫୁଟେଜ ମୁତାବକ ଜେଲ ରେ ୧ ଘଂଟା ଥିଲେ ପରେ ତଦନ୍ତ ବେଳେ ଖୋର୍ଦ୍ଧା ଯାଇଥିଲେ ତ କିପରି ଭାବରେ ଅଫିସ ଗେଟ ଇନ୍ ଆଉଟ୍ ରେଜିଷ୍ଟର ରେ ସନ୍ଧ୍ୟା ପର୍ଯ୍ୟନ୍ତ ଜେଲ ରେ ଥିଲେ ।

ସମୁଦ୍ରରୁ ବଳ ଗୋଟାଉଛି ଲଘୁଚାପ, ୨୨ରେ ଗଭୀର ଅବପାତ

ଭୁବନେଶ୍ୱର, ୨୦/୯ (ଆ.ପ୍ର) : ଅକ୍ଟୋବର ନୁହେଁ ଏଥର ସେପଟେମ୍ବରରେ ଓଡ଼ିଶାକୁ ବାତ୍ୟା ଛନକା । ଆଇଏମଡ଼ିର ଆକଳନ କହୁଛି, ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଆସନ୍ତାକାଲି ଅବପାତର ରୂପ ନେବ । ଯାହା ୨୨ ତାରିଖରେ ଡିପ ଡିପ୍ରେସନ୍ ହେବ । ଏହି ସିଷ୍ଟମ ମୁହାଁଇବ ଓଡ଼ିଶା । ରାଜ୍ୟରେ ୫ ଦିନ ଧରି ପ୍ରବଳ ବର୍ଷା କରାଇବ । ତେବେ ଲଘୁଚାପ ବାତ୍ୟା ରୂପ ନେବା ସମ୍ଭାବନା ଥିବା ଭିନ୍ନ ଭିନ୍ନ ପାଣିପାଗ ମଡେଲ ଆକଳନ କରିଛନ୍ତି । ୟୁରୋପିଆନ ମଡେଲ- ଇଇସିଡବ କହୁଛି, ଆସନ୍ତା ୨୩-୨୪ ଆଡ଼କୁ ବଙ୍ଗୋପସାଗରରେ ସାଇକ୍ଲୋନ ସୃଷ୍ଟି ହୋଇପାରେ । ଯାହା ଦକ୍ଷିଣ ଓଡ଼ିଶା ଏବଂ ଉତ୍ତର ଆନ୍ଧ୍ର ଉପକୂଳ ମୁହାଁ ହେବ । ସେହିପରି ଆମେରିକାନ ମଡେଲ- ଏଉଫ ମଧ୍ୟ ସମାନ ଆକଳନ ଓ ଗତିପଥ ଦର୍ଶାଉଛି । ସେହି ୨୩-୨୪ ବେଳକୁ ଅବପାତ ଘନୀଭୂତ ହୋଇ ଏକ ବିକ୍ଷିପ୍ତ ଓ ଦୁର୍ବଳ କେନ୍ଦ୍ର ବିଶିଷ୍ଟ ବାତ୍ୟାର ରୂପ ନେଇପାରେ । ଘରୋଇ ପାଣିପାଗ ସଂସ୍ଥା ସ୍କାଏମେଟ୍ ଆକଳନ ବଙ୍ଗୋପସାଗରରେ ସମ୍ଭାବ୍ୟ ବାତ୍ୟା ସୃଷ୍ଟି ନେଇ ସଙ୍କେତ ଦେଉଛି । ବର୍ତ୍ତମାନର ସ୍ଥିତି ଅନୁସାରେ ଓଡ଼ିଶା, ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗ ଉପକୂଳବର୍ତ୍ତୀ ଅଂଚଳ ପ୍ରତି ସମ୍ଭାବ୍ୟ ସାଇକ୍ଲୋନର ବିପଦ ରହିଛି । ପୁରୀଠାରୁ ବିଶାଖାପାଟଣା ମଧ୍ୟରେ ଅଧିକ ପ୍ରଭାବ ଦେଖିବାକୁ ମିଳିପାରେ କହୁଛି ସ୍କାଏମେଟ୍ । ଅନ୍ୟପଟେ ବଙ୍ଗୋପସାଗରରେ ବାତ୍ୟା ନେଇ କୌଣସି ପୂର୍ବାନୁମାନ କରିନି ଭାରତୀୟ ପାଣିପାଗ ବିଭାଗ । IMD ଆକଳନ କହୁଛି, ବର୍ତ୍ତମାନ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଓ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ଆଣ୍ଡାମାନ ସାଗର ଉପରେ ସକ୍ରିୟ ରହିଛି ଲଘୁଚପ । ଏହା ପଶ୍ଚିମ, ଉତ୍ତର-ପଶ୍ଚିମ ଦିଗରେ ଗତି କରି କାଲି ନେବ ଅବପାତର ରୂପ । ଅଧିକ ଘନୀଭୂତ ହୋଇ ୨୨ ତାରିଖ ବେଳକୁ ଗଭୀର ଅବପାତରେ ପରିଣତ ହେବ । ୨୩ରେ ଏହା ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ର ଉପକୂଳ ନିକଟକୁ ଆସିବ । ବାତ୍ୟା ହେବ କି ନାହିଁ ସ୍ଥିତି ଅସ୍ପଷ୍ଟ । କିନ୍ତୁ ଗଭୀର ଅବପାତ ହେବା ନିଶ୍ଚିତ । ଯାହାର ପ୍ରଭାବରେ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଅଜିଠୁ ବିଜୁଳି ଘଡ଼ଘଡ଼ି ସହ ବିଭିନ୍ନ ସ୍ଥାନରେ ବର୍ଷା ପବନ ହୋଇପାରେ । ୨୩ରୁ ପ୍ରବଳ ବର୍ଷିବ, ଦକ୍ଷିଣ ଓଡ଼ିଶାରେ ଭୀଷଣ କାଟିବ । ୨୩ରେ କନ୍ଧମାଳ, ଗଜପତି, ଗଞ୍ଜାମ ଓ ପୁରୀରେ ଭୀଷଣ ବର୍ଷା ଆଶଙ୍କା ଥିବାରୁ ରେଡ୍ ୱାର୍ଣ୍ଣିଂ ଜାରି ହୋଇଛି । ୨୪ରେ ରେଡ୍ ଜୋନରେ ଅଛି କନ୍ଧମାଳ, କଳାହାଣ୍ଡି ଓ ରାୟଗଡ଼ା ଜିଲ୍ଲା । ୨୫ ତାରିଖ ଯାଏଁ ବର୍ଷା ନେଇ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ସମ୍ଭାବ୍ୟ ଅବପାତ ସ୍ଥଳଭାଗ ମୁହାଁ ହେବା ସହ ବଢ଼ିବ ପବନର ବେଗ । ଦକ୍ଷିଣ ଓଡ଼ିଶା ଉପକୂଳରେ ପବନର ବେଗ ସର୍ବାଧିକ ୫୫-୬୫ କିଲୋମିଟର ରହିପାରେ । ଲଘୁଚାପ ଓ ସମ୍ଭାବ୍ୟ ଅବପାତ ପ୍ରଭାବରେ ଅଶାନ୍ତ ରହିବ ସମୁଦ୍ର । ଉଠିବ ବଡ଼ ବଡ଼ ଲୁଆର । ଏହାକୁ ଦୃଷ୍ଟିରେ ରଖି କାଲି ସୁଦ୍ଧା ଗଭୀର ସମୁଦ୍ରରୁ ଫେରି ଆସିବାକୁ ମତ୍ସ୍ୟଜୀବୀଙ୍କୁ କୁହାଯାଇଛି ।

ଡ୍ୟୁଟି ବେଳେ ଫଟୋ-ଭିଡିଓ ପୋଷ୍ଟ କରିପାରିବେନି ପୋଲିସ

ଭୁବନେଶ୍ୱର, ୨୦/୯ (ଆ.ପ୍ର) : ଡ୍ୟୁଟି ସମୟରେ ପୋଲିସ ଅଧିକାରୀଙ୍କ ସୋସିଆଲ ମିଡିଆ ବ୍ୟବହାରକୁ ନେଇ କଡ଼ା ଗାଇଡଲାଇନ ଜାରି କରିଛି କମିସନରେଟ ପୋଲିସ । ବିଶେଷକରି ସମ୍ବେଦନଶୀଳ ସ୍ଥାନରେ ଡ୍ୟୁଟି କରୁଥିବା ପୋଲିସ କର୍ମଚାରୀମାନେ ବର୍ଦ୍ଦିରେ ଥାଇ ଫଟୋ କିମ୍ବା ଭିଡିଓ ଉଠାଇ ସୋସିଆଲ ମିଡିଆରେ ପୋଷ୍ଟ କରିପାରିବେ ନାହିଁ । ସୂଚନା ଅନୁଯାୟୀ, ଡ୍ୟୁଟି ସମୟରେ ବିଭିନ୍ନ ସ୍ଥାନରେ ଫଟୋ ଓ ଭିଡିଓ କରି ତାହାକୁ ଫେସବୁକ୍, ଇନଷ୍ଟାଗ୍ରାମ୍ ସମେତ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମରେ ପୋଷ୍ଟ କରାଯାଉଥିବା ନଜରକୁ ଆସିଥିଲା । ଏଭଳି ପୋଷ୍ଟ ଯୋଗୁଁ ଡ୍ୟୁଟି ସ୍ଥଳ, ସୁରକ୍ଷା ବ୍ୟବସ୍ଥା ଓ ପୋଲିସର ଗତିବିଧି ସମ୍ପର୍କିତ ସମ୍ବେଦନଶୀଳ ତଥ୍ୟ ପ୍ରଘଟ ହେବାର ଆଶଙ୍କା ରହିଛି । ସୁରକ୍ଷାକୁ ଦୃଷ୍ଟିରେ ରଖି ବିଭିନ୍ନ ସମ୍ବେଦନଶୀଳ ଅଂଚଳ ଯେପରିକି- ଲୋକ ଭବନ, ଲୋକସେବା ଭବନ, ଶ୍ରୀଲିଙ୍ଗରାଜ ମନ୍ଦିର, ଓଡ଼ିଶା ବିଧାନସଭା, ଓଡ଼ିଶା ହାଇକୋର୍ଟ, ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ସମେତ ଅନ୍ୟ ସମ୍ବେଦନଶୀଳ ଓ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନରେ ମୁତୟନ ପୋଲିସ କର୍ମଚାରୀଙ୍କୁ ବିନା ଅନୁମତିରେ ଫଟୋ ଉଠାଇବା କିମ୍ବା କୌଣସି ଇଲେକ୍ଟ୍ରୋନିକ୍ ଡିଭାଇସ୍ ?ରେ ଭିଡିଓ ରେକର୍ଡ କରିବାକୁ ବାରଣ କରାଯାଇଛି । ବର୍ଦ୍ଦିରେ ଥାଇ ଡ୍ୟୁଟି ସ୍ଥଳର ଫଟୋ କିମ୍ବା ଭିଡିଓ ସୋସିଆଲ ମିଡିଆରେ ଅପଲୋଡ୍ ନକରିବାକୁ ନିର୍ଦ୍ଦେଶ ଦିଆଯାଇଛି । ପୋଲିସ ଅଧିକାରୀଙ୍କ ସୋସିଆଲ ମିଡିଆ ବ୍ୟବହାରକୁ ନେଇ ଆସିଥିବା ଏହି ନୂଆ ଗାଇଡଲାଇନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଏବଂ ସମ୍ବେଦନଶୀଳ ସୂଚନା ଅନଧିକୃତ ଭାବେ ସାର୍ବଜନୀନ କରିବାରୁ ରୋକିବା । ନିର୍ଦ୍ଦେଶନାମାର ଉଲ୍ଲଂଘନକୁ ଗୁରୁତର ଭାବେ ନିଆଯିବ ଏବଂ ନିୟମ ଅନୁସାରେ ଉଲ୍ଲଂଘନକାରୀଙ୍କ ବିରୋଧରେ ପଦକ୍ଷେପ ନିଆଯିବ ବୋଲି ସ୍ପଷ୍ଟ କରାଯାଇଛି ।

ଜୟଶଙ୍କର, ପୂର୍ବତନ ସେନା ମୁଖ୍ୟ ଓ ସିବିଆଇ ନିର୍ଦ୍ଦେଶକଙ୍କୁ ଏସ୍ଆଇଆର ନୋଟିସ୍

ନୂଆଦିଲ୍ଲୀ, ୨୦/୯(ନ୍ୟୁ.ଏ): ଦେଶର ରାଜଧାନୀ ଦିଲ୍ଲୀରେ ଚାଲିଥିବା ନିର୍ବାଚନ କମିଶନଙ୍କ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଏସ୍ଆଇଆରକୁ ନେଇ ଆସିଛି ବଡ଼ ଖବର । କେନ୍ଦ୍ରମନ୍ତ୍ରୀ ଏସ୍ ଜୟଶଙ୍କର ଓ ପତ୍ନୀ କୟୋକୋ ଏସ୍ ଜୟଶଙ୍କରଙ୍କୁ ନିର୍ବାଚନ କମିଶନ ପଠାଇଛନ୍ତି ଏସ୍ଆଇଆର ନୋଟିସ । ଅର୍ଥାତ ଏମାନେ ଦିଲ୍ଲୀର ଭୋଟର ଭାବେ ସର୍ଭେ ବେଳେ ଚିହ୍ନଟ ହୋଇ ନାହାନ୍ତି । ଏମାନଙ୍କ ବ୍ୟତୀତ ସିବିଆଇ ନିର୍ଦ୍ଦେଶକ ପ୍ରବୀଣ ସୁଦ ଓ ତାଙ୍କ ପରିବାର, ପୂର୍ବତନ ସେନାଧ୍ୟକ୍ଷ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଓ ତାଙ୍କ ପତ୍ନୀ, ସିପିଏମ ସାଂସଦ ଜନ ବ୍ରିଟାସଙ୍କ ପତ୍ନୀ ଓ ପୁଅଙ୍କୁ ମଧ୍ୟ ଏସ୍ଆଇଆର ନୋଟିସ ପଠାଯାଇଛି । ଦିଲ୍ଲୀରେ ଚାଲିଥିବା ନିର୍ବାଚନ କମିଶନଙ୍କ ଏସ୍ଆଇଆର ପ୍ରକ୍ରିୟା ବେଳେ ଏହି ଭିଭିଆଇପିମାନଙ୍କୁ ନୋଟିସ ପଠାଯାଇଥିବା ଜଣାପଡ଼ିଛି । ଜୟଶଙ୍କର ଓ ତାଙ୍କ ପତ୍ନୀଙ୍କୁ 'ଅନମ୍ୟାପଡ ଫ୍ରମ ଲାଷ୍ଟ ଏସ୍ଆଇଆର' ରଖାଯାଇଛି । ଏହାର ଅର୍ଥ ୨୦୦୨ରେ ହୋଇଥିବା ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ପ୍ରସ୍ତୁତ ବୃତ୍ତାନ୍ତ ଭୋଟର ତାଲିକା ସହ ସେମାନଙ୍କ ବର୍ତ୍ତମାନର ନିର୍ବାଚନୀ ରେକର୍ଡକୁ ଯୋଡ଼ାଯାଇପାରିନାହିଁ । ଜୟଶଙ୍କର ଦମ୍ପତି ନିଜକୁ ନୂଆଦିଲ୍ଲୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସୁନ୍ଦର ବାଗ ଭୋଟ ଭାବେ ପଞ୍ଜିକୃତ କରିଛନ୍ତି । ହେଲେ ପୁରୁଣା ରେକର୍ଡ ସହ ଏହା ମେଳ ଖାଉନାହିଁ । ସିବିଆଇ ନିର୍ଦ୍ଦେଶକ ପ୍ରବୀଣ, ପତ୍ନୀ ବନୀତା ଓ ମା' କମଲେଶ ସୁଦ ମଧ୍ୟ 'ଅନମ୍ୟାପଡ ଫ୍ରମ ଲାଷ୍ଟ ଏସ୍ଆଇଆର' ବର୍ଗରେ ରହିଛନ୍ତି । ସ୍ଥଳ ସେନାର ପୂର୍ବତନ ମୁଖ୍ୟ ଦ୍ୱିବେଦୀ ଓ ତାଙ୍କ ପତ୍ନୀ ସୁନୀତା ମଧ୍ୟ ସମାନ ବର୍ଗରେ ଏସଆଇଆର ନୋଟିସ ପାଇଛନ୍ତି । ସେମାନେ ମଧ୍ୟ ନିଜକୁ ନୂଆଦିଲ୍ଲୀ ନିର୍ବାଚନ ମଣ୍ଡଳୀର ଭୋଟର ଭାବେ ପଞ୍ଜିକୃତ କରିଥିଲେ । ଏପଟେ ସିପିଏମ ସାଂସଦ ଜନଙ୍କ ପତ୍ନୀ ଶେବା ଓ ପୁଅ ଆନନ୍ଦଙ୍କୁ ଭିନ୍ନଭିନ୍ନ କାରଣ ପାଇଁ ଏସ୍ଆଇଆର ନୋଟିସ ମିଳିଛି । ଶେବାଙ୍କୁ ଆତ୍ମଘୋଷିତ ନାଁରେ ଭିନ୍ନତା ରହିଥିବା ବର୍ଗରେ ରଖାଯାଇଛି । ଆନନ୍ଦଙ୍କ ବାପା ମା'ଙ୍କ ନାଁରେ ଭିନ୍ନତା ଥିବା କୁହାଯାଇଛି । ଶେବାଙ୍କ ଭୋଟର ତାଲିକାରେ ତ୍ରୁଟି ଥିବାରୁ ଆନନ୍ଦ ସେହି ଅନୁସାରେ ନୋଟିସ ହୋଇଥିବା କୁହାଯାଉଛି । ଶେବା ଓ ଆନନ୍ଦ ମଧ୍ୟ ନୂଆଦିଲ୍ଲୀ ନିର୍ବାଚନ ମଣ୍ଡଳୀର ଭୋଟର ରହିଛନ୍ତି । ଏମାନଙ୍କ ବ୍ୟତୀତ ଦିଲ୍ଲୀର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ ଓ ତାଙ୍କ ପରିବାର, ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ରଞ୍ଜନା ଦେଶାଇ ଓ ତାଙ୍କ ପରିବାର ୩ ସଦସ୍ୟ ଏବଂ ଦିଲ୍ଲୀ ସରକାରରେ କାର୍ଯ୍ୟ କରୁଥିବା ଅନେକ ଆଇଏଏସ୍ ଅଫିସରଙ୍କୁ ମଧ୍ୟ ନିର୍ବାଚନ କମିଶନ ନୋଟିସ କରିଛନ୍ତି ।

ନନ୍ଦନକାନନରେ ସୁସ୍ଥ ଅଛନ୍ତି ୫ ଓରାଙ୍ଗଉଟାନ

ବନେଶ୍ୱର, ୨୦/୯ (ଆ.ପ୍ର) : ବାଲେଶ୍ୱର ଭୋଗରାଇ ଜଙ୍ଗଲରୁ ଉଦ୍ଧାର ହୋଇଥିବା ୫ ଓରାଙ୍ଗଉଟାନ୍ ଶାବକଙ୍କ ସ୍ୱାସ୍ଥ୍ୟ ନେଇ ଆସିଛି ଆଶ୍ୱାସିକର ଖବର । ସମସ୍ତ ଶାବକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସମୟରେ ସ୍ଥିର ଥିଲା ଏବଂ ସମସ୍ତେ ସ୍ୱାଭାବିକ ଭାବେ ଖାଦ୍ୟ ଗ୍ରହଣ କରୁଛନ୍ତି । ଥର୍ମାଲ୍ କ୍ୟାମେରା ମାଧ୍ୟମରେ ଶାବକମାନଙ୍କ ଶରୀର ତାପମାତ୍ରା ଯାଂଚ କରାଯାଇଛି ।ସେମାନଙ୍କ ଖାଦ୍ୟ ବଢ଼ାଇବା ପାଇଁ ପରାମର୍ଶ ଦେଇଛନ୍ତି ଟେକନିକାଲ ଟିମ୍ ସଦସ୍ୟ । ଆଉ ବଢ଼ିବ ଯତ୍ନ । କ୍ୱାରେଂଟାଇନ୍ ଫାସିଲିଟିକୁ ଟେକ୍ନିକାଲ୍ କମିଟିର ସଦସ୍ୟ ଡା. ଅଭିଜିତ ରାୱାଲ୍, ଦିଲ୍ଲୀ ଜୁ'ର ଭେଟେରିନାରୀ ଅଫିସର ଏବଂ ଡଓଓ ଦେହରାଦୁନ୍‌ର ୱାଇଲ୍ଡଲାଇଫ୍ ଭେଟେରିନାରିଆନ୍ ଡା. ସନଥ କୃଷ୍ଣ ମୁଲିଆ ପରିଦର୍ଶନ କରି ଶାବକମାନଙ୍କୁ ପରୀକ୍ଷା କରିଛନ୍ତି । ବିଶେଷଜ୍ଞମାନେ ଧୀରେ ଧୀରେ ଖାଦ୍ୟର ପରିମାଣ ବଢ଼ାଇବା ସହ ସଲିଡ୍ ଫୁଡ୍ ଡାଏଟ୍‌ରେ ସାମିଲ କରିବାକୁ ପରାମର୍ଶ ଦେଇଛନ୍ତି । ଦିଲ୍ଲୀ ଚିଡିଆଖାନାରୁ ଆସିଥିବା ଭେଟନାରୀ ଅଧିକାରୀ ଡକ୍ଟର ଅଭିଜିତ ରାବଲ ଏବଂ ଡାକ୍ତର ସନତ କ୍ରୀଷ୍ଣା ମୂଲୀୟ ଡେରାଡୁନ୍‌ରୁ ଆସି ଗତକାଲି ଶାବକଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଯାଂଚ କରିଛନ୍ତି । ପାଣି ଖାଦ୍ୟ ସହ ସଲିଡ୍ ଫୁଡ୍ ଧୀରେ ଧୀରେ ଦେବା ପାଇଁ ପରାମର୍ଶ ଦେଇଛନ୍ତି ଟେକନିକାଲ ଟିମ୍ ।

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ମା' ବାପା, ତିନି ଭାଇଙ୍କ ଜୀବନରେ ମାନବିକତାର ନିଆରା ଉଦାହରଣ

ରକ୍ତର ସମ୍ପର୍କ ନାହିଁ, ମାନବିକତାର ସମ୍ପର୍କ ଅଛି; ତିନି ଅନାଥ ଭାଇଙ୍କ ସାହାରା ସାରା ଗାଁ

କୋରାପୁଟ, ୨୦/୦୯ (ଆ.ପ୍ର) : ଆଧୁନିକତାର ଛୁଆଁରେ ଧୀରେଧୀରେ ବଦଳୁଛି ସମ୍ପର୍କର ପରିଭାଷା । ହେଲେ ଆଜି ବି ଗାଁ ମାଟିରେ ବଂଚିଛି ମାନବିକତା, ସ୍ନେହ ଓ ଆପଣାପଣିଆର ନିଆରା ସମ୍ପର୍କ । ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି କୋରାପୁଟ ସଦର ବ୍ଲକ ମନବାର ପଂଚାୟତ ଅନ୍ତର୍ଗତ ମେଣ୍ଡାଗୁଡା ଗ୍ରାମରେ । ମା'ବାପାଙ୍କ ସ୍ନେହରୁ ବଂଚିତ ତିନି ଭାଇଙ୍କ ପାଇଁ ସାରା ଗାଁ ହିଁ ପାଲଟିଛି ପରିବାର । ଛୋଟ ବୟସରୁ ମା'ବାପାଙ୍କୁ ହରାଇଥିବା ଏହି ତିନି ଭାଇଙ୍କୁ ନିଜ ପିଲାଙ୍କ ଭଳି ଆପଣାଇ ନେଇଥିଲେ ଗ୍ରାମବାସୀ । ଗାଁର କୌଣସି ଘରେ ଭୋଷେଇ ହେଲେ ତିନି ଭାଇଙ୍କ ଭୋଜନ କଥା ମଧ୍ୟ ଚିନ୍ତା କରାଯାଉଥିଲା । କିଏ ସାନ ଭାଇକୁ ଡାକି ଖାଇବାକୁ ଦେଉଥିଲେ ତ ଆଉ କିଏ ମଝିଆ ଓ ବଡ଼ ଭାଇଙ୍କୁ ନିଜ ଘରେ ଖୁଆଉଥିଲେ । ଏଭଳି ଭାବେ ଗ୍ରାମବାସୀଙ୍କ ସ୍ନେହ, ଶ୍ରଦ୍ଧା ଓ ସହଯୋଗରେ ତିନି ଭାଇ ବଡ଼ ହୋଇଛନ୍ତି । ବର୍ତ୍ତମାନ ତିନି ଭାଇ ଯୁବକ ହୋଇଥିବା ବେଳେ ସେମାନଙ୍କ ପାଇଁ ଗ୍ରାମବାସୀ ମିଶି ଏକ ଛୋଟ ମାଟି କୁଡ଼ିଆ ତିଆରି କରିଦେଇଛନ୍ତି । ଏହି କୁଡ଼ିଆ ହିଁ ଏବେ ସେମାନଙ୍କ ଆଶ୍ରୟସ୍ଥଳ । ବଡ଼ ଭାଇ ଦୁର୍ଯ୍ୟୋଧନ ମୁଦୁଲି ଭୋରୁ ପ୍ରାୟ ୪ଟାରୁ ଉଠି ଭୋଷେଇ କରନ୍ତି । ସାନ ଦୁଇ ଭାଇଙ୍କୁ ଖାଇବାକୁ ଦେଇ କୁଲି କାମକୁ ପଠାଇବା ପରେ ନିଜେ ମଧ୍ୟ ଶ୍ରମ କରିବାକୁ ଯାଆନ୍ତି । ସରକାରୀ ସୁବିଧା କହିଲେ ତିନି ଭାଇଙ୍କୁ ଚାଉଳ ମିଳୁଛି । ହେଲେ ମୁଣ୍ଡ ଗୁଞ୍ଜିବା ପାଇଁ ସ୍ଥାୟୀ ଘରଟିଏ ନାହିଁ । ଏକ ସରକାରୀ ଆବାସ ଘର ପାଇଁ ସେମାନେ ଅପେକ୍ଷା କରିଛନ୍ତି । ଦୁର୍ଯ୍ୟୋଧନଙ୍କ କହିବା ଅନୁଯାୟୀ, ଆବାସ ଘରଟିଏ ମିଳିଲେ ତିନି ଭାଇ ନିରାପଦରେ ଜୀବନ ବିତାଇପାରିବେ । ଗ୍ରାମବାସୀ ମଧ୍ୟ ସରକାରଙ୍କ ନିକଟରେ ତିନି ଭାଇଙ୍କ ପାଇଁ ଆବାସ ଘର ଯୋଗାଇଦେବାକୁ ଦାବି କରିଛନ୍ତି । ଛୋଟବେଳେ ଯେଉଁ ଗାଁ ସେମାନଙ୍କୁ ଆଶ୍ରୟ ଦେଇଥିଲା, ଆଜି ବି ସେହି ଗାଁ ସେମାନଙ୍କ ସାହାରା ହୋଇ ରହିଛି । ଏ ସମ୍ପର୍କରେ କୋରାପୁଟ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ କହିଛନ୍ତି, ସଦର ବିଡିଓଙ୍କ ସହ ଆଲୋଚନା କରି ତିନି ଭାଇଙ୍କୁ ଆବାସ ଘର ଯୋଗାଇଦେବା ପାଇଁ ବ୍ୟବସ୍ଥା କରାଯିବ । ଏବେ ପ୍ରଶାସନର ଏହି ପ୍ରତିଶ୍ରୁତି କେବେ ବାସ୍ତବ ରୂପ ନେଉଛି ଏବଂ ତିନି ଭାଇଙ୍କ ମୁଣ୍ଡ ଉପରେ କେବେ ପଡୁଛି ସ୍ଥାୟୀ ଛାତ, ତାହାକୁ ଅପେକ୍ଷା କରିଛନ୍ତି ମେଣ୍ଡାଗୁଡା ଗ୍ରାମବାସୀ ।

ଲଳିତ ପାରୀଙ୍କ ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ

ପଣ୍ଡରା ମାଳିସମାଜ ତରଫରୁ ଆର୍ଥିକ ସହାୟତା

ଧର୍ମଗଡ଼, ୨୦/୦୯ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା ପଣ୍ଡରା ମାଳି ସମାଜ, ଯୁବ ବାହିନୀ ଓ ସେବାସଂଘ ପକ୍ଷରୁ ଗଡିଆଜୋର ଗ୍ରାମର ଅସୁସ୍ଥ ଲଳିତ ପାରିଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ସୂଚନା ଅନୁସାରେ, ଲଳିତ ପାରି ଦୀର୍ଘ ପ୍ରାୟ ୯ ମାସ ଧରି ନ୍ୟୁରୋଲୋଜି ସମ୍ବନ୍ଧୀୟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି । ଏପର୍ଯ୍ୟନ୍ତ ଚିକିତ୍ସାରେ ବହୁ ଅର୍ଥ ଖର୍ଚ୍ଚ ହୋଇଥିବା ବେଳେ ଆଗାମୀ ଚିକିତ୍ସା ପାଇଁ ମଧ୍ୟ ଅଧିକ ଅର୍ଥର ଆବଶ୍ୟକତା ରହିଛି । ତେବେ ଲଳିତଙ୍କ ଆର୍ଥିକ ସ୍ଥିତି ଦୁର୍ବଳ ଥିବାରୁ ସେ ସମାଜର ସହଯୋଗ ଲୋଡ଼ିଥିଲେ । ଲଳିତ ପାରିଙ୍କ ସହାୟତା ପାଇଁ ଅନୁରୋଧ ପାଇବାର ମାତ୍ର ୧୦ ଘଂଟା ମଧ୍ୟରେ ପଣ୍ଡରା ମାଳି ସମାଜ, ଯୁବ ବାହିନୀ ଓ ସେବାସଂଘ ପକ୍ଷରୁ ସହଯୋଗର ହାତ ବଢ଼ାଇ ୨୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି । ଯୁବ ବାହିନୀ ସଭାପତି ଭବାନୀ ଶଙ୍କର ବଣିଆ ଏବଂ ଆଇନ ପରାମର୍ଶ ଦାତା ଦୁର୍ଗା ପ୍ରସାଦ ନାଏକଙ୍କ ନେତୃତ୍ୱରେ ସମାଜର କର୍ମକର୍ତ୍ତାମାନେ ଲଳିତ ପାରିଙ୍କ ବାସଭବନରେ ପହଂଚି ସହାୟତା ରାଶି ପ୍ରଦାନ କରିଥିଲେ । ଏହି ସମୟରେ କୁଳପତି ପ୍ରକାଶ ନାଏକ, ସଭାପତି ଈଶ୍ୱର ପୂଜାରୀ, ଉପସଭାପତି ରାଜେନ୍ଦ୍ର ଭୋଇ, ରତନ ନାଏକ, ଶ୍ରବଣ ପୂଜାରୀ, ଝସକେତନ ପାରି, ଲକ୍ଷ୍ମୀଧର ନାଏକ, ପ୍ରକାଶ ନାଏକ, ସୁମିତ ବଣିଆ, ଶ୍ରୀକାନ୍ତ ନାଏକଙ୍କ ସମେତ ସମାଜର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଅସୁସ୍ଥ ଲଳିତ ପାରିଙ୍କ ଚିକିତ୍ସା ପାଇଁ ସମାଜ ପକ୍ଷରୁ କରାଯାଇଥିବା ଏହି ସହଯୋଗକୁ ସ୍ଥାନୀୟ ଅଂଚଳରେ ବେଶ ପ୍ରଶଂସା କରାଯାଉଛି ।

ଭାରତୀୟ ଜନତା ପାର୍ଟି ତରଫରୁ ସେବା ସଂକଳ୍ପ ଅଭିଯାନ

ରାୟଗଡ଼ା, ୨୦/୦୯ (ଆ.ପ୍ର) : ରାୟଗଡ଼ ଜିଲ୍ଲା ବିଜେପିର ସଭାପତି ଗୋପୀ ଆନନ୍ଦଙ୍କ ଆଗ୍ରହ କ୍ରମେ ଦେଶର ପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିବସ ଉପଲକ୍ଷେ ସେବା ସଂକଳ୍ପ ଅଭିଯାନର ଆରମ୍ଭ ଦିବସରୁ ଆଗାମୀ ୧୦୦ ଦିନ ପର୍ଯ୍ୟନ୍ତ ଜିଲ୍ଲା ସ୍ତରୀୟ ଜନ ସମ୍ପର୍କ ତଥା ବୁଥ ଶସକ୍ତିକରଣ ପଦଯାତ୍ରା ଡିସେମ୍ବର ମାସ ୨୫ ତାରିଖ (ଅଟଳ ଜୟନ୍ତୀ) ପର୍ଯ୍ୟନ୍ତ ଦୀର୍ଘ ୧୦୦ ଦିନର ପଦଯାତ୍ରା ସାରା ଜିଲ୍ଲାରେ ଆରମ୍ଭ ହୋଇଛି । ଉକ୍ତ ପଦଯାତ୍ରାର ଶୁଭାରମ୍ଭ, ରାୟଗଡ଼ ନଗର ସଭାପତି ରାଜେଶ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ରାୟଗଡ ନଗରର ରାଣୀଗୁଡ଼ା ଫାର୍ମ ସ୍ଥିତ ମଙ୍ଗଳା ମନ୍ଦିର ପ୍ରାଙ୍ଗଣରୁ ଆରମ୍ଭ ହୋଇ ବାହାରି ମା ମଝିଘରିଆଣୀ ମନ୍ଦିର ଠାରେ ପହଂଚିଥିଲା, ପଦଯାତ୍ରା ଖୁବ୍ ପଟୁଆର ସହ ଧୁମ୍ ଧାମରେ ପାଳନ ହୋଇଥିଲା । ସେହିଭଳି ପରବର୍ତ୍ତୀ ସମୟରେ ନଗରର ଅନ୍ୟ ୱାର୍ଡ଼ ଏବଂ ଅନ୍ୟ ମଣ୍ଡଳ ସ୍ତରରେ ଚାଲିବ ବୋଲି ଜିଲ୍ଲା ଭାଜପା ପକ୍ଷରୁ ସୂଚନା ରହିଛି । ଉକ୍ତ ପଦଯାତ୍ରାରେ ନଗର ଭାଜପାର ବେବତୁଲ୍ୟ କାର୍ଯ୍ୟକର୍ତ୍ତା, ଜିଲ୍ଲା ସଭାପତି ଗୋପୀ ଆନନ୍ଦ, ନଗର ସଭାପତି ରାଜେଶ କୁମାର ପାଣିଗ୍ରାହୀ, ନଗର ପ୍ରଭାରି ଚକ୍ରି ଦିଡିକା, ସଂସଦ ପ୍ରାର୍ଥୀ କାଳୀ ରାମ ମାଝୀ, ବିଧାୟକ ପ୍ରାର୍ଥୀ ତଥା ରାଜ୍ୟ ଜନଜାତି ମୋର୍ଚ୍ଚାର ଉପସଭାପତି ବସନ୍ତ ଉଲ୍ଲାକା, ରାଜ୍ୟ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଶିବ ଶଙ୍କର ଉଲ୍ଲାକା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା କଂଡ୍ରା ଅଶ୍ୱିନୀ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ରଜିତା କରୋତା, ପୂର୍ବତମ ଜିଲ୍ଲା ମହିଳା ସଭାନେତ୍ରୀ ବି ଲକ୍ଷ୍ମୀ, ଜିଲ୍ଲା କୃଷକ ମୋର୍ଚ୍ଚାର ଜିତେନ୍ଦ୍ର ବେହେରା, ଜିଲ୍ଲା ଯୁବ ମୋର୍ଚ୍ଚାର ପ୍ରୀତମ କୁମାର, ଗୋପାଳ ଖରା, ଏସ୍‌ଡ଼ିସି ଉପାଧ୍ୟକ୍ଷା ମଞ୍ଜୁଳା ମିଣିଆକା, ନଗରର ଉଭୟ ସାଧାରଣ ସମ୍ପାଦକ ରାଜେଶ ନାଇଡୁ, ଅଜୟ ଶର୍ମା, ଉପସଭାପତି ଦେବଗିରି ପଟ୍ଟନାୟକ, ରାମ କୃଷ୍ଣ ପାଣିଗ୍ରାହୀ, ପି ସାଇ ପ୍ରାସାଦ,ଶିବା ଭାସ୍କର, ବି ଦେବୀ, ଝରଣା ପାଣି, ଶ୍ରୀନିବାସ ଗଉଡ଼ିଆ, ରାମ ଗଉଡ଼ିଆ ଜିଲ୍ଲା ଏବଂ ନଗରର କାର୍ଯ୍ୟକାରିଣୀ ସଦସ୍ୟ ସଦସ୍ୟା ସମେତ ଶକ୍ତିକେନ୍ଦ୍ର ପ୍ରମୁଖ,ଓ ବୁଥ ସ୍ତରୀୟ ପଦାଧିକାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଭବ୍ୟ ସମାରୋହରେ ପ୍ରତିପାଳିତ କରିବା ସହିତ ସନ୍ଧ୍ୟାରେ ବିଭିନ୍ନ ମନ୍ଦିରରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୀର୍ଘାୟୁ ଏବଂ ସୁସ୍ଥ କାମନା କରି ଦୀପ ଜାଳିଥିଲେ । ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଜିଲ୍ଲା ସଭାପତି ସଂଗଠନକୁ ସୁଦୃଢ଼ କରିବା ପାଇଁ ବୁଥ ସ୍ତରରେ ପଦଯାତ୍ରା କରି କାର୍ଯ୍ୟକର୍ତ୍ତାଙ୍କ ମନବଳକୁ ମଜବୁତ କରିବାର ପ୍ରୟାସକୁ ଦଳୀୟ ମହଲରେ ସ୍ୱାଗତ କରାଯାଇଛି ।

ଚିଲିକା ଓ ବାଣପୁର ବ୍ଲକରେ ଉଲ୍ଲାସ ପରୀକ୍ଷା କାର୍ଯ୍ୟକ୍ରମ

ଚିଲିକା/ବାଣପୁର, ୨୦/୦୯(ଆ.ପ୍ର): ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ଅନ୍ତର୍ଗତ ସମସ୍ତ ବିଦ୍ୟାଳୟରେ ଚିଲିକା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦ୍ୱାରିକାନାଥ ବେହେରାଙ୍କ ତତ୍ତ୍ୱାବଧାନରେ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ଉଲ୍ଲାସ ପରୀକ୍ଷା ଅନୁଷ୍ଠିତ ହୋଇଯାଇଅଛି । ମାନ୍ୟବର କେନ୍ଦ୍ର ସରକାରଙ୍କ ଯୋଜନା ଅନୁଯାୟୀ ସମସ୍ତଙ୍କୁ ସାକ୍ଷରତା କରି ସର୍ବନିମ୍ନ ଭାଷାଜ୍ଞାନ ଓ ସଙ୍ଖ୍ୟା ଜ୍ଞାନର ଦକ୍ଷତା ହାସଲ କରି ଶିକ୍ଷିତ ହେବା ପାଇଁ ସମସ୍ତ ସରକାରୀ ବିଦ୍ୟାଳୟରେ ଉକ୍ତ କାର୍ଯ୍ୟକ୍ରମ ଚାଲିଥିବା ଅବସରରେ ଚିଲିକା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଧୂଆଁଳି ଠାରେ ୫୨ ଜଣ ଶିକ୍ଷାର୍ଥୀ ପରୀକ୍ଷା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଚିଲିକା ସହଗୋଷ୍ଠୀ ଶିକ୍ଷା ଅଧିକାରୀ ଗଗନ ବିହାରୀ ବେହେରା, ସିଙ୍ଗେଶ୍ୱର କ୍ଲଷ୍ଟରର ସିଆରସିସି କୁଳମଣି ବାରିକ, ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ବରାଳଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ । ସେହିଭଳି ବାଣପୁର ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀ ସନାତନ ଜାଲିଙ୍କ ଦ୍ୱାରା ଓ ବିଆରସିସି,୧୨ ଜଣ ସିଆରସିସିଙ୍କ ଦ୍ୱାରା ଓ ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ତଥା ଉଲ୍ଲାସ ନୋଡାଲ ଅଧିକାରୀଙ୍କ ତତ୍ତ୍ୱାବଧାନରେ ବାଣପୁର ବ୍ଲକ୍ ରେ ମୋଟ ୬୫୦୦ ଜଣ ଉଲ୍ଲାସ ଶିକ୍ଷାର୍ଥୀ ପରୀକ୍ଷାରେ ଯୋଗ ଦେଇଥିଲେ । ନବ ଭାରତ ସାକ୍ଷରତା ଅଭିଯାନରେ ସରକାରଙ୍କ ଏହି ପଦକ୍ଷେପ ସବୁ ମହଲରୁ ପ୍ରଶଂସା କରାଯାଉଛି । ଏଥିରେ ଜଣେ ନିରକ୍ଷର କିପରି ସାକ୍ଷର ହୋଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବ ସରକାର ଏହି ଅଭିଯାନ ସ୍ୱାଗତ ଯୋଗ୍ୟ ଅଟେ । ଏହି ପରୀକ୍ଷା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସମସ୍ତ ଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି । ପରବର୍ତ୍ତୀ ସମୟରେ ସେମାନେ ସରକାରଙ୍କ ଦ୍ୱାରା ମାଗଣାରେ ଏସ୍‌ଓଆଇଏସ୍ ଆଡମିଶନ୍ କରି ପାଠପଢ଼ି ପାରିବେ ।

ବାହାରିନରେ ଓଡ଼ିଆ ସମାଜ ତରଫରୁ ଗଣେଶ ବିସର୍ଜନ ପୂଜା ପାଳିତ

ଜଗତସିଂହପୁର, ୨୦/୦୯ (ଆ.ପ୍ର) : ଚଳିତବର୍ଷ ବାହରିନ ଓଡ଼ିଆ ସମାଜ ତରଫରୁ ବିଘ୍ନରାଜ ଗଣେଶଙ୍କ ବିସର୍ଜନ ପୂଜା ଅର୍ଚ୍ଚନା ଓଡ଼ିଆ ନୀତିକାନ୍ତି ଅନୁଯାୟୀ ପାଳନ କରାଯାଇଛି । ବହୁ ସଂଖ୍ୟକ ସଭ୍ୟ ଓ ଅତିଥିଙ୍କ ସମାଗମ ହୋଇଥିଲା । ବାହାରିନ୍ ଓଡ଼ିଆ ସମାଜର ଶିଶୁ କଳାକାରମାନଙ୍କ ଦ୍ୱାରା ଶ୍ରୀଗଣେଶଙ୍କର ଭଜନ ପରିବେଷଣ କରାଯାଇଥିଲା । ଏହି ଅବସରରେ ସମାଜ ଦ୍ୱାରା ପ୍ରସାଦ ବଂଟନର ଆୟୋଜନ କରାଯାଇଥିଲା । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ବାହାରିନ ଓଡ଼ିଆ ସମାଜ ପ୍ରତ୍ୟେକ ବର୍ଷ ଓଡ଼ିଶାର ପ୍ରାୟ ସମସ୍ତ ପର୍ବପର୍ବାଣି ପାଳନ କରିଆସୁଛି । ଓଡିଶାର ସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ ବିଶ୍ୱ ଦରବାରରେ ଉଚ୍ଚ ପ୍ରଶଂସିତ ହେଉଛନ୍ତି । ସେଥିପାଇଁ ସମାଜର ବରିଷ୍ଠ ସଦସ୍ୟ ଦୀନେଶ ମହାନ୍ତି, ସରୋଜ ସାମଲ୍, ପ୍ରିୟବ୍ରତ ରଥ, ଭବାନୀ ମିଶ୍ର ଓ ସମାଜର ଅନ୍ୟ ସଭ୍ୟବୃନ୍ଦ ସଶାଙ୍କ ରଥ, ସୁବ୍ରରଞ୍ଜନ ଭୂୟାଁ, ଅମରନାଥ ସୁବୁଧି, ଗିରିଶ ପଣ୍ଡା, ପ୍ରବୋଧ କୁମାର ଓ ସୁଶାନ୍ତ କୁମାର ସମାଜର ସମସ୍ତ ଭକ୍ତମାନଙ୍କୁ ଧନ୍ୟବାଦ୍ ଜଣାଇବା ସହ ପୂଜା ର ସମସ୍ତ କାର୍ଯ୍ୟ ତୁଲାଇ ଥିଲେ । ବାହାରିନ ଓଡ଼ିଆ ସମାଜର କାର୍ଯ୍ୟକାରୀ ସମିତି ସଭାପତି ରାମଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ଶାରଦା ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଅମରେଶ ପଣ୍ଡା, ଜନ ସମ୍ପର୍କ ସଂପାଦିକା ଅଙ୍କିତା ନାୟକ, ସାଂସ୍କୃତିକ ସଂପାଦିକା ସରିତା ପାଢ଼ୀ, କୋଷାଧ୍ୟକ୍ଷ ଅଶୋକ ପାଣି, କ୍ରୀଡା ସମ୍ପାଦକ ଅନିରୁଦ୍ଧ ବିଶ୍ୱାଳ, ବାହାରିନ୍ ଓଡ଼ିଆ ସମାଜର ସମସ୍ତ ସଭ୍ୟମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।

ସାଗର ଭାରତୀ ତରଫରୁ ସ୍ୱଚ୍ଛ ସାଗର, ସୁରକ୍ଷିତ ସାଗର

ବାସୁଦେବପୁର, ୨୦/୦୯ (ଆ.ପ୍ର) : ସମୁଦ୍ର ଆମ ଜୀବନର ଆଧାର ସମୁଦ୍ର ଆମ ଅର୍ଥନୀତିର ଭିତି ଆଉ ଏହି ବିଶାଳ ସମୁଦ୍ର ତଟର ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ । ଏହି ବାର୍ତ୍ତା ନେଇ ସାଗର ଭାରତୀ ଭଦ୍ରକ ଜିଲ୍ଲା ପକ୍ଷରୁ ପାଳିତ ହୋଇଛି ସମୁଦ୍ର ତଟ ସୁରକ୍ଷା ଦିବସ । ଚୂଡ଼ାମଣି ଓ କସିଆ ପରେ ଆଜି ମୋହନପୁର ଜଗନ୍ନାଥ ମନ୍ଦିର ଏବଂ ଜେଠୀ ଅଂଚଳରେ ଚାଲିଥିଲା ସଫେଇ, ସଚେତନତା ଶୋଭାଯାତ୍ରା, ବୌଦ୍ଧିକ କାର୍ଯ୍ୟକ୍ରମ ଓ ସାଗର ଆରତୀ ସ୍ୱଚ୍ଛ ସାଗର ସୁରକ୍ଷିତ ସାଗର ସମୁଦ୍ର ତଟକୁ ସ୍ୱଚ୍ଛ ରଖିବା ସହ ପରିବେଶ ସୁରକ୍ଷାର ବାର୍ତ୍ତା ନେଇ ଏକାଠି ହେଲେ ସାଗର ଭାରତୀ ଭଦ୍ରକ ଜିଲ୍ଲାର କର୍ମକର୍ତ୍ତା ଓ ସଦସ୍ୟମାନେ । ପ୍ରଥମେ ସମୁଦ୍ର ତଟରେ ସଫେଇ ଅଭିଯାନ । ହାତରେ ଝାଡୁ ଓ ସଫେଇ ସାମଗ୍ରୀ ଧରି ଆବର୍ଜନା ସଫା କରିଥିଲେ କାର୍ଯ୍ୟକର୍ତ୍ତାମାନେ । ସମୁଦ୍ରକୁ ପ୍ଲାଷ୍ଟିକ୍ ଓ ଆବର୍ଜନାମୁକ୍ତ ରଖିବା ସହ ଉପକୂଳ ପରିବେଶର ସୁରକ୍ଷା ନେଇ ଦିଆଯାଇଥିଲା ସଚେତନତାର ବାର୍ତ୍ତା । ସଫେଇ ପରେ ବାହାରିଥିଲା ସଚେତନତା ଶୋଭାଯାତ୍ରା । "ସ୍ୱଚ୍ଛ ସାଗର, ସୁରକ୍ଷିତ ସାଗର" ନାରାରେ ପ୍ରକମ୍ପିତ ହୋଇଥିଲା ଅଂଚଳ । ସମୁଦ୍ର ତଟରେ ପ୍ଲାଷ୍ଟିକ୍ ବ୍ୟବହାର ହ୍ରାସ, ଆବର୍ଜନା ନ ପକାଇବା ଏବଂ ସାଗରୀୟ ପରିବେଶକୁ ସୁରକ୍ଷା କରିବା ପାଇଁ ସାଧାରଣ ଲୋକଙ୍କୁ କରାଯାଇଥିଲା ସଚେତନ । ପରେ ଆୟୋଜିତ ହୋଇଥିଲା ବୌଦ୍ଧିକ କାର୍ଯ୍ୟକ୍ରମ । ସମୁଦ୍ରର ଗୁରୁତ୍ୱ, ଉପକୂଳ ସୁରକ୍ଷା ଏବଂ ପରିବେଶ ସୁରକ୍ଷା ସମ୍ପର୍କରେ ଆଲୋଚନା ହୋଇଥିଲା ।ସମୁଦ୍ର କେବଳ ଜଳରାଶି ନୁହେଁ ଏହା ଅନେକ ଲୋକଙ୍କ ଜୀବନ ଓ ଜୀବିକାର ଆଧାର । ତେଣୁ ସମୁଦ୍ରକୁ ସୁରକ୍ଷିତ ରଖିବା ସହ ଆଗାମୀ ପିଢ଼ି ପାଇଁ ଏକ ସ୍ୱଚ୍ଛ ଓ ସୁସ୍ଥ ଉପକୂଳ ଛାଡ଼ିଯିବା ହେଉଛି ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ । ଶେଷରେ ଆୟୋଜିତ ହୋଇଥିଲା ଭକ୍ତି ଓ ପରିବେଶ ସଚେତନତାର ଅନନ୍ୟ ସମନ୍ୱୟ- ସାଗର ଆରତୀ । ମନ୍ତ୍ର ଓ ପ୍ରାର୍ଥନାରେ ପରିବେଶ ଏବଂ ସମୁଦ୍ରର ସୁରକ୍ଷା ପାଇଁ କାମନା କରାଯାଇଥିଲା । କାର୍ଯ୍ୟକ୍ରମରେ ସାଗର ଭାରତୀ ଭଦ୍ରକ ଜିଲ୍ଲାର ସଭାପତି ରାଜକିଶୋର ରାୟ, ସେବା ପ୍ରମୁଖ ମାନସ କୁମାର ନାୟକ, ପ୍ରଚାରକ ସୁବାସ ଚନ୍ଦ୍ର ବେହେରା, ପ୍ରଚାର ପ୍ରମୁଖ ପ୍ରତାପ କୁମାର ପାଢ଼ୀଙ୍କ ସମେତ ବିଜେପି ନେତା ଅଶୋକ କୁମାର ସାହୁ, ପୀତବାସ ବେହେରା, ହେମନ୍ତ ବାରିକ, ତ୍ରୈଲୋଚନ ବାରିକ, ନିର୍ମଳ ପଣ୍ଡା, ବିଜୟ ମାଝୀ, ବିଜୟ ବିଶ୍ୱାଳଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଓ ସ୍ଥାନୀୟ ଲୋକେ ଯୋଗଦେଇଥିଲେ । ସମୁଦ୍ର ଆମର, ଉପକୂଳ ଆମର, ଆଉ ଏହାର ସୁରକ୍ଷା ମଧ୍ୟ ଆମ ସମସ୍ତଙ୍କ ଦାୟିତ୍ୱ । "ସ୍ୱଚ୍ଛ ସାଗର, ସୁରକ୍ଷିତ ସାଗର"- ଏହି ବାର୍ତ୍ତା ସହ ମୋହନପୁରରେ ସମାପ୍ତ ହୋଇଛି ସମୁଦ୍ର ତଟ ସୁରକ୍ଷା ଦିବସର କାର୍ଯ୍ୟକ୍ରମ ।

ଏକ୍ସ କ୍ୟାଡ଼ର ମହାସଂଘ ଭୁବନେଶ୍ୱର ରାଲିରେ ରାଜ୍ୟ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଓ ଭିନ୍ନକ୍ଷମ କ୍ୟାଡ଼ର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସାମିଲ ହେବେ ନାହିଁ

ଖୋର୍ଦ୍ଧା ଭୁବନେଶ୍ୱର, ୨୦/୦୯ (ଆ.ପ୍ର) : ରାଜ୍ୟ ସରକାର ଗଣଶିକ୍ଷା ବିଭାଗ, ରାଜ୍ୟରଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଓ ଭିନ୍ନକ୍ଷମ କ୍ୟାଡ଼ର ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ବିଭିନ୍ନ ସମୟରେ ସୁବିଧା ପ୍ରଦାନ କରି ଆସୁଛନ୍ତି । ଆଗକୁ ଆମ ସମସ୍ୟାର ସମାଧାନ ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି । ତେଣୁ ଆମେ ସମସ୍ତ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଓ ଭିନ୍ନକ୍ଷମ କ୍ୟାଡ଼ର ଶିକ୍ଷକ ଶିକ୍ଷୟିତ୍ରୀମାନେ ପୂର୍ଣ୍ଣମାତ୍ରାରେ ସରକାରଙ୍କୁ ସହଯୋଗ କରିବା ସହିତ କାର୍ଯ୍ୟରତ ବିଦ୍ୟାଳୟମାନଙ୍କରେ ନିୟମିତ ଓ ନିରବଛିନ୍ନ ଭାବେ ଶିକ୍ଷାଦାନ କରିବୁ ଓ ରାଜ୍ୟ ଏକ୍ସ କ୍ୟାଡ଼ର ମହାସଂଘ ଦେଇଥିବା ୨୧ ତାରିଖ ରାଲିରେ ସାମିଲ ହେବେ ନାହିଁ । ଏସସି, ଏସଟି ଶିକ୍ଷକ ସଙ୍ଘ ୨୧ ତାରିଖ ଏଏକ୍ସ କ୍ୟାଡ଼ର ଶିକ୍ଷକ ସଂଘ ଧାରଣା ରେ ଯୋଗ ଦେବେ ନାହିଁ ବୋଲି ନାଗଭୂଷଣ ଭବନ ଠାରେ ହୋଇଥିବା ଏକ ସମାବେଶ ରେ ଘୋଷଣା କରିଛନ୍ତି । ସଙ୍ଘ ପକ୍ଷରୁ ସଭାପତି ବିଜୟ ମାଝୀ ଓ ସମ୍ପାଦକ ସୁଶାନ୍ତ କୁମାର କହିଛନ୍ତି ଓ ସରକାରଙ୍କର କାର୍ଯ୍ୟରେ ଯୋଗଦେବାକୁ ନିଷ୍ପତି ଗ୍ରହଣ କରିଛନ୍ତି । ଏ ସଂକ୍ରାନ୍ତରେ ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି ।

ବୈରୀ ପୋଲିସ ଦ୍ୱାରା ନକଲି ଜରଦା ସହ ଜଣେ ଗିରଫ

ଛାଡିଆ, ୨୦/୦୯ (ଆ.ପ୍ର) : ବୈରୀ ପୋଲିସ ଅଧିକାରୀ ଓ ଛଡିଆ ଫାଣ୍ଡି ଅଧିକାରୀଙ୍କ ମିଳିତ ଉଦ୍ୟମରେ ଆଜି ୫୦ କେଜି ନକଲି ଜରଦା ସହ ଜଣେ ଗିରଫ ହୋଇଛି । ସୂଚନା ଅନୁଯାଇ ଛଡିଆ ବିଦ୍ୟାଧରପୁର ଗ୍ରାମର ଆଲୋକ କୁମାର ନାୟକ ଏକ ସ୍କୁଟି ଯୋଗେ ୫୦୦ଗ୍ରାମର ୧୦୦ଟି ପକେଟରେ ନକଲି ଜରଦା ନେଇଯାଉଥିବା ସମୟରେ ପୋଲିସ ଖବର ପାଇ ଆଲୋକକୁ ମାଡିବସିଥିଲେ ଏବଂ ସ୍କୁଟି ଓ ନକଲି ଜରଦା ଜବତ କରିବା ସହ କେସ ନମ୍ବର ୨୨୨/୨୬ରେ କେସ ରୁଜୁ କରି ଆଲୋକକୁ କୋର୍ଟ ଫରୁଆଡ କରିଛନ୍ତି ।

ଅଖିଳ ଭାରତୀୟ ସାହିତ୍ୟ ପରିଷଦର ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ ପାଳନ

ଜଗତସିଂହପୁର, ୨୦/୦୯ (ଆ.ପ୍ର) : ଓଡ଼ିଶାର ସାବରମତୀ ତଥା ସ୍ୱାଧୀନତା ସଂଗ୍ରାମୀଙ୍କ ଅନ୍ତୁଡ଼ିଶାଳ ଭାବେ ଖ୍ୟାତ ଅଳକା ଆଶ୍ରମ ପ୍ରେକ୍ଷାଳୟରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ, ନବକାଳକି ସାହିତ୍ୟ ପତ୍ରିକା ଏବଂ ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ମା' ସାରଳା ଶାଖା, ଜଗତସିଂହପୁର ଜିଲ୍ଲାର ମିଳିତ ସହଯୋଗରେ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ ଉତ୍ସବ, ରାଜ୍ୟସ୍ତରୀୟ କବିତା ତଥା ପ୍ରବନ୍ଧ ପାଠୋତ୍ସବ ପରିଷଦର ସଭାପତି ସାହିତ୍ୟ ରତ୍ନ ଡକ୍ଟର ସୁରେନ୍ଦ୍ର ନାଥ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବକୁ ପୋକପୁରର ମଠାଧୀଶ ମହନ୍ତ ତ୍ରିଲୋଚନ ଦାସ ଗୋସ୍ୱାମୀ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟିତ କରିଥିଲେ । ମୁଖ୍ୟ ଅତିଥି ଭାବରେ ଏସଭିଏମ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସୁଜାତା ଓତା, ମୁଖ୍ୟବକ୍ତା ଡ. ଅଭୟ କୁମାର ନାୟକ, ବିରେଣ୍ୟ ଅତିଥି କାହ୍ନୁ ଚରଣ ପାଣିଗ୍ରାହୀ ଏବଂ ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ଉମାକାନ୍ତ ନାୟକ ଯୋଗଦେଇ ଅତିବଡ଼ୀ ଜଗନ୍ନାଥ ଦାସଙ୍କ କୃତି ଓ ଜୀବନୀର ବିଭିନ୍ନ ଦିଗରୁ ଆଲୋଚନା କରିଥିଲେ । ବିଜୟ କୁମାର ରଥ ପ୍ରାରମ୍ଭିକ ସୂଚନା ଦେଲା ବେଳେ ପରିଷଦର ଉପସଭାପତି ବିଜୟ କୁମାର ପତି ଅତିଥି ପରିଚୟ ଦେଇଥିଲେ । ଯୁଗ୍ମ ସମ୍ପାଦକ ସବ୍ୟସାଚୀ ତ୍ରିପାଠୀ ସ୍ୱାଗତ ଭାଷଣ ଦେଲା ପରେ ବିଶିଷ୍ଟ ଗାୟକ ପ୍ରଣବ ପଟ୍ଟନାୟକଙ୍କ ଅମର ଆତ୍ମାର ସଦଗତି ପାଇଁ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ସ୍ୱର୍ଗତ ପଟ୍ଟନାୟକଙ୍କ ଲୋକପ୍ରିୟ ଗୀତ ଗାଇଥିଲେ । ପରିଷଦର ସଦସ୍ୟା ତଥା ନବକାଳକିର ପରିଚାଳନା ସମ୍ପାଦିକା ମନୋରମା ଦାଶ ସମସ୍ତ ଅତିଥିଙ୍କୁ ପୁଷ୍ପତୋଡ଼ା ଏବଂ ଅଙ୍ଗ ବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭାଗବତକୁ ଗ୍ରାମାଂଚଳରେ ଲୋକପ୍ରିୟ କରାଉଥିବା ଇଂ. ଅକ୍ଷୟ କୁମାର ନାୟକ, ଭାଗବତ ଶାସ୍ତ୍ର ଗବେଷକ ଜ୍ଞାନରଞ୍ଜନ ସ୍ୱାଇଁଙ୍କୁ ଅତିଥିଗଣ ସମ୍ବର୍ଦ୍ଧିତ କରିଥିଲେ । ସମ୍ପାଦକ ପଣ୍ଡିତ ଡ.ରବୀନ୍ଦ୍ର ନାଥ ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । କବୀ ମନୋରମା ଶତପଥୀଙ୍କ ସଂଯୋଜନାରେ ଅର୍ଦ୍ଧ ଶତାଧିକ କବି ସ୍ୱରଚିତ କବିତା ତଥା ଅତିବଡ଼ୀଙ୍କ କୃତି ଓ ଜୀବନୀ ଉପରେ ପ୍ରବନ୍ଧ ପାଠକରି ଶ୍ରୋତା ମାନଙ୍କୁ ଭାଗବତ ରସାମୃତରେ ଅବଗାହନ କରାଇଥିଲେ । କବି ହେମନ୍ତ କୁମାର ନାୟକ, ସନ୍ନ୍ୟାସୀ ବୈରାଗୀ ଦାସ, ନୀଳକଣ୍ଠ ମିଶ୍ର, ଗଣେଶ ମହାନ୍ତି, ଅଶୋକ କୁମାର ସ୍ୱାଇଁ, ଶେଷ ଦେବ ଛୋଟରାୟ, ମହମ୍ମଦ ମନସୁର ଅଲୀ, ଜୟଶ୍ରୀ ମିଶ୍ର ହୃଦାନନ୍ଦ ବାରିକ, ସୁଭାଷ ଚନ୍ଦ୍ର ରାଉତ, ଆଶିଷ ପରିଡା, ବେଣୁଧର ବେହେରା, ଅଶୋକା ମହାନ୍ତି ରବୀନ୍ଦ୍ର ନାଥ ବେହେରା, ଗଗନବିହାରୀ ବେହେରା । ବଂଶୀଧର ବେହେରା ଏବଂ ଅରୁଣ କୁମାର ମହାରଣାଙ୍କ କବିତା ଚିତାକର୍ଷକ ହୋଇଥିଲା । ଶେଷରେ ରବୀନ୍ଦ୍ର ନାଥ ନାୟକ ଧନ୍ୟବାଦ ପ୍ରଦାନ କଲା ପରେ ସଭା ସାଙ୍ଗ ହୋଇଥିଲା ।

ଭଗବତୀ ଯୁବକ ସଂଘର ୫୦ ବର୍ଷ ପାଳନ ସହିତ ପ୍ରତିଭା ସମ୍ମାନ

ଦଶପଲ୍ଲା, ୨୦/୦୯ (ଆ.ପ୍ର) : ଦଶପଲ୍ଲା ଏନ୍‌ଏସି ଅନ୍ତର୍ଗତ ୩ ନମ୍ବର ୱାର୍ଡ ମାଳିସାହି ପାଟଣା ଗ୍ରାମର ଗଜାନନଙ୍କ ପୂଜା ୨୭ ବର୍ଷରେ ପଦାର୍ପଣ କରିଥିବା ବେଳେ ଭଗବତୀ ଯୁବକ ସଂଘ ମଧ୍ୟ ୫୦ ବର୍ଷରେ ପଦାର୍ପଣ କରିଛି । ପୂଜା ଅବସରରେ ଭଗବତୀ ଯୁବକ ସଂଘ ପକ୍ଷରୁ ନୂଆ ଢଙ୍ଗରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରି ଗ୍ରାମରେ ଲୁଚି ରହିଥିବା ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ପ୍ରୟାସ କରିବା ସହିତ ବିଭିନ୍ନ ପ୍ରକାର ଖେଳକୁଦ ଓ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଶନିବାର ସନ୍ଧ୍ୟାରେ ସଂଘର ସଭାପତି ସ୍ୱରୂପ ସୁରଜିତ ସାହୁଙ୍କ ସଭାପତିତ୍ୱରେ ଏକ ସାଂସ୍କୃତିକ ଓ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଉଲ୍ଲାସ ଚନ୍ଦ୍ର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମାଜସେବୀ ପୂର୍ଣ୍ଣଚନ୍ଦ୍ର ସେନାପତି, ଦୀନବନ୍ଧୁ ସୁନ୍ଦରାଙ୍କ ସହିତ ସେହି ଗ୍ରାମର ସଭାପତି ଶରତ ଚନ୍ଦ୍ର ବାରିକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଅଭୟ ପ୍ରସାଦ ଜେନା ମଂଚ ପରିଚାଳନା କରିବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ ସଫଳ ହୋଇଥିବା ସମସ୍ତ ପ୍ରତିଭାବାନ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ଓ ସମ୍ମାନିତ କରାଯାଇଥିଲା । ଶେଷରେ ସଂଘର ସଭାପତି ସ୍ୱରୂପ ସୁରଜିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ସରକାରୀ ଏସ୍‌ଏସ୍‌ଡ଼ି ମହାବିଦ୍ୟାଳୟ, କୈଳାଶପୁରରେ 'ନଶା ମୁକ୍ତ ଯୁବ' ସଚେତନତା କାର୍ଯ୍ୟକ୍ରମ



ରାୟଗଡ, ୨୦/୦୯ (ଆ.ପ୍ର) : ସମାଜରେ ନିଶାସେବନର କୁପ୍ରଭାବ ସମ୍ପର୍କରେ ଯୁବପିଢ଼ିଙ୍କୁ ସଚେତନ କରିବା ଏବଂ ଏକ ନିଶାମୁକ୍ତ ଭାରତ ଗଠନ ଲକ୍ଷ୍ୟରେ ରାୟଗଡ ଜିଲ୍ଲାରେ 'ନଶା ମୁକ୍ତ ଯୁବ – ବିକଶିତ ଭାରତ ସଂକଳ୍ପ ଅଭିଯାନ' ଅନ୍ତର୍ଗତ ଏକ ସଚେତନତା କାର୍ଯ୍ୟକ୍ରମ ଆଜି ସରକାରୀ ଏସ୍.ଏସ୍.ଡି ମହାବିଦ୍ୟାଳୟ, କୈଳାଶପୁରଠାରେ ଅନୁଷ୍ଠିତ ହୋଇଯାଇଛି । ମାଇ ଭାରତ, ରାୟଗଡ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁନୀଲ ପାଢ଼ୀଙ୍କ ସମେତ ମହାବିଦ୍ୟାଳୟର ବିଭିନ୍ନ ଅଧ୍ୟାପକ-ଅଧ୍ୟାପିକା ଯୋଗଦେଇଥିଲେ । ଜିଲ୍ଲା ଯୁବ ଅଧିକାରୀ କିଶୋର ଭେମୁଲୱାଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଶାଦ୍ରବ୍ୟ ସେବନର କୁପ୍ରଭାବ ଏବଂ ଏହା ଯୁବପିଢ଼ି, ପରିବାର ଓ ସମାଜ ଉପରେ ପକାଉଥିବା ନକାରାତ୍ମକ ପ୍ରଭାବ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ । କାର୍ଯ୍ୟକ୍ରମରେ ସ୍ଲୋଗାନ ଲେଖନ, କୁଇଜ୍ ପ୍ରତିଯୋଗିତା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଛାତ୍ରଛାତ୍ରୀମାନେ 'ନଶା ମୁକ୍ତି ଶପଥ' ଗ୍ରହଣ କରିବା ସହ ଜାତୀୟ ସଙ୍ଗୀତ ପରିବେଷଣ କରିଥିଲେ । ନିଶା ବିରୋଧୀ ସଚେତନତା ସୃଷ୍ଟି ପାଇଁ ଏକ ସ୍ୱାକ୍ଷର ଅଭିଯାନ ମଧ୍ୟ ଆୟୋଜିତ ହୋଇଥିଲା । ପରେ ନିଶାମୁକ୍ତ ସମାଜ ଗଠନର ବାର୍ତ୍ତା ନେଇ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା । ଏହି ସଚେତନତା କାର୍ଯ୍ୟକ୍ରମରେ ୩୦୦ରୁ ଅଧିକ ଛାତ୍ରଛାତ୍ରୀ ସକ୍ରିୟ ଭାବେ ଯୋଗଦେଇ ନିଶାମୁକ୍ତ ସମାଜ ଗଠନ ପାଇଁ ସଂକଳ୍ପବଦ୍ଧ ହୋଇଥିଲେ । ନିଶାମୁକ୍ତ ଯୁବପିଢ଼ି ହିଁ ସୁସ୍ଥ, ସଶକ୍ତ ଓ ବିକଶିତ ଭାରତର ମୂଳ ଆଧାର । ତେଣୁ ନିଶା ବିରୋଧୀ ସଚେତନତାକୁ ଜନଆନ୍ଦୋଳନରେ ପରିଣତ କରିବା ସହ ଯୁବପିଢ଼ିଙ୍କୁ ଏ ଦିଗରେ ଅଧିକ ସକ୍ରିୟ କରିବା ଉପରେ କାର୍ଯ୍ୟକ୍ରମରେ ଗୁରୁତ୍ୱାରୋପ କରାଯାଇଥିଲା ।

ଆରମ୍ଭ
SEITHO ARAMBHA
ସୋମବାର, ୨୧ ସେପ୍ଟେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ରାସନ କାର୍ଡରେ ଇ-କେୱାଇସି ଓ ବାଇପାସ ଝାମେଲା, ଭିନ୍ନକ୍ଷମଙ୍କ ମୁହଁରୁ ଛଡ଼ାଇ ନିଆଗଲା ରାସନ

ଜଳେଶ୍ୱର, ୨୦/୦୯ (ଆ.ପ୍ର) : ବିଭିନ୍ନ ସରକାରୀ ଯୋଜନାର ସୁବିଧା ପାଇବା ପାଇଁ ଇ-କେୱାଇସିକୁ ଗୁରୁତ୍ୱ ଦିଆଯାଉଛି । ତେବେ ଇ-କେୱାଇସି ସମ୍ବନ୍ଧୀୟ ସମସ୍ୟା ଯୋଗୁଁ ବାଲେଶ୍ୱର ଜିଲ୍ଲାର ବାଲିଆପାଳ ବ୍ଲକରେ କିଛି ଭିନ୍ନକ୍ଷମ ହିତାଧିକାରୀ ରାସନ ଚାଉଳ ପାଇବାରୁ ବଂଚିତ ହେଉଥିବା ଅଭିଯୋଗ ହୋଇଛି । ଭିନ୍ନକ୍ଷମ ଓ ଶଯ୍ୟାଶାୟୀ ହିତାଧିକାରୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ରାସନ ବଂଟନ ବ୍ୟବସ୍ଥାରେ 'ବାଇପାସ' ବ୍ୟବସ୍ଥା ରହିଛି । ବାୟୋମେଟ୍ରିକ୍ ପ୍ରମାଣୀକରଣ ବିଫଳ ହେଲେ କିମ୍ବା ହିତାଧିକାରୀ ଶାରୀରିକ ଅକ୍ଷମତା କାରଣରୁ ରାସନ ଦୋକାନକୁ ଯାଇ ପାରୁନଥିଲେ, ନିୟମାନୁସାରେ ଏହି ବ୍ୟବସ୍ଥାରେ ରାସନ ସାମଗ୍ରୀ ପ୍ରଦାନ କରାଯାଇପାରେ । ମାତ୍ର ବାଲିଆପାଳ ବ୍ଲକର ବିଭିନ୍ନ ପଂଚାୟତରେ ଏହି ବ୍ୟବସ୍ଥାର ସଠିକ୍ କାର୍ଯ୍ୟାନ୍ୱୟନ ନେଇ ପ୍ରଶ୍ନ ଉଠିଛି । କିଛି ରାସନ ଡିଲରଙ୍କ ଅବହେଳା ଓ ଦାୟିତ୍ୱହୀନତା ଯୋଗୁଁ ଭିନ୍ନକ୍ଷମ ଏବଂ ଶଯ୍ୟାଶାୟୀ ହିତାଧିକାରୀମାନେ ନିଜ ଅଧିକାରର ରାସନ ପାଇବାରେ ଅସୁବିଧା ଭୋଗୁଥିବା ଅଭିଯୋଗ ଆସୁଛି । ପାଂଚୁପାଳି ପଂଚାୟତର ଭିନ୍ନକ୍ଷମ ବିନାୟକ ଗିରି, ବର୍ଣ୍ଣଆଡିହା ପଂଚାୟତର ଶ୍ରୀଦେବୀ ମୁଖୀ, ବୋଳଂ ପଂଚାୟତର ଭାରତୀ ମାଝୀ ଓ ମିନତୀ ମାଝୀ, କୁଣ୍ଡୁଳି ପଂଚାୟତର ଭିନ୍ନକ୍ଷମ ଦମ୍ପତି ବୁଦ୍ଧିଆ ମାଝୀ ଓ ଫୁଲ ମାଝୀ, ରାମଚନ୍ଦ୍ର ମଲ୍ଲିକ, ଶଯ୍ୟାଶାୟୀ ପାଟମଣି ସାନ୍ତରାଙ୍କ ଭଳି ବହୁ ଭିନ୍ନକ୍ଷମ ଓ ଶଯ୍ୟାଶାୟୀ ହିତାଧିକାରୀମାନେ ବଂଟନ ହେଉଥିବା ଦୁଇ ମାସର ରାସନ ଚାଉଳ ପାଇବାରୁ ବଂଚିତ ଅଛନ୍ତି । ସ୍ୱେଚ୍ଛାସେବୀ ରାଜକିଶୋର ପାତ୍ର ବାଲିଆପାଳ ବ୍ଲକ ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ମହାରଣାଙ୍କ ନିକଟରେ ଏହି ଭିନ୍ନକ୍ଷମଙ୍କ ସମସ୍ୟା ବିଷୟରେ ଜଣାଇବା ପରେ କେବଳ କୁଣ୍ଡୁଳି ପଂଚାୟତର ଭିନ୍ନକ୍ଷମ ଦମ୍ପତି ବୁଦ୍ଧିଆ ମାଝୀ ଓ ଫୁଲ ମାଝୀ ଏବଂ ରାମଚନ୍ଦ୍ର ମଲ୍ଲିକଙ୍କୁ ପୁନଃ ବାଇପାସ ମାଧ୍ୟମରେ ଦୁଇ ମାସର ରାସନ ଚାଉଳ ପ୍ରଦାନ କରାଯାଇଛି । ଅନ୍ୟ ଭିନ୍ନକ୍ଷମଙ୍କ ନାମ ରାସନ କାର୍ଡରୁ କାଟିଯାଇଥିବା ହେତୁ ତାଙ୍କ ନାମ ପୁନଃ ସଂଯୋଗ ପରେ ରାସନ ପ୍ରଦାନ ହେବ ବୋଲି ଯୋଗାଣ ଅଧିକାରୀ ଶ୍ରୀ ମହାରଣା କହିଛନ୍ତି । ସରକାର ଭିନ୍ନକ୍ଷମ ଓ ଶଯ୍ୟାଶାୟୀ ହିତାଧିକାରୀଙ୍କ ପାଇଁ ଯେଉଁ ବିକଳ୍ପ ବ୍ୟବସ୍ଥା ରଖିଛନ୍ତି, ତାହା ତୃଣମୂଳସ୍ତରରେ ଠିକ୍ ଭାବରେ କାର୍ଯ୍ୟକାରୀ ହେଉଛି କି ନାହିଁ, ତାହାର ଯାଂଚ କରିବା ସହ ଅଭିଯୋଗ ଗୁଡ଼ିକର ତୁରନ୍ତ ସମାଧାନ ପାଇଁ ପ୍ରଶାସନ ନିକଟରେ ସ୍ୱେଚ୍ଛାସେବୀ ଶ୍ରୀ ପାତ୍ର ଗଣମାଧ୍ୟମ ଜରିଆରେ ଦାବୀ ରଖିଛନ୍ତି ।

34001/828/2627

E-Mail I.D.-eepwdcuttack2@gmail.com
Tel./ Fax No.(0671)-2973399

OFFICE OF THE SUPERINTENDING ENGINEER

GOVERNMENT OF ODISHA "e" procurement Notice

e-procurement Notice for Road works
Bid Identification No. S.E. CTC (R&B)-II-11 of 2026-27

1. Name of the work	:-	02 Nos of Road Work Maintenance Works
2. Estimated Cost	:-	Rs. 73,85,675/- to Rs.89,23,000/-
3. Period of completion	:-	12 (Twelve)calendar Months
4. Date & time of sale & receipt of bid document	:-	From 23.09.2026 to 5 PM of 08.10.2026
5. Last date / time of receipt of bids	:-	5 PM of 08.10.2026
6. Date & time of Opening of Bids	:-	11AM of 09.10.2026
7. Name and address of the Officer Inviting Bid	:-	Superintending Engineer, Cuttack (R&B) Division-II, Cuttack

Further details can be seen from the e-procurement portal http://www.tendersorissa.gov.in.
Any addendum/ corrigendum/ cancellation of tender can also be seen in the said website.

Superintending Engineer,
Cuttack (R&B) Division No.II

OIPR - 34001/34137/1/26-27/0009

ସମିତି ସଭ୍ୟଙ୍କୁ ମାଡ, ଧାରରଣାରେ ବସିଲେ ସମର୍ଥକ

ସିମୁଳିଆ, ୨୦/୦୯ (ଆ.ପ୍ର) : ଜାଲ ପ୍ରମାଣ ପତ୍ର ଦେଇ ଚାକିରୀ ଘଟଣାର କାର୍ଯ୍ୟାନୁଷ୍ଠାନ ନେଇ ସମିତି ସଭ୍ୟ ଓ ଇସି ସଭ୍ୟାମାନେ ବିଡ଼ିଓଙ୍କ ନିକଟରେ ଅଭିଯୋଗ କରିବାକୁ ଆସିଥିବା ବେଳେ ମହିଳାଙ୍କ ସଂଘବଦ୍ଧ ଆକ୍ରମଣ ଉଭୟ ପକ୍ଷ ଆହତ ହୋଇ ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ । ସମିତି ସଭ୍ୟଙ୍କ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା । ସୂଚନାରୁ ପ୍ରକାଶ ସିମୁଳିଆ ଥାନା ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଂଚାୟତର କୁଅଁରପୁର ଗ୍ରାମର ଇସି ସଙ୍ଘ ସଭାପତି ଭ୍ରାନୀ ମହାନ୍ତି ଓ ତାଙ୍କ ସାଥି ସମେତ ସମିତି ସଭ୍ୟ ମୁକ୍ତିକାନ୍ତ ପାଣିଗ୍ରାହୀ ସେହି ପଂଚାୟତର ସିଆରପି ମମତା ମହାକୁଡ଼ ଜାଲ ପ୍ରମାଣପତ୍ର ଦେଇ ଚାକିରୀ କରିଥିବାର ଜାଣିବା ପରେ ସିମୁଳିଆ ବିଡ଼ିଓ ଏହାର ତଦନ୍ତ କରି ମମତା ମହାକୁଡ଼ ଜାଲ ପ୍ରମାଣପତ୍ର ଦେଇ ଚାକିରୀ କରିଥିବା ନେଇ ବ୍ଲକ ସ୍ତରୀୟ ମହିଳା ସଂଘକୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଏକ ଚିଠି ମଧ୍ୟ କରିଥିଲେ । ମାତ୍ର ବ୍ଲକ ସ୍ତରୀୟ ସଂଘ ଏହାର କାର୍ଯ୍ୟାନୁଷ୍ଠାନ ନିମନ୍ତେ ପଂଚାୟତ ସ୍ତରୀୟ ସଂଘକୁ ଦାୟିତ୍ୱ ଦେଇ ବସି ଯାଇଥିଲେ । ତାର ପ୍ରତିବାଦରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଶ୍ରୀମତୀ ମହାନ୍ତି ଆଜି ବିଡ଼ିଓଙ୍କ ନିକଟରେ ଅଭିଯୋଗ କରିବାକୁ ଆସିଥିବା ସମୟରେ ମମତା ମହାକୁଡ଼ ଓ ତାର ମହିଳା ସମର୍ଥକ ସହ ବ୍ଲକ କାର୍ଯ୍ୟାଳୟ ପରିସରରେ ସମିତି ସଭ୍ୟ ଶ୍ରୀ ପାଣିଗ୍ରାହୀ ଓ ଶ୍ରୀମତୀ ମହାନ୍ତିଙ୍କୁ ଆକ୍ରମଣ କରିଥିଲେ । ଏଥିରେ ଭବାନୀ ମହାନ୍ତି ଗୁରୁତର ଆହତ ହୋଇ ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ର ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ଭଦ୍ରକ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ସେହିପରି ମମତା ମହାକୁଡ଼ ଆହତ ହୋଇ ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଜଣାଯାଇଛି । ମାଡ଼ ଘଟଣାର ପ୍ରତିବାଦରେ ସମିତି ସଭ୍ୟ ମୁକ୍ତିକାନ୍ତ ପାଣିଗ୍ରାହୀ ଓ ତାଙ୍କ ସମର୍ଥକ ସହ ନ୍ୟାୟ ନିମନ୍ତେ ସିମୁଳିଆ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ଦେଖିବାକୁ ମିଳିଥିଲା । ଅପରପକ୍ଷେ ମମତା ମହାକୁଡ଼ଙ୍କୁ ମାଡ଼ ମରାଯାଇଥିବା ପ୍ରକାଶ କରିଛନ୍ତି । ଏ ବାବଦରେ ଉଭୟ ପକ୍ଷ ସିମୁଳିଆ ଥାନାରେ ପୃଥକ ପୃଥକ ଦୁଇଟି ମାମଲା ରୁଜୁ କରିଥିବା ଜଣାଯାଇଛି । ସିମୁଳିଆ ପୋଲିସ ଏଭଳି ସମ୍ବେଦନଶୀଳ ଘଟଣାକୁ ଗୁରୁତର ସହ ନେଇ ତଦନ୍ତ କରୁଥିବା ଜଣାଯାଇଛି ।

ପାରିବାରିକ କଳହକୁ ଷଡଯନ୍ତ୍ର କରି ପୋଲିସ ମୋତେ ଫସାଇ ଦେଇଛି ଅଭିଯୋଗ

ଜଳେଶ୍ୱର, ୨୦/୦୯ (ଆ.ପ୍ର) : ମୁଁ ନିର୍ଦ୍ଦୋଷ, ମୁଁ ବ୍ରାଉନ ସୁଗାର କାରବାର କରେନାହିଁ, ମୋର ମାର୍ବଲ ଦୋକାନ ଅଛି । ମାର୍ବଲ ଦୋକାନ ଭାଗ ବଂଟାକୁ ନେଇ ମୋର ବଡ଼ ପୁଅ ମିର ହୁସେନ ସହିତ ମୋର କୋର୍ଟରେ ମାମଲା ଚାଲୁ ରହିଛି. ମୋ ବଡ଼ ପୁଅ ଠାରୁ ମୋଟା ଅଙ୍କର ଅର୍ଥ ନେଇ ପୋଲିସ ମୋତେ ମିଛ ବ୍ରାଉନ ସୁଗାର ମାମଲାରେ ଜେଲ ପଠାଇ ଦେଇଛି, ବୋଲି ଜଳେଶ୍ୱର ପୌରାଂଚଳ ୪ ନମ୍ବର ୱାର୍ଡ ପଥରପୁରା ବାସିନ୍ଦା ମିର ସିଦ୍ଦିକ ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି । ଏନେଇ ସେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ, ପୋଲିସ ମହା ନିରୀକ୍ଷକ ଓ ଆରକ୍ଷୀ ଅଧିକ୍ଷକଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବା ସେ ଅଭିଯୋଗ କରିଛନ୍ତି । ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ କରି ନ୍ୟାୟ ପ୍ରଦାନ ପାଇଁ ସାମ୍ବାଦିକ ସମ୍ମିଳନୀ ରେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି ।

ଏକସନଏଡ୍ ସଂଗଠନ ପକ୍ଷରୁ ବନ୍ୟା ପ୍ରଭାବିତ ପରିବାରଙ୍କୁ ରିଲିଫ୍ ସହାୟତା

ଭୋଗରାଇ, ୨୦/୦୯ (ଆ.ପ୍ର) : ଚଳିତ ବର୍ଷ ସୁବର୍ଣ୍ଣରେଖାରେ ବାରମ୍ବାର ବନ୍ୟାରେ ଜନଜୀବନ ବହୁ ପ୍ରଭାବିତ ହୋଇଛି । ଏହାକୁ ଦୃଷ୍ଟିରେ ରଖି ଏକସନଏଡ୍ ସାମାଜିକ ସଂଗଠନ ପକ୍ଷରୁ ଭୋଗରାଇ ବ୍ଲକର ଜୟରାମପୁର, କୁମ୍ଭୀରଗଡି, ଆରୁହାବୃତି-୧, ନାଚିନ୍ଦା, କୁଳିଦା, କୁଣ୍ଡୁଟା, ଗବର୍ଗା, ପୁଟିଣା, ବାରୁଣୀ ପଂଚାୟତର ଅସହାୟ ପରିବାରକୁ ରାସନ ସାମଗ୍ରୀ ପ୍ରଦାନ କରିଛନ୍ତି । ଏଥିରେ ମୁଖ୍ୟ ଅତିଥି ଭାବେ ଭୋଗରାଇ ବିଜେପି ନେତା ଆଶିଷ ପାତ୍ର, ବିଜେପି ଜିଲ୍ଲା ଉପସଭାପତି ରାଧାକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ବିପର୍ଯ୍ୟୟ ସମୟରେ ସହାୟତା ପ୍ରଦାନ ଏକ ମାନବୀୟ ଦାୟିତ୍ୱ, ଯେଉଁଥିରେ ପ୍ରତ୍ୟେକ ପ୍ରଭାବିତ ବ୍ୟକ୍ତିଙ୍କ ସମ୍ମାନ, ସୁରକ୍ଷା ଓ ଆବଶ୍ୟକତାକୁ ପ୍ରାଥମିକତା ଦିଆଯିବ ବୋଲି ମତ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ସଂଗଠନର ସହ ନିର୍ଦ୍ଦେଶକ ଦେବବ୍ରତ ପାତ୍ର, ସିନିୟର ପ୍ରୋଗ୍ରାମ ଅଫିସର ଶୁଭେନ୍ଦୁ କୁମାର ରାୟ, ସ୍ୱେଚ୍ଛାସେବୀ ଶଙ୍କର୍ଷଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ଓ ଦୌଡକୁଦ ପ୍ରତିଯୋଗିତା ଉଦ୍‌ଘାଟିତ

ବାଲିଆପାଳ, ୨୦/୦୯ (ଆ.ପ୍ର) : ବସ୍ତା ବ୍ଲକ ଜାମଶୁଳି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଦୁଇ ଦିନ ଧରି ହେବାକୁ ଥିବା ବ୍ଲକ ସ୍ତରୀୟ ବିଦ୍ୟାଳୟ ସମୂହ ଖେଳ ଓ ଦୌଡ କୁଦ ପ୍ରତିଯୋଗିତା ଶନିବାରର ଉଦଘାଟିତ ହୋଇଯାଇଛି । ଏହି ଉଦଘାଟନୀ ଉତ୍ସବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମିହିର କୁମାର ଦାସ ସଭାପତିତ୍ୱରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତିନିଧି ପ୍ରଦୀପ କୁମାର ପଣ୍ଡା, ମୁଖ୍ୟବକ୍ତା ଭାବରେ ପୂର୍ବତନ କ୍ରୀଡା ସମ୍ପାଦକ ସୁଧାଂଶୁ କୁମାର ବିଶ୍ୱାଳ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭୁବନ ଟୁଡୁ,ଯୋଗଦେଇ ପତାକା ଉତ୍ତୋଳନ ଓ ମଶାଲ ଜଳାଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ପ୍ରତ୍ୟେକ କ୍ଲବରୁ ଶହେ କୋଡ଼ିଏ ଲେଖାଏଁ ଛାତ୍ରଛାତ୍ରୀ ଭାଗନେଇଥିବା ବେଳେ ଚାରୋଟି କ୍ଲବରୁ ସର୍ବମୋଟ ଚାରି ଶହ ଅଶୀ ଛାତ୍ରଛାତ୍ରୀ ବିଭିନ୍ନ ଖେଳରେ ଅଂଶ ଗ୍ରହଣ କରିଥିଲେ । ଖୋ-ଖୋ, ବେସ, ଯୋଗ, କ୍ରିକେଟ, ବ୍ୟାଡମିଂଟନ, ଫୁଟବଲ, ଭଲିବଲ ପ୍ରଭୃତି ଖେଳ ଅନୁଷ୍ଠିତ ହୋଇଛି । ଅନ୍ୟ ଖେଳ ଗୁଡ଼ିକ ଆସନ୍ତା କାଲି ଖେଳା ଯିବ ବୋଲି ବ୍ଲକ କ୍ରୀଡା ସଂଘର ସମ୍ପାଦକ ପ୍ରାଣକୃଷ୍ଣ ନାୟକ ସୂଚନା ପ୍ରଦାନ କରିଛନ୍ତି । ଅନ୍ୟ ସମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ଜାମଶୁଳି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁମି ମାରାଣ୍ଡି, ସିଂଲା ସରପଂଚ ବିପିନ କୁମାର ବିଶ୍ୱାଳ, ପୁଟୁରା ସରପଂଚ ରାଧାକୃଷ୍ଣ ବେହେରା, ଆଦର୍ଶ ପ୍ରଧାନଶିକ୍ଷୟିତ୍ରୀ ସୁନାଲି ଜେନା, ଭାଗ୍ୟଶ୍ରୀ ଜେନା, ଜେନାଲ ସିଂ, ଅଜୟ କୁମାର ପାତ୍ର,ରାଜେଶ କୁମାର ସେଠୀ ପ୍ରମୁଖ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଶିକ୍ଷକ ପ୍ରଦୀପ କୁମାର ଦାସ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ସୁଦାମ ଚରଣ ନାୟକ ବେଦପାଠ ଓ ଶିକ୍ଷୟିତ୍ରୀ ସୁମି ମାରାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ । କ୍ରୀଡା ସଂଘ ସଭାପତି ସାରସ୍ୱତ ସାହୁ, ଯୁଗ୍ମ ସମ୍ପାଦକ ସତ୍ୟରଞ୍ଜନ ପାତ୍ର, ରାଜକିଶୋର ବାରିକ, ସୁନାରାମ ସିଂ,ରୀତାରାଣୀ ମହାପାତ୍ର, ଅନ୍ନପୂର୍ଣ୍ଣା ଦେ, ମହେନ୍ଦ୍ର ବେହେରା, ରଞ୍ଜିତା ସାହୁ, ସଂଯୁକ୍ତା ବିଶ୍ୱାଳ,ସାଇ ସୌରଭ ପଣ୍ଡା,ବିଜୟ କୃଷ୍ଣ ପ୍ରଧାନ,ବିପିନ ବେହେରା,ଶୁଭମ ବେହେରା, ଜୟନ୍ତ ଗିରି, ସୁଶାନ୍ତ କୁମାର ବାରିକ, ପ୍ରଦୀପ୍ତ କିଶୋର ଆଚାର୍ଯ୍ୟ, ଚିତରଞ୍ଜନ ଗିରି, କରୁଣାକର ମୁର୍ମୁ ପ୍ରମୁଖ ସହଯୋଗ କରିଥିଲେ ।

ଶିକାରୀ ଗିରଫ, ଗୋଟିଏ ବନ୍ଧୁକ ସହ ଶିକାର ସରଞ୍ଜାମ ଜବତ

ନୀଳଗିରି, ୨୦/୦୯ (ଆ.ପ୍ର) : କୁଲଡିହା ବନ୍ୟପ୍ରାଣୀ ଅଭୟାରଣ୍ୟ ଭିତରେ ଲଗାଯାଇଥିବା ଟ୍ରାପ୍ କ୍ୟାମେରାର ନିୟମିତ ଯାଂଚ ସମୟରେ ଅଭିଯୁକ୍ତଙ୍କ ଫଟୋ କ୍ୟାମେରାରେ ରେକର୍ଡ ହୋଇ ଅଭିଯୁକ୍ତ ମାନଙ୍କ ଫଟୋ କ୍ୟାମେରାରେ କଏଦ ହୋଇଥିଲା । ସେହି ଫଟୋ ଆଧାରରେ ସୋର ବନ୍ୟ ପ୍ରାଣୀ ରେଞ୍ଜର ଅଧିକାରୀ ଏବଂ ଔପଦା ଥାନା କର୍ମଚାରୀଙ୍କ ସହାୟତାରେ ୧୯ ତାରିଖ ଶନିବାର ତାଙ୍କ ଘର ଖାନତଲାସ କରି ବାଲେଶ୍ୱର ଜିଲ୍ଲାର ଔପଦା ଥାନା ଅଧିନସ୍ଥ ବେତେଇ (ମାଡିବୁଆ) ଗ୍ରାମର ରବୀନ୍ଦ୍ର ହୋ (୨୩)କୁ ବନ ବିଭାଗ ଗିରଫ କରିବା ସହ ତାଙ୍କ ଘର ପରିସରରୁ ବେଆଇନ ଶିକାର ପାଇଁ ବ୍ୟବହୃତ ହେଉଥିବା ସନ୍ଦେହରେ ତାଙ୍କଠାରୁ ଗୋଟିଏ ବନ୍ଧୁକ, ଗୋଟିଏ ହେଡ୍ ଟର୍ଚ୍ଚ, ଫାଶ ସାତ ବିଡା ଜବତ କରିଛନ୍ତି । ଉପରୋକ୍ତ ସାମଗ୍ରୀ ଗୁଡ଼ିକ ଚଢାଉ ଦଳର ଉପସ୍ଥିତିରେ ଅଭିଯୁକ୍ତ ବ୍ୟକ୍ତିଙ୍କ ନିକଟରୁ ଜବତ କରାଯାଇଥିଲା । ଜବତ ତାଲିକା ପ୍ରସ୍ତୁତ କରାଯାଇ ଅଭିଯୁକ୍ତଙ୍କୁ ଜବତ ସାମଗ୍ରୀ ସହିତ ଆଇନଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ କୁଲଡିହା ବନ୍ୟପ୍ରାଣୀ ରେଞ୍ଜ କାର୍ଯ୍ୟାଳୟ, ନୀଳଗିରିକୁ ଅଣାଯାଇଥିଲା । ମାମଲାର ତଥ୍ୟ ଓ ପରିସ୍ଥିତି ଏବଂ ଜବତ ସାମଗ୍ରୀ ଆଧାରରେ ଅଭିଯୁକ୍ତଙ୍କ ବିରୁଦ୍ଧରେ କୁଲଡିହା ବନ୍ୟପ୍ରାଣୀ ରେଞ୍ଜରେ ଓ.ଆର. କେସ୍ ନଂ ୧୦ କୁଲଡିହା ୨୦୨୬-୨୭ ରୁଜୁ କରାଯାଇ ବନ୍ୟପ୍ରାଣୀ (ସୁରକ୍ଷା) ଅଧିନିୟମ, ୧୯୭୨ ର ସମ୍ପୃକ୍ତ ଧାରା ଅନୁଯାୟୀ ମାମଲା ରୁଜୁ କରାଯାଇଛି । ଏହି ଚଢାଉରେ କୁଲଡିହା ଭାରପ୍ରାପ୍ତ ରେଞ୍ଜର ସୌମ୍ୟରଞ୍ଜନ ମାଝୀ, ଝରଣାଘାଟି ଫରେଷ୍ଟର ଅଜୟ କୁମାର ଜେନା, କୁଲଡିହା ଫରେଷ୍ଟର ଦେବରାଜ ରାଉତ, ଫରେଷ୍ଟ ଗାର୍ଡ ଜୟଲକ୍ଷ୍ମୀ ପ୍ରଧାନ, ସୋର ଫରେଷ୍ଟର ସରୋଜ କୁମାର ପ୍ରଧାନ, ଔପଦା ଥାନା କନଷ୍ଟେବଲ କପିଳେଶ୍ୱର ଜେନା ଓ ମନୋ ରଞ୍ଜନ ନାୟକ ପ୍ରମୁଖ ସାମିଲ ଥିଲେ ।

ବାଘପଥ ୟୁଥ କ୍ଲବ, ବାଘମରା ଠାରେ ଦୁଇଦିନିଆ ଫୁଟବଲ ଟୁର୍ଣ୍ଣାମେଂଟ ଉଦଯାପିତ

ନୀଳଗିରି, ୨୦/୦୯ (ଆ.ପ୍ର) : ନୀଳଗିରି ବ୍ଲକ ଅର୍ନ୍ତଗତ ଜାମୁଡିଆ ପଂଚାୟତର ବାଘମରା ଠାରେ ଦୁଇଦିନିଆ ଫୁଟବଲ ଟୁର୍ଣ୍ଣାମେଂଟ ଉଦଯାପିତ ହୋଇଯାଇଛି । ୧୬ ଗୋଟି ଫୁଟବଲ ଟିମ୍ ଖେଳାଳି ମାନଙ୍କୁ ନେଇ ଆଜି ଖେଳ ସମାପ୍ତ ଯାଇଛି । ଏହିଟୁର୍ଣ୍ଣା ମେଂଟର ଉଦଯାପନୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ ନାୟକ ମୁଖ୍ୟ ବକ୍ତା ଜାମୁଡିଆ ପଂଚାୟତର ସରପଂଚ ଚାନ୍ଦମଣି ମୁର୍ମୁ, ସମାନିତ ଅତିଥି ଭାବେ ବାଲେଶ୍ୱର ବିଜେଡି ଉପସଭାପତି ଗଙ୍ଗାଧର ମିଶ୍ର, ଅବସରପ୍ରାପ୍ତ ଖେଳ ଶିକ୍ଷକ କ୍ଷୀରୋଦ କୁମାର ପରିଡା, ବାଘମରା ଗାଁ ଅନ୍ୟତମ ଅତିଥି ମୁନା ସିଂ, ଯୁବନେତା ରାମକୃଷ୍ଣ ମହାପାତ୍ର, ଓ ଜୟନ୍ତ ଦାସ ମଧ୍ୟ ଉପସ୍ଥିତ ରହି ଆଜିର ବିଜେତା ବ୍ଲାକ ପେନ୍ଥର, ବାଲେଶ୍ୱର (୪ ।୩), ରନର୍ସ ଭାବେ ଜେ ଏମ ବ୍ରଦର୍ସ, ତୁଳସୀ ଡିଆ (୩/୪)ଏବଂ ଶୃଙ୍ଖଳିତ ଖେଳାଳି ଭାବେ ସଜନାଗଡ଼ ଫୁଟବଲ ଟିମ ପୁରସ୍କୃତ ହୋଇଥିଲେ । ବାଘପଥ ୟୁଥ କ୍ଲବ ସଭାପତି କାଳନ୍ଦୀ ସିଂ, ସମ୍ପାଦକ ଜିତେନ୍ଦ୍ର. ସିଂ, ସଭ୍ୟ ଶମ୍ଭୁନାଥ ସିଂ, ରତିକାନ୍ତ ପଲେଇ, ଦେବଦତ ସିଂ, ତପୁ ସିଂ, ସନ୍ତୋଷ କୁମାର ସିଂ, ହରମୋହନ ସିଂ ଓ ଜଗବନ୍ଧୁ ସିଂ ଦୁଇଦିନ ଧରି ଅକ୍ଲାନ୍ତ ପରିଶ୍ରମ କରି ଖେଳ ରେ ସହଯୋଗ କରିଥିବା ବେଳେ ଉକ୍ତ ଖେଳକୁ ପରି ଚାଳନା କରିଥିଲେ ରତନ୍ନାକର ସ୍ୱାଇଁ, ବୁଦ୍ଧଦେବ ମୁର୍ମୁ ଓ ଗୋପାଳ ହେମ୍ବ୍ରମ ।

ବନ୍ଦଘରୁ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହତ୍ୟା ଅଭିଯୋଗ ଆଣିଲେ ମୃତକଙ୍କ ପରିବାର



ନୀଳଗିରି, ୨୦/୦୯ (ଆ.ପ୍ର) : ବନ୍ଦଘରୁ ଜୈନିକ ମହିଳାଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ଶାଶୁଘର ଲୋକେ ଯୌତୁକପାଇଁ ତାଙ୍କ ଝିଅକୁ ହତ୍ୟାକରି ଆତ୍ମହତ୍ୟାର ରୂପ ଦେଇଥିବା ନେଇ ମହିଳାଙ୍କ ବାପା ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଥିବାରୁ ଅଂଚଳରେ ଚାଂଚଲ୍ୟ ଖେଳିଯାଇଛି । ସୂଚନା ରୁ ଜଣାଯାଇଛି, ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ଜାରଡା ଗ୍ରାମର ପ୍ରଭଞ୍ଜନ ପ୍ରଧାନଙ୍କ କନ୍ୟା ଶୁଭଲକ୍ଷ୍ମୀ (୨୧) ବର୍ଷଙ୍କୁ ୨୦୨୪ ମସିହାରେ ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଓଲଡ଼ଙ୍ଗ ଗ୍ରାମର ଶମ୍ଭୁନାଥ ସାମଲଙ୍କ ପୁଅ ପଙ୍କଜ ସାମଲଙ୍କୁ ବୈଦିକରୀତିରେ ବିବାହ ଦେଇଥିଲେ । ବିବାହ ସମୟରେ ବରପକ୍ଷର ଦାବୀ ମୁତାବକ ସମସ୍ତ ଯାନି ଯୌତୁକ ଦେଇ ଝିଅକୁ ବିଦାକରିଥିଲେ । କିଛିଦିନ ଭଲରେ ଘର ସଂସାର କରିବାପରେ ଶାଶୁ, ଶ୍ୱଶୁର, ନଣନ୍ଦ, ନଣନ୍ଦେଇଙ୍କ ସମେତ ସ୍ୱାମୀ ପଙ୍କଜ ଅଧିକ ଯୌତୁକ ଦାବିକରି ବାରମ୍ବାର ନିର୍ଯ୍ୟାତନା ଦେଉଥିବା ଏବଂ ଏଥିପାଇଁ ବାରମ୍ବାର ଉଭୟ ପରିବାର ବସି ସମାଧାନ କରିଥିଲେ । ଆଜି ସକାଳ ପ୍ରାୟ ୭ଟା ସମୟରେ ଶୁଭଲକ୍ଷ୍ମୀ ନିଜର ମାଆ ସହିତ ଫୋନରେ କଥାହୋଇଥିବା ବେଳେ ଦିନପ୍ରାୟ ୯ଟା ସମୟରେ ଉକ୍ତ ମହିଳାଙ୍କ ଝୁଲନ୍ତା ମୃତଦେହ ଏକ ବନ୍ଦଘରୁ ଉଦ୍ଧାର କରାଯାଇ ନୀଳଗିରି ହସ୍ପିଟାଲ ଅଣାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ନୀଳଗିରି ପୋଲିସ ଘଟଣାସ୍ଥଳରେ ପହଂଚି ଅଧିକ ତଦନ୍ତ ଜାରିରଖିଥିବା ବେଳେ ସ୍ୱାମୀ ପଙ୍କଜଙ୍କୁ ଅଟକ ରଖି ପଚରାଉଚରା କରୁଛି । ତେବେ ମୃତ ଶୁଭଲକ୍ଷ୍ମୀଙ୍କ ବାପା ନୀଳଗିରି ଥାନାରେ ପହଂଚି ଲିଖିତ ଅଭିଯୋଗ କରିବା ସହିତ ତାଙ୍କ ଝିଅକୁ ଶାଶୁଘର ଲୋକ ୫ଲକ୍ଷଟଙ୍କା ପାଇଁ ମାରିଦେଇ ଦଉଡ଼ିରେ ଟାଙ୍ଗିଦେଇ ଆତ୍ମହତ୍ୟାର ରୂପ ଦେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରିବାସହ ଝିଅକୁ ନିର୍ଯ୍ୟାତନାର ଫୋନରେକର୍ଡ଼ିଂ ତାଙ୍କନିକଟରେ ଥିବା ଅଭିଯୋଗ କରିଛନ୍ତି ।ମହିଳାଙ୍କ ଶବବ୍ୟବଚ୍ଛେଦ କରାଯିବାପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ସୂଚନା ରହିଛି । ଏନେଇ ନୀଳଗିରି ଥାନାରେ ୪୨୫/୨୬ ଧାରା ୮୫/୮୦,୧୦୩(୧)୩(୫) ଭାରତୀୟ ନ୍ୟାୟସଂହିତା ୪ଡିପି ମାମଲା ରୁଜୁକରି ତଦନ୍ତ ଜାରିରଖିଛି । ତଦନ୍ତକାରୀ ଅଧିକାରୀ ଦେବବ୍ରତ ସ୍ୱାଇଁ ତଦନ୍ତ ଜାରିରଖିଥିବା ବେଳେ ସିସି ଟିଭି ଫୁଟେଜର ହାର୍ଡ ଡିସ୍କ ଏବଂ ମୋବାଇଲ୍ ଜବତ କରିଛି ।

ସି ପି ଆଇଏମ ନେତା ଗୋପିନାଥ ସିଂଙ୍କ ଶ୍ରଦ୍ଧାଞ୍ଜଳି ସଭା

ନୀଳଗିରି, ୨୦/୦୯ (ଆ.ପ୍ର) : ଗରଡି ପଂଚାୟତ ର ଟିଆକଟା ଗ୍ରାମର ଭାରତର କମ୍ୟୁନିଷ୍ଟ ପାର୍ଟୀ ମାର୍କ୍ସବାଦୀ ନେତା ଗୋପିନାଥ ସିଂଙ୍କ ଶ୍ରଦ୍ଧାଞ୍ଜଳି ସଭା ସାଥୀ ଲକ୍ଷ୍ମୀଧର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସେ ଆଜୀବନ କମ୍ୟୁନିଷ୍ଟ ଭାବେ ଥିଲେ । ତାଙ୍କର ଜୀବନ ଭିତରେ ବହୁ ଅସୁବିଧା ଥିଲେ ସୁଦ୍ଧା ନୀତିରେ ସେ ଅଟଳ ଥିଲେ । ଜୀବନର କର୍ଯ୍ୟଧାରା ରେ ସେ କେବେ ବିଚ୍ୟୁତ ହୋଇ ନ ଥିଲେ । କୁଲଡିହା ଅଭୟାରଣ୍ୟ ଆନ୍ଦୋଳନରେ ସେ ଜଣେ ଆଗଧାଡ଼ିର ନେତା ଥିଲେ । ତାଙ୍କ ମୃତ୍ୟୁ ପାଇଁ ପାର୍ଟୀର ଯେଉଁ କ୍ଷତି ହୋଇଛି ତାହା ଅପୂରଣୀୟ । ସିପିଆଇ (ଏମ)ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର ଉକ୍ତ କାର୍ଯ୍ୟକ୍ରମ ରେ ଯୋଗ ଦେଇ ଗୋପିନାଥ ସିଂଙ୍କ ନେତୃତ୍ୱ ନେତୃତ୍ୱ ସମ୍ପର୍କ ରେ ଆଲୋଚନା କରିବା ସହିତ ଆଗାମୀ ଦିନରେ ଡବଲ ଇଞ୍ଜିନ ସରକାର ର ଜନ ବିରୋଧି ନୀତି ବିରୁଦ୍ଧରେ ଜନ ଆନ୍ଦୋଳନ କରିବା ପାଇଁ ଏକଜୁଟ ହେବାକୁ କହିଥିଲେ । ଉକ୍ତ ସଭାରେ ଜିଲ୍ଲା କମିଟି ସଭ୍ୟ ସତ୍ୟଜିତ ଦାସ ସାଥୀ ଗୋପିନାଥ ସିଂଙ୍କ ଜୀବନଚର୍ଯ୍ୟା ଓ ମହତ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ । ଉକ୍ତ ସଭା ରେ ରାମଚନ୍ଦ୍ର ସିଂ, ଗୋଲକ ପ୍ରଧାନ, ପୂର୍ବତନ ସରପଂଚ ଜଗନ୍ନାଥ ସିଂ, ରବି ସିଂ, ନୀଳ ସିଂଙ୍କ ସମେତ ବହୁ ସାଥୀ ଉପସ୍ଥିତ ଥିଲେ ।

ଆନ୍ତର୍ଜାତିକ ବେଳାଭୂମି ସ୍ୱଚ୍ଛତା ଦିବସ ପାଳିତ

ବାଲିଆପାଳ, ୨୦/୦୯ (ଆ.ପ୍ର) : ଆଜି ହେଉଛି ଆନ୍ତର୍ଜାତିକ ବେଳାଭୂମି ସ୍ୱଚ୍ଛତା ଦିବସ । ଏହି ଅବସରରେ ପର୍ଯ୍ୟଟକ ଓ ସାଧାରଣ ଲୋକଙ୍କୁ ବେଳାଭୂମି ସ୍ୱଚ୍ଛତା ନେଇ ସଚେତନ କରିବା ପାଇଁ ନିଜେ ହାତରେ ଝାଡୁ ଧରି ସଫେଇ କରିଛନ୍ତି ଭୋଗରାଇ ବିଡିଓ । ସୀମାନ୍ତ ଉଦୟପୁରରୁ ତାଳସାରୀ ପର୍ଯ୍ୟନ୍ତ ତଟବର୍ତ୍ତୀ ଅଂଚଳରେ ସ୍ଥାନୀୟ ଲୋକଙ୍କୁ ସାମିଲ କରାଯାଇ ସଫେଇ ସହ ସଚେତନତା କାର୍ଯ୍ୟକ୍ରମ କରାଯାଇଛି । ଚଳିତବର୍ଷର ସନ୍ଦେଶ ରହିଛି "ସ୍ୱଚ୍ଛ ସାଗର, ସୁରକ୍ଷିତ ସାଗର" । ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅଧୀନ ଉଦୟପୁର ବେଳାଭୂମିରେ ରେଞ୍ଜର ଶିଶିର ବେହେରା ଓ ବ୍ଲକ ପ୍ରଶାସନ ପକ୍ଷରୁ ସ୍ୱଚ୍ଛତା ଅଭିଯାନ ଆୟୋଜିତ ହୋଇଛି । ଏଥିରେ ବିଡିଓ, ସରପଂଚ, ସ୍ଥାନୀୟ ଏସ୍ଏଚ୍ଜି ସଦସ୍ୟା, ବ୍ଲକ କର୍ମଚାରୀ ଓ ସ୍ଥାନୀୟ ବାସିନ୍ଦା ସାମିଲ ହୋଇ ବେଳାଭୂମିରେ ସଫେଇ କରିଥିଲେ,ସଫେଇ ଅଭିଯାନରେ ଭୋଗରାଇ ବିଡିଓ ନିଜେ ଝାଡୁ ଧରି ବେଳାଭୂମି ସଫା କରିବା ସହ ଲୋକଙ୍କୁ ସ୍ୱଚ୍ଛତାର ବାର୍ତ୍ତା ଦେଇଥିଲେ । ସମୁଦ୍ର ଓ ବେଳାଭୂମିକୁ ପ୍ଲାଷ୍ଟିକ ଏବଂ ଅନ୍ୟାନ୍ୟ ଆବର୍ଜନାମୁକ୍ତ ରଖିବା ପାଇଁ ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କୁ ସଚେତନ କରାଯାଇଥିଲା । ପରିବେଶର ସୁରକ୍ଷା ଓ ସନ୍ତୁଳନ ପାଇଁ ସମୁଦ୍ର ଏବଂ ବେଳାଭୂମିର ସ୍ୱଚ୍ଛତା ଅତ୍ୟନ୍ତ ଆବଶ୍ୟକ । କେବଳ ଗୋଟିଏ ଦିନ ସଫେଇ କରିଦେଲେ ହେବ ନାହିଁ, ବର୍ଷସାରା ବେଳାଭୂମିକୁ ସ୍ୱଚ୍ଛ ରଖିବା ସହ ଏନେଇ ଜନସାଧାରଣଙ୍କୁ ସଚେତନ କରିବା ଆବଶ୍ୟକ ବୋଲି କାର୍ଯ୍ୟକ୍ରମରେ କୁହାଯାଇଛି । ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମ ସେପଟ୍ଟେମ୍ବର ୧୭ ତାରିଖରୁ ଆରମ୍ଭ ହୋଇ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ । ନିଜ ଆଖପାଖ ଅଂଚଳକୁ ସଫା ରଖିବା ସହ ପରିବେଶର ସନ୍ତୁଳନ ବଜାୟ ରଖିବାରେ ପ୍ରତ୍ୟେକ ନାଗରିକଙ୍କ ଭୂମିକା ରହିଛି ବୋଲି ସଚେତନ କରାଯାଇଛି ।

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ
କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ପର୍ଯ୍ୟଟନ ଶିଳ୍ପ

ବିଶ୍ୱରେ ପର୍ଯ୍ୟଟନ କେବଳ ଏକ ଭ୍ରମଣ ବା ସଉକର ଏକ ମାଧ୍ୟମ ହୋଇ ରହିନାହିଁ । ସାମାଜିକ ବିକାଶ ଓ ଅର୍ଥନୈତିକ ଅଭିବୃଦ୍ଧିରେ ଏହା ସହାୟକ ହୋଇଛି । ଯେଉଁ ରାଷ୍ଟ୍ର ପର୍ଯ୍ୟଟନର ଗୁରୁତ୍ୱ ବୁଝି ଏହାକୁ ଠିକଣା ବାଟରେ ନେଇପାରୁଛି ତାହାର ଆର୍ଥିକ ବିକାଶ ସେହି ଅନୁପାତରେ ଊର୍ଦ୍ଧ୍ୱଗାମୀ ହେଉଥିବା ଲକ୍ଷ୍ୟ କରାଯାଉଛି । ଭାରତରେ ପ୍ରାକୃତିକ ସୌନ୍ଦର୍ଯ୍ୟ ବା ପରିବେଶ, ପ୍ରାଚୀନ କୀର୍ତ୍ତିରାଜି, ଐତିହ୍ୟ, ତୀର୍ଥସ୍ଥଳୀ ସଂସ୍କୃତି ଆଦି ପର୍ଯ୍ୟଟନ ଲାଗି ବ୍ୟାପକ ସୁଯୋଗ ରହିଛି । ଗତ କିଛିବର୍ଷ ହେବ ଏହାସହିତ ଶିକ୍ଷା, ଚିକିତ୍ସା, ଦୁଃସାହସିକ କାର୍ଯ୍ୟ, ଗ୍ରାମୀଣ ପର୍ଯ୍ୟଟନ ସାମିଲ ହୋଇଥିବାରୁ ଏହି ଉପମହାଦେଶ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି । ୨୦୧୪ ମସିହାରେ ଭାରତକୁ ବିଦେଶୀ ପର୍ଯ୍ୟଟକ ଆଗମନ ସଂଖ୍ୟା ଥିଲା ୭୭ ଲକ୍ଷ । ଏହି ଆଗନ୍ତୁକଙ୍କ ଯୋଗୁ ପର୍ଯ୍ୟଟନ କ୍ଷେତ୍ର ୧,୨୦,୦୮୩ କୋଟି ଟଙ୍କାର ବୈଦେଶିକ ମୁଦ୍ରା ଉପାର୍ଜନ କରିପାରିଥିଲା । କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟର ସଦ୍ୟ ପ୍ରକାଶିତ ତଥ୍ୟ ଅନୁଯାୟୀ ବିଗତ ଏକ ଦଶନ୍ଧି ହେବ ଭାରତରେ ପର୍ଯ୍ୟଟନ କ୍ଷେତ୍ରରେ ଅଭିବୃଦ୍ଧି ଘଟିଛି । ଭାରତର ମୋଟ ଘରୋଇ ଉତ୍ପାଦ ଏହାର ଅବଦାନ ୬.୮ ପ୍ରତିଶତ । ଏହି ପରିପ୍ରେକ୍ଷୀରେ ଦକ୍ଷିଣ ପୂର୍ବ ଏସିଆର ଥାଇଲାଣ୍ଡ ଭଳି ଛୋଟିଆ ଦେଶକୁ ଦେଖିଲେ ତାର ଜିଡ଼ିପିକୁ ପର୍ଯ୍ୟଟନର ଅବଦାନ ୨୦.୦୨ ପ୍ରତିଶତ । ଓଡ଼ିଶାରେ ପର୍ଯ୍ୟଟନ ଭିତ୍ତିଭୂମିର ଅଭାବ ନାହିଁ । କିନ୍ତୁ ଏସବୁର ବିକାଶ ଏବଂ ସୁରକ୍ଷାର ବ୍ୟବସ୍ଥା କରାଯାଇପାରୁ ନଥିବା କାରଣରୁ ତାହା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରୁ ନାହିଁ । କେବଳ ପ୍ରାଚୀନ ଐତିହ୍ୟସ୍ଥଳୀ ନୁହେଁ ପ୍ରାକୃତିକ ଶୋଭାରାଜି, ସୁଦୀର୍ଘ ବେଳାଭୂମି, ଉତ୍କୃଷ୍ଟ କଳା କାରିଗରି ଓଡ଼ିଶାର ଶ୍ରୀବୃଦ୍ଧି କରିଆସିଛି । ଏଥିସହିତ ଯୋଡ଼ି ହୋଇ ରହିଛି ବୌଦ୍ଧ ପର୍ଯ୍ୟଟନ ସ୍ଥଳୀ । ଯାଜପୁର ଜିଲ୍ଲାର ଲଳିତଗିରି, ରତ୍ନଗିରି, ଉଦୟଗିରି, ଲାଙ୍ଗୁଡ଼ି, ଭୁବନେଶ୍ୱର ଉପକଣ୍ଠ ଧଉଳିଗିରି, ଗଜପତି ଜିଲ୍ଲାର ଚନ୍ଦ୍ରଗିରି ଠାରୁ ଆରମ୍ଭ କରି କେନ୍ଦ୍ରାପଡ଼ା, ବାଲେଶ୍ୱର, ସୋନପୁର ଆଦି ଜିଲ୍ଲାର ବିଭିନ୍ନ ସ୍ଥାନରେ ବୌଦ୍ଧ କୀର୍ତ୍ତିରାଜି ରହିଛି । ନିକଟରେ ପୁରୀ ଜିଲ୍ଲା ଅରାଗଡଠାରେ ଉତ୍ଖନନ କରାଯାଇ ବୌଦ୍ଧ କୀର୍ତ୍ତିର ସନ୍ଧାନ ମିଳିଲାଣି । ତେବେ ଓଡ଼ିଶାର ପର୍ଯ୍ୟଟନ ବିଭାଗ ଯେଉଁଭଳି ଭାବେ ବୌଦ୍ଧ ପର୍ଯ୍ୟଟନକୁ ଗୁରୁତ୍ୱ ଦେବା କଥା ତାହା ଦେଉଥିବା ଭଳି ମନେହେଉନାହିଁ । ଯାଜପୁର ଜିଲ୍ଲାର ବୌଦ୍ଧପୀଠ ଉଦୟଗିରିକୁ ଦେଖାଯାଉ । ଓଡ଼ିଶାରେ ଥିବା ଅନ୍ୟ ବୌଦ୍ଧସ୍ଥଳୀଗୁଡ଼ିକ ମଧ୍ୟରେ ଏହାର ସ୍ୱାତନ୍ତ୍ର୍ୟ ରହିଛି । ଗବେଷକମାନେ ଉଦୟଗିରିକୁ ବିଶ୍ୱର ଏକ ବିରଳ ବୌଦ୍ଧପୀଠ ହିସାବରେ ଚିତ୍ରଣ କରୁଥିଲେ ମଧ୍ୟ ଏହାର ବିକାଶ କେବଳ ପ୍ରତିଶ୍ରୁତିରେ ଅଟକି ଯାଇଛି । ୧୯୮୭ ମସିହାରେ ଉତ୍ଖନନ ବେଳେ ଉଦୟଗିରିରେ ଏକ ବିଶାଳ ଧ୍ୟାନମହାସ୍ତୂପ ଏବଂ ଦୁଇଟି ମହାବୁଦ୍ଧ ବିହାର ଆବିଷ୍କୃତ ହୋଇଥିଲା । ଗବେଷକମାନେ ଏହାକୁ ଅଷ୍ଟମ-ନବମ ଶତାବ୍ଦୀର ବିରଳ କୀର୍ତ୍ତିରାଜି ବୋଲି ଅଭିହିତ କରିଥିଲେ । ୨୦୧୩ ଏବଂ ୨୦୧୪ ମସିହାରେ ଏଠାରେ ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀର ଆୟୋଜନ କରାଯାଇ ଏହି ବୌଦ୍ଧବିହାରର କଳା ଓ ସ୍ଥାପତ୍ୟକୁ ବିଶ୍ୱ ଦରବାରରେ ପରିଚିତ କରିବାର ପ୍ରୟାସ ହୋଇଥିଲା । ଏହାସତ୍ତ୍ୱେ ପୀଠର ବିକାଶ ହୋଇପାରୁ ନଥିବାରୁ ଏଠାକୁ ପର୍ଯ୍ୟଟକଙ୍କ ଆଗମନରେ ଉନ୍ନତି ପରିଲକ୍ଷିତ ହେଉନାହିଁ । ବିରଳ ମୂର୍ତ୍ତି ଚୋରି ହୋଇଯାଉଛି । କେତେକ ଉତ୍ଖନନ ସ୍ଥାନ ଭୁଶୁଡ଼ି ପଡ଼ିବା ଅବସ୍ଥାରେ ରହିଥିଲେ ମଧ୍ୟ ଏହାର ରକ୍ଷଣାବେକ୍ଷଣ କରାଯାଉନାହିଁ । କେବଳ ଉଦୟଗିରି ନୁହେଁ, ରାଜ୍ୟର ଅନେକ ସ୍ଥାନରେ ବୌଦ୍ଧସ୍ଥଳ ଏହିଭଳି ଅବହେଳିତ । ବାଲେଶ୍ୱର ଜିଲ୍ଲାର କୁପାରୀ ଅଞ୍ଚଳରେ ବୌଦ୍ଧସ୍ତୂପ ଭଗ୍ନ ଅବସ୍ଥାରେ ରହିଛି । ମୂର୍ତ୍ତିକୁ ସ୍ଥାନୀୟ ଲୋକେ ଗଛମୂଳରେ ରଖି ଦେବତା ଭାବେ ପୂଜା କରୁଛନ୍ତି । ଅନେକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ମଧ୍ୟ ଏହି ପ୍ରକାର ଅବସ୍ଥା ଦେଖିବାକୁ ମିଳୁଛି । ରାଜ୍ୟ ସରକାରଙ୍କ ପର୍ଯ୍ୟଟକ ବିଭାଗ କେତେକ ବୌଦ୍ଧ ପୀଠକୁ ଐତିହ୍ୟସ୍ଥଳର ତାଲିକାରେ ଅନ୍ତର୍ଭୁକ୍ତ କରି ଚୁପ୍ ବସିପଡ଼ିଛନ୍ତି । କିଛିବର୍ଷ ହେବ ଦେଖାଯାଉଛି କେବଳ ବୌଦ୍ଧ ଗବେଷକ ସେମାନଙ୍କ ସନ୍ଦର୍ଭ ପ୍ରସ୍ତୁତ ପାଇଁ ଏଠାକୁ ଆସୁଛନ୍ତି । ଏହାଦ୍ୱାରା ପର୍ଯ୍ୟଟନର ପ୍ରଚାର ପ୍ରସାର ହେଉଛି ବୋଲି କୁହାଯାଇପାରିବ ନାହିଁ । ବୁଝିବାକୁ ହେବ ଯେ, ପରିଭ୍ରମଣରେ ଆସୁଥିବା ବ୍ୟକ୍ତିମାନେ ବାସରୁ ମୁକ୍ତ ରହି ନୂଆ ସ୍ଥାନକୁ ଉପଭୋଗ କରିବାର ଇଚ୍ଛା ପୋଷଣ କରିଥାନ୍ତି । ଯଦି ଭ୍ରମଣ ସ୍ଥଳରେ ଶାନ୍ତି ନ ମିଳେ ତେବେ ସେମାନେ ସେହି ସ୍ଥାନଠାରୁ ଦୂରେଇ ରହିବା ସ୍ୱାଭାବିକ । ଶ୍ରୀଲଙ୍କା ଏବଂ ନିକଟରେ ଭୂକମ୍ପ ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ନେପାଳ ଭଳି ଦେଶରେ ପର୍ଯ୍ୟଟନ ସ୍ଥଳଗୁଡ଼ିକର ସେଭଳି ବିକାଶ ଚିତ୍ର ଦେଖିବାକୁ ମିଳୁ ନଥିଲେ ମଧ୍ୟ ଶାନ୍ତି ରହିଛି । ସେଠାରେ ପର୍ଯ୍ୟଟକଙ୍କୁ ହଇରାଣ ହରକତ ହେବାକୁ ପଡୁ ନଥିବାରୁ ଅନେକ ବିଦେଶୀ ସେହିସବୁ ସ୍ଥାନକୁ ଯିବାକୁ ପସନ୍ଦ କଲେଣି । ଓଡ଼ିଶାରେ ଲୋକଚରିତ୍ରର ପରିବର୍ତ୍ତନ ଆସୁ ନଥିବା କାରଣରୁ ପର୍ଯ୍ୟଟନ ସ୍ଥଳଗୁଡ଼ିକରେ ପରିଭ୍ରମଣକାରୀଙ୍କୁ ଅସଦ୍‌ବ୍ୟବହାରଠାରୁ ଆରମ୍ଭ କରି ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ।

ସପ୍ତନାଡୀରେ ଇଂଲିଶ ତାରିଖରେ ରବି ପ୍ରବେଶ

॥ ଉତ୍କଳାନନ୍ଦ ଅଜୟ କୁମାର ବେହେରା ॥

୧ ଅଶ୍ୱିନୀ, ବାୟୁ ନାଡ଼ୀ, ଅପ୍ରେଲ ତା ୧୩-୧୪ । ୨ ଭିଜା ଓ ୩ କୃତିକା, ଚଣ୍ଡୀ ନାଡ଼ୀ, ଅପ୍ରେଲ ତା ୨୭ରୁ, ୨୪ ।।୪ ରୋହିଣୀ ବାୟୁ ନାଡୀ ସେ ଠାରୁ ମେ ତା୭-୮ ।। ୫ ମୃଗଶିରା, ଦହନ ବା ଅଗ୍ନି ନାଡ଼ୀ ସେଠାରୁ ଭୋଗ ଜୁନ ୨୧ ପର୍ଯ୍ୟନ୍ତ ଠିକ ଏଇ ପର ପର, ୬ ଆର୍ଦ୍ରସୌମ୍ୟ ନାଡୀରେ ଜୁନ ୨୨-୨୩ର ରବି ବାସ ପ୍ରାୟ ୧୩ ଦିନ ଯାହା ତା୬-୮, ଜୁଲାଇ ପର୍ଯ୍ୟନ୍ତ । ଏହାପରେ ୭ ପୁନର୍ବସୁ ନୀର ନାଡ଼ୀର ରବିସ୍ଥିତ ଆରମ୍ଭ ଏହା ୨୦ ଜୁଲାଇ ପର୍ଯ୍ୟନ୍ତ । ତାପରେ ୮ ପୁଷ୍ୟା, ଜଳ ନାଡ଼ୀ ଏହା ରବିଙ୍କୁ ସେଠାରୁ ଅଗଷ୍ଟ ତା୨-୩ ପର୍ଯ୍ୟନ୍ତ ଭୋଗ କାଳ । ତାପର ୯, ଅଶ୍ଳେଷା ୧୦ ମଘା ଅମୃତ ନାଡ଼ୀରେ ରବି ଭୋଗ କାଳ ୩୧ ଅଗଷ୍ଟ ପର୍ଯ୍ୟନ୍ତ, ଏହି ଦିନ ପର ପର ୧୧ ପୂର୍ବା ଫାଲଗୁନୀ, ଜଳ ନାଡୀ ଭୋଗ ଏହା ତା ୧୩, ସେପ୍ଟେମ୍ବର ଯାହା ରହିଥାଏ । ୧୨, ଉତରା ଫାଲଗୁନୀ ନୀର ନାଡୀରେ ସେ ତାରିଖରୁ ୨୭ ସେପ୍ଟେମ୍ବର ଯାଏ ରବି ବାସ ଓ ତାପର ୧୩, ହସ୍ତା, ସୌମ୍ୟ ନାଡୀ କନ୍ୟା ସଂକ୍ରାନ୍ତି ପର ପର ଦଶ ଦିନ ଏଠାରେ ପାଗ ପରିବର୍ତ୍ତନ ଆରମ୍ଭ ଏହା ତା ୧୦ ଅକ୍ଟୋବର ମଧ୍ୟରେ ମୌସୁମୀ ବର୍ଷ ଦିନର ସମୟର ସୂଚକ । ତାପରେ ୧୪ ଦିନ ଯାହା ସେହି ତାରଖରୁ ଆରମ୍ଭ । ତାହା ୧୩, ଚିତ୍ରା, ଦହନ ନାଡ଼ୀ, ଏକ ଓଲଟ ଜଳବାୟୁ ସ୍ଥିତି ବେଳେ ଏପରି ଗରମ ସ୍ଥିତି ଅନୁଭବ ହୁଏ । ଏହା ୨୪ ଅକ୍ଟୋବର ପର୍ଯ୍ୟନ୍ତ ରହିଥାଏ । ଠିକ ଏ ସମୟ ପରେ ରବିସ୍ଥିତି ୧୫ ସ୍ୱାତୀ ବାୟୁନାଡ଼ୀକୁ ଆସି ଯାଉଛି । ନାଡୀକୁ ଆସିଯାଉଛି । ନାଡୀର ନାମ ବାୟୁ, ଅଛି ତୁଳା ପରି ଚର ବାୟୁ ରାଶିରେ ପୁଣି ଖୋଦ ବାୟୁ ଦେବତା ଏହି ନକ୍ଷତ୍ରର ଦେବତା । ପ୍ରତ୍ୟାବର୍ତ୍ତନଶୀଳ ମୌସୁମୀ ପଶ୍ଚିମା ବାୟୁ ବାହକ ଏହା ନଭେମ୍ବର ୬-୭ ତାରିଖରେ ଅନ୍ତ ହୁଏ, ପୁଣି ୧୬ ବିଶାଖା, ୧୭ ଅନୁରାଧା, ଯାହା ଚଣ୍ଡ ନାଡୀ ବାତ୍ୟା ମହାବାତ୍ୟା ପଶ୍ଚିମା ବାୟୁ ବହନ ସମୟ ।

ବିଗତ ୧୯୯୯, ମସିହା ଅକ୍ଟୋବର ଶେଷରେ ଆସିଥିବା ମହାବାତ୍ୟା, ତତ କାଳରେ ଚଣ୍ଡା ନାଡୀରେ ଶନିକୁ ବାୟୁ ରାଶିରେ ରବି ଥିଲେ । ସବୁବେଳେ ଏପରି ଯୋଗ ନିପଡ଼ିଲେ ବି ପବନ ଭୟ ଏ ସମୟରେ ଅସେ । ଗୋପରେ ଜନେ ସର୍ବଗୋବସା ସହ ଗୋବର୍ଦ୍ଧନ ପର୍ବତରେ ବାସ, ଏବେ ବି ଭାଗବତରେ ପାଠ ଲୋକେ କରୁଛନ୍ତି । ଯାହା ଏହି ସମୟରେ ପଡ଼ିଥିଲା । ଅକ୍ଟୋବର ୨ୟ ସପ୍ତାହରୁ ବାୟୁ ଚଣ୍ଡା ବାୟୁ ୪ ନାଡୀ ପର ପର ଭୋଗ କାଳ ଡିସେମ୍ବର ୧ମ ସପ୍ତାହ ଆରମ୍ଭ ପର୍ଯ୍ୟନ୍ତ ପଶ୍ଚିମ ବାୟୁ ଭୟ ଆମ ରାଜ୍ୟର ଏକ ଆତଙ୍କିତ ସମୟ । ପାଚିଲା ଧାନ ଉଜୁଡ଼ିବାର ଏହା କାରଣ ହୁଏ । ୧୯ ନକ୍ଷତ୍ର ଯାହା ଦହନ ନାଡୀ ଡିସେମ୍ବର ୨-୩ରୁ ଆରମ୍ଭ ଏହା ଝଡ଼ ବତାସ ପର ପୁଣି ଏକ ଦହନ ସମୟ, ଠିକ ଏହାପରେ ଆସୁଛି ୨୦, ପୂର୍ବାଷାଢ଼ା ନକ୍ଷତ୍ର, ଯାହା ସୌମ୍ୟ ନାଡୀ ଏହା ଡିସେମ୍ବର ଶେଷରୁ ଜାନୁଆରୀ ୧୧ ତାରିଖ ମଧ୍ୟକାଳ, ଏହି ପୂର୍ବାଷାଢ଼ାର ଦେବତା ଜଳ ଦେବତା, ମେଘର ଗର୍ଭ ଧାରଣ କାଳ, ଯେତେବେଳେ କୁହୁଡ଼ି ଆକାଶରେ ଦେଖାଯିବା ଆରମ୍ଭ କରେ । ପ୍ରତି କାଳରେ୧୮୦ ଦୂରରେ ପୃଥିବୀ ରବି ରହିବା ଯୋଗୁ, ଧନୁ ମାସରୁ ମିଥୁନ ମାସ ୬ମାସ ମେଘ ଗର୍ଭ ଧାରଣରୁ ଗର୍ଭ ମୋକ୍ଷ ହୋଇ ବର୍ଷା ସେହି ଠାରୁ ଆରମ୍ଭ ହେଉଛି ପୂର୍ବ ଓ ଉତର ସହ ଆଷାଢ଼ ନକ୍ଷତ୍ରରେ କୁହୁଡ଼ି ଦର୍ଶନ କାଳ ତତସହ ହେମନ୍ତ ନାମରେ ଋତୁ ଭୋଗ, ଆମ୍ବ ବଉଳ ପାଇଁ ବକୁଳ ଲାଗି ଆମାବାସ୍ୟା ଏହି ସମୟ । ୨୧ ନକ୍ଷତ୍ର ହିଁ ଉତରାଷାଢ଼ା ଏହା ନୀର ନାଡୀ ୧୧ ଜାନୁଆରୀରୁ ୨୧ ଜାନୁଆରୀ ଭୋଗ କାଳ ଆକାଶ କଂଟିକାରେ ସକାଳ ଉଷା କାଳ । ଟପଟପ ଶିଶିର ପଡ଼ିବା ଦେଖାଯାଏ । ଏହି ନକ୍ଷତ୍ର ଶେଷ ଚତୁର୍ଥ ଅଂଶ ଆରମ୍ଭ ଅଭିଜିତ ବାମନ ନକ୍ଷତ୍ର, ଏହା ଛୋଟ ହେଲେ ବି ଏହି ସପ୍ତନାଡୀରେ ଅଧିକାର କରିଛି ଏଥିରେ ରବି ୨୧-୨୪ ରହନ୍ତି ଏହା ଜଳ ନାଡୀ, ଆମ ଓଡ଼ିଶାରେ ଅଗ୍ନି ଉତବ ମାଘ ପୂର୍ଣ୍ଣିମା ଅଗୀ ବାସୀ ବର୍ଷା ଉତମ କୁହାଯାଏ ।

ଯଦି ବରଷଇ ମାଘର ଶେଷ ଧନ୍ୟ ସେ ରାଜା ଧନ୍ୟସେ ଦେଶ । ଏହାପରେ ୨୨ ଶ୍ରବଣା ଓ ୨୩ ଧନିଷ୍ଠା ଅମୃତ ନାଡୀ ଏହି ଦୁଇ ନକ୍ଷତ୍ରରେ ରବି ଥିବା କାଳରେ ବର୍ଷା ଇଁ ଭାଁ ବର୍ଷା ଥାଏ, ରବି ଫସଲରେ ଏହାର କିଂଚ୍ତ ଆବଶ୍ୟକ, ମାତ୍ରା ଅଧିକ ହେଲେ ଅଧିକ ମୁଗଆଦି ଫସଲର ହାନି ହୁଏ । ୨୪ ଶତଭିଷା ଜଳ ନାଡୀ ଏ ହାର ଅନ୍ୟ ନାମ ବାରୁଣୀ ଯାହା ବରୁଣ ସମୁଦ୍ରଙ୍କ ସହ ଜଡ଼ିତ ବାରୁଣୀର ଦୁଇ ପ୍ରୟୋଗ, ମଦ୍ୟ ଓ ଅମୃତ ଯାହା ଏକ ସାଙ୍ଗରେ ସମୁଦ୍ର ମନ୍ଥନରୁ ମିଳି ମହା ମୋହିନୀ ମାୟାଧର ବିଷ୍ଣୁଙ୍କ ଦ୍ୱାରା ସୁରା ମଦ୍ୟ, ଅସୁରଙ୍କୁ ସୋମ, ଅମୃତ ଦେବତାଙ୍କୁ ଦିଆଯାଇଥିଲା । ଏ ଅସୁର ସ୍ୱାର୍ଥ ସଦା ଦେଖନ୍ତି, କୃତ୍ରିମ ଅଭାବ ଦ୍ରବ୍ୟ ଗଛିତ କରି କରନ୍ତି, କିନ୍ତୁ ସମ ବଂଟନ ସୁରଙ୍କ ଧର୍ମ । ଏ ସ୍ଥଳରେ ଶତ ତାରକା ଶତଭିଷାରେ ରବି ପଶ୍ଚିମ ଦେଶ ଗୁଡ଼ିକରେ ବର୍ଷା କରାନ୍ତି । ଦୋଳ ପୂର୍ଣ୍ଣିମା ପର ପର କିଛି ସ୍ଥାନରେ ବର୍ଷା ହୋଇଥାଏ । ନୀରନାଡୀ ପୂର୍ବଭାଦ୍ର ୨୫ ନକ୍ଷତ୍ର, ଏହି ନକ୍ଷତ୍ର ଶୁକ୍ର ଗ୍ରହଙ୍କ ଅଧୀନରେ ଶୁକ୍ର ରବିଙ୍କ ଗୋଡ଼ାଣିଆ ଗ୍ରହ ତାଙ୍କର ଉଚ୍ଚ ସ୍ଥାନ ମୀନ ରାଶିରେ ଏ ନକ୍ଷତ୍ରର ଶେଷ ଚତୁର୍ଥ ଭାଗ ଶୁକ୍ର ବେଳେ କିଛି ବର୍ଷା ଦେଇ ଥଣ୍ଡା ଦେବାବେଳେ କେବେ ଅତି ଗରମ ଏହି ଦୋଳାରେ କରନ୍ତି ବସନ୍ତ କାଳ ଓ ଶୁକ୍ର ଗ୍ରହଙ୍କ ଅଧୀନରେ ଶୁକ୍ର ରବିଙ୍କ ଗୋଡ଼ାଣିଆ ଗ୍ରହ ତାଙ୍କର ଉଚ୍ଚ ସ୍ଥାନ ମୀନ ରାଶିରେ ଏ ନକ୍ଷତ୍ରର ଶେଷ ଚତୁର୍ଥ ଭାଗ ଶୁକ୍ର ବେଳେ କିଛି ବର୍ଷ ଦେଇ ଥଣ୍ଡା ଦେବାବେଳେ କେବେ ଅତି ଗରମ ଏହି ବେଳାରେ କରନ୍ତି ବସନ୍ତ କାଳ ଓ ଶୁକ୍ର ଗ୍ରଅ ଓତପ୍ରୋତ ଜଡ଼ିତ ବଡ଼ ବିଚିତ୍ର ବୃହସ୍ପତିଙ୍କ ମୀନ ରାଶିରେ ସେ ଉଚ୍ଚ ସ୍ଥାନ ତପସ୍ୟାରେ ପାଉଛନ୍ତି ନିଦାଘ ଗରମରେ ଦକ୍ଷିଣା ପବନ ମନ୍ଦ ମନ୍ଦ ଏ ସମୟରେ ବହିବା ଆରମ୍ଭ କରିଥାଏ । କୋଇଲି କୁହୁ ତାନ ପଂଚମ କରୁଥାଏ । ପୁଣି ପାଗ ବଦଳିବା ଉପକ୍ରମରେ ସୌମ୍ୟ ନାଡୀରେ ଆସୁଛି ୨୬ ନକ୍ଷତ୍ର, ଯାହା ୧୮ ମାର୍ଚ୍ଚରୁ ଆଗକୁ ଦୁଇ ସପ୍ତାହ । ଏହାପରେ ଆରମ୍ଭ ନିଦାଘ ଗ୍ରୀଷ୍ମକାଳ ୨୭ ରେବତୀ ନକ୍ଷତ୍ର ମଙ୍ଗଳର ଦହନ ନାଡୀ ଯାହା ୧୪ ଅପ୍ରେଲ ପର୍ଯ୍ୟନ୍ତ ରହିଥାଏ । ଏକ ଜ୍ୟୋତିଷିକ ତଥ୍ୟ ପଂଚକ ବିଷୟରେ ଅଛି ଏହି ମଙ୍ଗଳ ରେବତୀ ନକ୍ଷତ୍ରଙ୍କ ଅନ୍ୟ ୩ ଆନୁଗତ୍ୟ ସାଥିଙ୍କ ସହ ସ୍ନାନ ପାଇଁ ଗଲାବେଳେ ରେବତୀଙ୍କୁ ବଳାତ୍କାର କରିଥିଲେ, ଫଳତ ରେବତୀଙ୍କ ପଛ ଅନ୍ୟ ୪ନକ୍ଷତ୍ର ପଂଚକରେ ଆସି ଅନେକ ଅପବାଦ ସହନ୍ତି ।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ
ଦୂରଭାଷ : ୯୪୩୭୧୦୩୧୨୫୩

ବଙ୍ଗାଳୀ ସାହି

॥ ବିକ୍ରମ ମହାପାତ୍ର ॥

କାଠଯୋଡ଼ି ରିଂ ରୋଡ଼ରୁ ଓଡ଼ିଶାର ନାମଜାଦା ଫୌଜଦାରୀ ଓକିଲ ଧରଣୀଧର ନାୟକଙ୍କ ବାସଭବନ ସାମ୍ନା ଦେଇ ଯେଉଁ ରାସ୍ତାଟି ଭିତରକୁ ଯାଇଛି ସେହି ଅଂଚଳଟି ହେଉଛି ବଙ୍ଗାଳୀ ସାହି । ବଙ୍ଗାଳୀ ସାହି କଟକର ଅନ୍ୟ ଏକ ସମ୍ଭ୍ରାନ୍ତ ଅଂଚଳ କହିଲେ ଅତ୍ୟୁକ୍ତି ହେବନାହିଁ । କଟକ ଓ କଟକିଆ, କଟକୀ ଏ ସବୁ ଭିତରେ ସମ୍ପର୍କ ନିବିଡ଼ । ବଙ୍ଗାଳୀ ସାହିରେ ଅନେକ ସ୍ମୃତି ସବୁ ରହିଛି । ତେବେ ବଙ୍ଗାଳୀ ସାହିର ରାମକୃଷ୍ଣ କୁଟୀର ଏକ ପବିତ୍ର ଅନୁଷ୍ଠାନ ଓ ଆଦର୍ଶ ଛାତ୍ରାବାସ । ସମୟର ସ୍ରୋତରେ ଅନେକ ଘାତ ପ୍ରତିଘାତ, ଉ□ାନ ପତନ ଦେଇ ଏଇ ଅନୁଷ୍ଠାନଟି ଏଯାବତ୍ ଚାଲିଛି । ଉପଲବ୍ଧ ତଥ୍ୟ ଅନୁସାରେ କଟକ ତେଲେଙ୍ଗାବଜାରର ଏକ ଭଡ଼ାଘରେ କେତେକ ବୁଦ୍ଧିଜୀବୀଙ୍କ ନିଷ୍ପାପର ଉଦ୍ୟମରେ ୧୯୦୬ ମସିହାରେ ୧୫ ଜଣ ସ୍କୁଲ ଛାତ୍ରଙ୍କୁ ରହିବାର ସୁଯୋଗ ଦେଇ ରାମକୃଷ୍ଣ କୁଟୀର ଜନ୍ମଲାଭ କରିଥିଲା ଓ ଏକ ପୂର୍ଣ୍ଣାଙ୍ଗ ଛାତ୍ରାବାସର ରୂପ ନେଇଥିଲା । ଆଜି ବଙ୍ଗାଳୀ ସାହିରେ ପ୍ରତିଷ୍ଠିତ ଏହି ଅନୁଷ୍ଠାନଟି ଏଯାବତ୍ କିପରି ତିଷ୍ଠି ପାରିଛି ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ସଂପ୍ରତି ଆଲୋକ ସ୍ତମ୍ଭରେ ପରିଣତ ହୋଇଛି । ଏକଥା ଭାବିଲେ ଯେ କୌଣସି ଲୋକର ଛାତି କୁଣ୍ଢେମୋଟ ହୋଇଯିବ । ପ୍ରଶ୍ନ ହୁଏ ଏହି ଛାତ୍ରାବାସର ଭୂମିକାଟି ପ୍ରକୃତରେ କ'ଣ ? କେବେହେଲେ ଏହା ଏକ ଗତାନୁଗତିକ ଛାତ୍ରାବାସ କି ଆଶ୍ରୟସ୍ଥଳ ନୁହେଁ । ସତ କହିଲେ, ଏହା ଯୁବକମାନଙ୍କର ଦିବ୍ୟ ଚେତନା ଉଦ୍‌ବୋଧନ କରିବା ଦିଗରେ ଏକ ଦିବ୍ୟ ଅନୁଷ୍ଠାନ । ଏହି ଅନୁଷ୍ଠାନ ମାଧ୍ୟମରେ ଯୁବକମାନେ ମୂଲ୍ୟବୋଧଭିତିକ ଜୀବନଚର୍ଯ୍ୟାକୁ ସହଜରେ ଆଦରି ନେଇଥାଆନ୍ତି । ଏଠାରେ ଆଦର୍ଶ ଭିତିକ ଶୃଙ୍ଖଳିତ ଜୀବନଯାପନ ସେମାନଙ୍କର ସାମଗ୍ରୀକ ଜୀବନକୁ ସଂଶୋଧିତ କରିଥାଏ । ମଣିଷ ହୁଅ, ମଣିଷ ତିଆରି କରି ହେଉଛି ଏହି ଅନୁଷ୍ଠାନର ଏକମାତ୍ର ଉଦ୍ଦେଶ୍ୟ । ସୂଚନା ଥାଉକି ଓଡ଼ିଶାର ଅନେକ ଶୀର୍ଷତମ ପଦପଦବୀରେ ପହଂଚିଥିବା ବ୍ୟକ୍ତିତ୍ୱମାନେ ଏକଦା ଏହି ରାମକୃଷ୍ଣ କୁଟୀରର ଆବାସିକ ଛାତ୍ର ଥିଲେ । ଅନେକ ବର୍ଷ ଧରି ପୂର୍ବତନ ଜିଲ୍ଲାପାଳ ତଥା ଅବସରପ୍ରାପ୍ତ ଆଇଏଏସ ପଦ୍ମନାଭ ସାମଲ ଏହି କୁଟୀରର ସଭାପତି ଦାୟିତ୍ୱ ନିର୍ବାହ ସମୟରେ ଅନେକ ଉନ୍ନତିମୂଳକ କାର୍ଯ୍ୟ କରିଯାଇଛନ୍ତି । ସେହିପରି ଅନ୍ୟ ଜଣେ ହେଉଛନ୍ତି ପାଖାପାଖି ପଚାଶ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରାମକୃଷ୍ଣ କୁଟୀରର ତତ୍ତ୍ୱାବଧାନ ଦାୟିତ୍ୱ ବୁଝୁଥିବା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ବିଶ୍ୱ ଚରଣ ଜେନା, ସେ ଜଣେ ଏପରି ପୂଜ୍ୟ ଓ ମୁନୀଋଷିଙ୍କ ପରି ତାଙ୍କ ବ୍ୟକ୍ତିତ୍ୱ ଥିଲା । ବଙ୍ଗାଳୀ ସାହିରେ ପ୍ରଥମେ ରହୁଥିବା ପରବର୍ତ୍ତୀ ସମୟରେ ଉପରତେଲେଙ୍ଗା ବଜାରରେ ଅଧୁନା ବାସ କରୁଥିବା ପୂର୍ବତନ ପ୍ରଫେସର ନୃସିଂହ ଚରଣ ମଲ୍ଲିକ ଜଣେ ଭାଷା ସଂସ୍କୃତ ପ୍ରେମୀ ଓ ଭ୍ରମଣ ପ୍ରିୟ ମଣିଷ ।

ବଙ୍ଗାଳୀ ସାହିରୁ ଚୌଧୁରୀ ବଜାର ଗଲାବେଳେ ଗୋପାଳ ଜୀଉ ଲେନ ପଡ଼େ । ସେଠାରେ ଥିବା ବହୁ ପୁରୁଣା ଗୋପାଳଜୀ ମଠକୁ ଆଧାର କରି ଏଇ ଜାଗାଟିର ନାମ ଗୋପାଳଜୀଉ ଲେନ ହୋଇଛି । ଏଠାରେ ବସବାସ କରି ରହୁଥିବା ଦୁଇଜଣ ବିଶିଷ୍ଟ ବ୍ୟକ୍ତିଙ୍କର ନାମ ଗଭୀର ସମ୍ମାନ ସହ ସ୍ମରଣ ସବୁ କଟକିଆ କରନ୍ତି । ସମୟର ସୁଅରେ ଆଜି ହୁଏତ ତାଙ୍କ ଶରୀର ନାହିଁ କିନ୍ତୁ ତାଙ୍କ କୀର୍ତିମାନ ଚିରକାଳ ପାଇଁ ଯଶସ୍ୱୀ ହୋଇ ରହିବ । ଜଣେ ହେଲେ ପଂଚଦଶକରେ କଟକର ଅତ୍ୟନ୍ତ ପରିଚିତ ନାମ ବରିଷ୍ଠ ଆଇନଜୀବୀ ବିଚିତ୍ରାନନ୍ଦ ମହାନ୍ତି ମହାଶୟ ।

ସେହିପରି ଅନ୍ୟଜଣେ ହେଉଛନ୍ତି ପରମ ସମ୍ମାନନୀୟ ଭୂପେନ୍ଦ୍ର କୁମାର ବସୁ । ସେ ମଧ୍ୟ ଗୋପାଳଜୀଉ ଲେନରେ ବସବାସ କରୁଥିଲେ । ସେ ଏକ ପୂର୍ଣ୍ଣାଙ୍ଗ ଜୀବନଯାପନ କରିଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୧୦୪ ବର୍ଷ ହୋଇଥିଲା । ତାଙ୍କ ପୈତୃକ ଘର ହେଉଛି ଅବିଭକ୍ତ କଟକ ଜିଲ୍ଲା ତିରିଡ଼ି ବ୍ଲକର ବଡିମରା । ସେ ସମୟରେ ପ୍ରଖ୍ୟାତ ଜମିଦାର ଶ୍ୟାମସୁନ୍ଦର ବୋଷଙ୍କର ସେ ହେଉଛନ୍ତି ସବା ସାନପୁଅ ।

ବଙ୍ଗାଳୀ ସାହିକୁ ଲାଗିଥିବା ଅଂଚଳ ଗୁଡ଼ିକ ହେଉଛି ପୁରୀଘାଟ, ଝୋଲା ସାହି, ଉରଦପୁର, ବାଙ୍କିସାହି, ଝାଞ୍ଜିରୀମଙ୍ଗଳା, ରାଜାବଗିଚା ପ୍ରମୁଖ । ଏହି ସାହିରେ ଅନେକ ମଠ ମନ୍ଦିର ସହିତ ବିଭିନ୍ନ ପୁରାତନ କୀର୍ତି ସବୁ ରହିଛି । ସାମ୍ନାରେ ରହିଥିବା କାଠଯୋଡ଼ିର ଉଜାଣି ସୁଅ ଭିତରେ ବଙ୍ଗାଳୀ ସାହି ତାର ଆଭିଜାତ୍ୟ, ଗୌରବ, ପରମ୍ପରା ଓ ଭାଇଚାରାକୁ ନେଇ ଏବେ ବି ସଗର୍ବେ ମୁଣ୍ଡ ଟେକିଛି ।

'ଜ୍ୟୋତ୍ସ୍ନା ନିଳୟ', ଚଣ୍ଡୀମନ୍ଦିର ରାସ୍ତା, କଟକ

ଜନଜାତି କଳା, ସ୍ଥାପତ୍ୟ ଓ ହସ୍ତଶିଳ୍ପ

॥ ଡକ୍ଟର ବିଚିତ୍ରାନନ୍ଦ ଆଚାର୍ଯ୍ୟ ॥

ଜନଜାତି ସଂସ୍କୃତି ଓ ପରମ୍ପରାରେ କଳା ଓ ସ୍ଥାପତ୍ୟ ଶିଳ୍ପର ଏକ ବିଶେଷ ଭୂମିକା ରହିଛି । ଆଜି ଓଡ଼ିଶାର ରାୟଗଡ଼ା ଓ ଗଜପତି ଜିଲ୍ଲାରେ ବସବାସ କରୁଥିବା ସଉରା ଜନଜାତିଙ୍କ ଚିତ୍ରକଳା 'ଇଡିତାଲ' କେବଳ ରାଜ୍ୟ କାହିଁକି ଦେଶ ବିଦେଶରେ ଲୋକପ୍ରିୟତା ଅର୍ଜନ କରିପାରିଛି । ଏହା ଏକ ପ୍ରକାର ଖୋଟି ଚିତା ପର୍ଯ୍ୟାୟର ଚିତ୍ରକଳା ଏବଂ ବିଶେଷକରି କାନ୍ଥରେ ଅଙ୍କନ କରାଯାଇଥାଏ । ଚଳଚ୍ଚିତ୍ର ଦୁନିଆରେ ଆଦିବାସୀଙ୍କ ଅଳଙ୍କାରର ଗୋଟିଏ ବିଶେଷ ଭୂମିକା ରହିଛି । ଆଦିବାସୀ ଅଳଙ୍କାରର ସ୍ୱାତନ୍ତ୍ର୍ୟ ରହିଛି । କୋରାପୁଟ ଅଂଚଳ ଆଦିବାସୀ ଅଳଙ୍କାରର ଏକ ସ୍ୱତନ୍ତ୍ର ବଜାର ରହିଛି । ଓଡ଼ିଶାର ଏସବୁ ଆଦିବାସୀ ଅଳଙ୍କାର ଦେଶ ବିଦେଶକୁ ରପ୍ତାନୀ କରାଯାଉଛି । କେନ୍ଦୁଝରର ଜୁଆଙ୍ଗ ଜନଜାତିଙ୍କ କାଠ ଖୋଦେଇ ସ୍ଥାପତ୍ୟର ଏକ ନିଆରା ଭାବ ରହିଛି । ଜୁଆଙ୍ଗମାନେ ସେମାନଙ୍କର ମଣ୍ଡଘର ପାଇଁ କାଠରେ ଖୋଦେଇ କରି ନାନା ପ୍ରକାର ଆକର୍ଷଣୀୟ କାରୁକାର୍ଯ୍ୟ ପ୍ରସ୍ତୁତ କରିଥାନ୍ତି । ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଅଂଚଳର ଲୋଧା, ମାଙ୍କଡ଼ିଆ ଓ ଅନ୍ୟ ଆଦିବାସୀମାନେ ବାଉଁଶ ପାତିଆକୁ ବ୍ୟବହାର କରି ଆକର୍ଷଣୀୟ ଉପକରଣ ଓ ସ୍ଥାପତ୍ୟକଳା ନିର୍ମାଣ କରିଥାନ୍ତି । ନବରଙ୍ଗପୁର, କନ୍ଧମାଳ ଓ କୋରାପୁଟ ଜିଲ୍ଲାର ଆଦିବାସୀମାନେ ପାରମ୍ପରିକ ଲାଖ ଓ କାଠ ଶିଳ୍ପ ପାଇଁ ଦେଶବିଦେଶରେ ପ୍ରସିଦ୍ଧି ଲାଭ କରିପାରିଛନ୍ତି ।

ବହୁ ପ୍ରାଚୀନ କାଳରୁ ଜନଜାତିମାନେ ଜୀବନ ଧାରଣ ପାଇଁ ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟରୁ ଘରେ ବ୍ୟବହୃତ ବସ୍ତୁ, ଅଳଙ୍କାର, କୃଷି ଉପକରଣ, ଜଳ ପାତ୍ର, ବାଦ୍ୟଯନ୍ତ୍ର ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଉପକରଣ ସବୁ ତିଆରି କରୁଥିଲେ । କିନ୍ତୁ ଆଧୁନିକତାର ଆହୁଆଳରେ ସେ ସବୁର ବ୍ୟବହାର କମିବାରେ ଲାଗିଛି । ଆଜିର ସୂଚନାପ୍ରଯୁକ୍ତିର ଯୁଗରେ ହାତ ପାହାନ୍ତାରେ ଥିବା ମୋବାଇଲର ୟୁଟ୍ୟୁବରେ ଜନଜାତିଙ୍କ ଅନେକ ପ୍ରତିଭା ଓ ବିକାଶ ପୃଥିବୀର କୋଣଅନୁକୋଣ ପର୍ଯ୍ୟନ୍ତ ପ୍ରସାରିତ ହେଲାଣି ।

କେବଳ ମାଟି ପାତ୍ରର ଉପକରଣ ନୁହେଁ ବାଉଁଶ ଠାରୁ ଘାସପତ୍ର, ଗଛ ବକଳ ଠାରୁ ମଞ୍ଜି ଏସବୁ ଭିତରେ ପାରମ୍ପରିକ ଅପୂର୍ବ ହସ୍ତ କୌଶଳ ବୃତ୍ତି ଓ ଆଦିମ ହସ୍ତକଳାକୁ ଜନଜାତିମାନେ ଆଗେଇ ନେଉଛନ୍ତି । ଯେପରି ତାଇ ଫଳରୁ ଝାମ୍ପି ବା ପାଉଁଜି ତିଆରି କରାଯାଉଛି । ପ୍ରଥମେ ତାଇ ଫଳକୁ ଗରମ ପାଣିରେ ଫୁଟାଇ ତାକୁ ନରମ କରି ତା ମଧ୍ୟରେ ଛିଦ୍ର କରାଯାଏ । ପରେ ତାହା ମଧ୍ୟରେ ଘୁଙ୍ଗୁର ଦେଇ ପାଉଁଜି ପରି ବ୍ୟବହାର କରାଯାଏ । ଏହାକୁ ପାରମ୍ପରିକ ପୂଜାପର୍ବାଣୀରେ କାଠି ନାଚ ସମୟରେ ପିନ୍ଧି ନୃତ୍ୟ ପରିବେଷଣ କରାଯାଏ । ସେହିପରି ଗୁଞ୍ଜ ମଞ୍ଜି ବା କାଇଁଚ ଭାବେ ଜଣାଶୁଣା ମଞ୍ଜିରୁ ବିଭିନ୍ନ ପ୍ରକାର ମାଳା କରି ଜନଜାତି ମହିଳାମାନେ ପରିଧାନ କରନ୍ତି । ବିଶେଷକରି କନ୍ଧମାଳର ଡଙ୍ଗରିଆ କନ୍ଧ, ମାଲକାନଗିରିର କୋଟିଆ, ପରଜା, କମାର, ଚକୋଟିଆ ଭୁଞ୍ଜିଆ ଜନଜାତି ଅନେକ ଅଳଙ୍କାର ଓ ହସ୍ତ ପ୍ରସ୍ତୁତ ସାମଗ୍ରୀମାନ ତିଆରି କରି ବଜାରରେ ପହଂଚାଇ ଲୋକପ୍ରିୟତା ଅର୍ଜନ କରିପାରିଛନ୍ତି । ଏହା ବ୍ୟତୀତ କୃଷି ଉପକରଣ ମଧ୍ୟରେ ପତଳା ବାଉଁଶ ପାତିରୁ ଓ ପ୍ଲାଷ୍ଟିକରୁ ଛାତେଇ ବା ବାଉଁଶ ଟୋପି ତିଆରି କରାଯାଇଥାଏ । ଦକ୍ଷିଣ ଓଡ଼ିଶାରେ ଏହାକୁ ତଲାରି ବୋଲି କୁହାଯାଏ ।

ସେହିପରି ବାଦ୍ୟଯନ୍ତ୍ର ମଧ୍ୟରେ ବାଉଁଶରୁ ଢୁଢୁଙ୍ଗା (ପାରମ୍ପରିକ ବୀଣା) ବଇଁଶୀ, ଦାସକାଠିଆ, ଢୋଲ ଆଦି ତିଆରି କରାଯାଏ । ଓଡ଼ିଶାର ନୂଆପଡ଼ା ଜିଲ୍ଲାର ଗଣ୍ଡ ଓ ଚାକୋଟିଆ ଭୁଞ୍ଜିଆ ଜନଜାତିମାନେ ମଧ୍ୟ ପାରମ୍ପରିକ ଭାବେ ବିଭିନ୍ନ ଅଳଙ୍କାର, ବାଦ୍ୟଯନ୍ତ୍ର ଏବଂ ଅନ୍ୟାନ୍ୟ ବ୍ୟାବହାରିକ ଉପକରଣ ତିଆରି କରି ପ୍ରାଚୀନ କଳାକୃତିକୁ ବଂଚାଇ ରଖିଛନ୍ତି । ଯେପରି ତୁମ୍ବା । ତୁମ୍ବା ହେଉଛି ଏକ ପ୍ରାକୃତିକ ସପାନୀୟ ଜଳ ବୋତଲ । ନୂଆପଡ଼ାର ଚାକୋଟିଆ ଭୁଞ୍ଜିଆ ଜନଜାତି ଲାଉ ତୁମ୍ବାରୁ ଏହାକୁ ତିଆରି କରନ୍ତି । ଅନେକ ହୁଏତ ଜାଣିନଥିବେ ରାୟଗଡ଼ା ଜିଲ୍ଲାର ସଉରା ଜନଜାତି ଦ୍ୱାରା ପ୍ରସ୍ତୁତ ତଲାରି, ଗୁଣୁପୁରର ରଥଯାତ୍ରା ସମୟରେ ବେଶ ବିକ୍ରି ହୋଇଥାଏ । ବର୍ଷାଦିନେ ଆଦିବାସୀ ଚାଷୀମାନଙ୍କ ପାଇଁ ଏହା ଅତ୍ୟନ୍ତ ମୂଲ୍ୟବାନ ସାବ୍ୟସ୍ତ ହୋଇଥାଏ । ଏହି ଜନଜାତିଙ୍କର ବିହନ ସଂରକ୍ଷଣ ବ୍ୟବସ୍ଥା ସର୍ବୋପରି ବିହନକୁ ଆର୍ଦ୍ରତା, କ୍ଷୟ ଓ କୀଟ ମାନଙ୍କ ଦୌରାତ୍ମ୍ୟରୁ ବଂଚାଇ ରଖିବା ପାଇଁ ଶିଆଳିପତ୍ର ଡିଲା ତିଆରି କରି ଥାଆନ୍ତି । ସେହିପରି ଚକୋଟିଆ ଭୁଞ୍ଜିଆ ଜନଜାତି ମାନଙ୍କର ଅନ୍ୟତମ ବୃତି ହେଉଛି ଝରଣା, ଜଳାଶୟ ଓ ନଦୀରୁ ମାଛ ଧରିବା । ସେମାନେ ବାଉଁଶରେ ତିଆରି 'ଯୋଖନୀ', 'ତୋରିଆ' ଭାବେ ଏହାକୁ ବଜାରରେ ମଧ୍ୟ ବିକ୍ରି କରିଥାନ୍ତି । ଏହି ଜନଜାତିର ମହିଳାମାନେ ମାଳିକୁ ମିଶାଇ ଏବଂ ପୁରୁଣା ପଇସାକୁ ଗୁନ୍ଥି ଚମତ୍କାର ମାଳି ପ୍ରସ୍ତୁତ କରିଥାନ୍ତି ।

ଏହିପରି ଓଡ଼ିଶାର ଜନଜାତି ସଂସ୍କୃତି ଓ ପରମ୍ପରା ସହ ନିବିଡ଼ ଭାବେ ଜଡ଼ିତ ଅନେକ ପାରମ୍ପରିକ କଳା, କାରିଗରୀ ଆଜି ଆଧୁନିକତାର ଆହୁଆଳରେ ହଜିବାକୁ ବସିଲାଣି । ଯାହା ପ୍ରାୟତଃ ଦେଖିବାକୁ ମିଳୁନାହିଁ । ଏହାକୁ ଦେଖିବାକୁ କିମ୍ବା ଜାଣିବାକୁ ହେଲେ ସଂଗ୍ରହାଳୟ ଓ ବହିର ସାହାରା ନେବାକୁ ପଡୁଛି । ଏହାକୁ ଦୃଷ୍ଟିରେ ରଖି ଏହି ପାରମ୍ପରିକ ହସ୍ତଶିଳ୍ପକୁ ବଂଚାଇ ରଖିବାର ବିଭିନ୍ନ ସ୍ତରରେ ପ୍ରୟାସ ହେଉଛି । ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧୀନରେ ସମନ୍ୱିତ କୃଷିର ପ୍ରୋତ୍ସାହନ ନିମନ୍ତେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ (ଏସପିପିଆଇଏଫ) ଅଧୀନରେ ୨୦୨୩ ମସିହାରେ ଆରମ୍ଭ ଫର୍ଗଚନ ଫୁଡ ବା ବିସ୍ମୃତ ଖାଦ୍ୟ କାର୍ଯ୍ୟକ୍ରମ ଜରିଆରେ ଏଥିପାଇଁ ପ୍ରୋତ୍ସାହନ ଦିଆଯାଉଛି । ବିଭିନ୍ନ କଳାକୃତିର ପ୍ରଦର୍ଶନୀ କରିବାର ସୁବିଧା ଏବଂ ରୋଜଗାର ସୃଷ୍ଟି କରାଯାଉଛି ।

ବର୍ତ୍ତମାନ ଆମ ରାଜ୍ୟରେ ଜନଜାତିଙ୍କ ଆର୍ଥିକ ବିକାଶ ପାଇଁ ଉଭୟ ଆଇଟିଡିଏ ଏବଂ ଅଣୁ ପ୍ରକଳ୍ପ ଜରିଆରେ ବିଭିନ୍ନ ସରକାରୀ ଯୋଜନାଗୁଡ଼ିକ କାର୍ଯ୍ୟକାରୀ ହେଉଛି । କେବଳ ଆଇଟିଡିଏ ଏବଂ ମାଇକ୍ରୋ ପ୍ରୋଜେକ୍ଟ କାହିଁକି, ବରଂ ବ୍ଲକ ପଂଚାୟତ, କ୍ଷୁଦ୍ର ମଧ୍ୟମ ଜଳସେଚନ ପ୍ରକଳ୍ପ, ଜଳଛାୟା ମିଶନ, ମୃତ୍ତିକା ସଂରକ୍ଷଣ ବିଭାଗ, ଉଠା ଜଳସେଚନ ପ୍ରକଳ୍ପ, ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ, କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ, ପ୍ରାଣୀ ସମ୍ପଦ ବିଭାଗ, ମାଛ ଚାଷ ବିଭାଗ ଆଦି ବିଭିନ୍ନ ସରକାରୀ ବିଭାଗ ମାଧ୍ୟମରେ ମଧ୍ୟ ଜନଜାତିଙ୍କର ଆର୍ଥିକ ବିକାଶ ପାଇଁ ଟଙ୍କା ଖର୍ଚ୍ଚ ହେଉଛି । ଏବେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଆଦିବାସୀଙ୍କ ଆର୍ଥିକ ବିକାଶ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ଅନେକ ସରକାରୀ ଯୋଜନା କାର୍ଯ୍ୟକାରୀ ହେଉଛି । ସେଗୁଡ଼ିକ ହେଲା ଏମଏମଜେଜେ ଏମ୍ ଯାହାକୁ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ କୁହାଯାଉଛି । ଏହି ଯୋଜନା ମାଧ୍ୟମରେ କୃଷି, ଉଦ୍ୟାନକୃଷି ଓ ଜୀବିକାର ବିକାଶ ପାଇଁ ଆଦିବାସୀଙ୍କୁ କୁକୁଡ଼ା, ଛେଳି, ବତକ ବିଭିନ୍ନ ପନିପରିବା ବିହନ, ମଞ୍ଜି, ଚାରା, ସାର ଔଷଧ ଯୋଗାଇ ଦେବା ସହିତ ଜଳସେଚନର ସୁବିଧା ପାଇଁ ଚେକ ଡ୍ୟାମ ଓ ଗଭୀର ନଳକୂପ ନିର୍ମାଣ କରାଯାଉଛି । ସେହିପରି ଭିଡ଼ିଭିକେ ଅର୍ଥାତ୍ ଜନଧନ ବିକାଶ କାର୍ଯ୍ୟକ୍ରମ । ଏହି ଯୋଜନା ମାଧ୍ୟମରେ ଆଦିବାସୀମାନେ ସଂଗ୍ରହ କରୁଥିବା ପାରମ୍ପରିକ ବନଜାତ ଦ୍ରବ୍ୟର ମୂଲ୍ୟବୃଦ୍ଧି ଯାହାକୁ ଭାଲ୍ୟୁଆଡ଼ିସନ ଭାବେ ବୁଝାଯାଏ, ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି । ବିଶେଷକରି ଆମ୍ବରୁ ଆମ୍ବଷଢ଼ା, ଆମ୍ବ ଆଚାର, ପଣସ ଚିପସ୍, ପଣସ କେକ, ପସଣ ଚକୋଲେଟ, ଶାଳପତ୍ର ଖଲି, ଦନା, ପ୍ଲେଟ ଆଦି ପ୍ରସ୍ତୁତ କରି ଆଦିବାସୀମାନେ ଆର୍ଥିକ ସ୍ୱାବଲମ୍ବୀ ହୋଇପାରୁଛନ୍ତି । ଆର୍ଟିକିଲ ୨୭୫ ଏହି ଯୋଜନା ମାଧ୍ୟମରେ ଦୁର୍ଗମ ଆଦିବାସୀବହୁଳ ଅଂଚଳକୁ ରାସ୍ତା ଓ ପୋଲି ନିର୍ମାଣ କରାଯାଉଛି । ଏସସିଏ ଅର୍ଥ ସ୍ୱତନ୍ତ୍ର କେନ୍ଦ୍ର ଅନୁଦାନ ଏହି ଯୋଜନା ଜରିଆରେ ଆଦିବାସୀଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରାଇ ପାଇଁ ଡ୍ରାଗନ ଚାଷ, ପଣସ ପ୍ରକ୍ରିୟାକରଣ ୟୁନିଟ ପ୍ରତିଷ୍ଠା, ଷ୍ଟ୍ରବେରୀ ଚାଷ, ଚେକ ଡ୍ୟାମ ନିର୍ମାଣ ଆଦି କାର୍ଯ୍ୟକ୍ରମ ହାତକୁ ନିଆଯାଉଛି । ଡିଏଜେଜିୟୁଏ ଅର୍ଥ ଧରତ୍ରୀ ଅବା ଜନଜାତି ଗୌରବ ଉତ୍କର୍ଷ ଅଭିଯାନ । ଏହି ଯୋଜନା ଜରିଆରେ ଆଦିବାସୀ ଗ୍ରାମ ଗୁଡ଼ିକର ବିକାଶ ପାଇଁ ଖର୍ଚ୍ଚ ହେଉଛି । ପିଏମଏଏଜିଓ୍ୱାଇ ଅର୍ଥ ପ୍ରଧାନମନ୍ତ୍ରୀ ଆଦି ଆଦର୍ଶ ଗ୍ରାମ ଅଭିଯାନ । ଏହି ଯୋଜନା ଜରିଆରେ ଭିତିଭୂମି ବିକାଶ ଯଥା ରାସ୍ତା,ପୋଲ, କଲଭର୍ଟ ନିର୍ମାଣ କରାଯାଉଛି । ମୋଟ ଭାଷାରେ କହିବାକୁଗଲେ ସରକାରଙ୍କ ବିଭିନ୍ନ ଯୋଜନା ଓ ପ୍ରୋତ୍ସାହନ ତଥା ଶିକ୍ଷା ଯୋଗୁଁ ଜନଜାତି ଗୋଷ୍ଠୀରେ ଅନେକ ପରିବର୍ତ୍ତନ ଦେଖାଯାଉଛି । ଓଡ଼ିଶାର ଅନେକ ଜନଜାତି ବ୍ୟକ୍ତିତ୍ୱ ଦେଶ ବିଦେଶରେ ବେଶ ସୁନାମ ଅର୍ଜନ କରିଥିବାବେଳେ ତଥାପି ଜନଜାତି ମାନଙ୍କ ଅଗ୍ରଗତି ଓ ବିକାଶ ନିମିତ ଅହୁରି ଯୋଜନା ଓ ପ୍ରୋତ୍ସାହନର ବଡ଼ ଗୁରୁତ୍ୱ ଆଶା ରଖିଛି ।

'ବିଭବ' ଆଚାର୍ଯ୍ୟ କଲୋନୀ, ବାଲିଗୁଡ଼ା, କନ୍ଧମାଳ
ଦୂରଭାଷ : ୭୦୦୮୭୫୨୩୧୭

କୋଇଲି ବୈକୁଣ୍ଠ

॥ ଡଃ. ଅରୁନ୍ଧତୀ ଦେବୀ ॥

ଜଗନ୍ନାଥ ଧର୍ମ ଏହି ପ୍ରାକୃତିକ ଧର୍ମ ଠାରୁ ଭିନ୍ନ । ଜଗନ୍ନାଥ ଧର୍ମରେ ଉପାସନା କହିଲେ ଉପାସ୍ୟରେ ଆରୋପିତ ଗୁଣ ଓ ଶକ୍ତିର ଯଶୋଗାନ ନୁହେଁ, ଉପାସ୍ୟର ପାଖରେ ରହିବା ପରି ବିଚାର ତନ୍ମୟ ହେବାର ନିରନ୍ତର ପ୍ରଯତ୍ନ । ଏ ପ୍ରଯତ୍ନରେ ଆତ୍ମାର ବନ୍ଧନ କଟିଯାଏ ଓ ଏହା କ୍ରମେ ମୁକ୍ତି ବା ନିର୍ବାଣ ଅଭିମୁଖୀ ହୁଏ । ନିଜ ଆତ୍ମ ପୁରୁଷର ସୁଖ ପାଇଁ ଭୋଗ ବା ଲାଳସା ଜାଗ୍ରତ ହୁଏନାହିଁ । କ୍ରମଶଃ ପରିବାରର ସୁଖ ଦୁଃଖକୁ ନିଜର ସୁଖ ଦୁଃଖ ବୋଲି ଭାବିବା ଦ୍ୱାରା ଆତ୍ମା ପୁରୁଷ ନିଜର ସଂକୀର୍ଣ୍ଣ ବ୍ୟକ୍ତି ବନ୍ଧନକୁ ମୁକୁଳା କରି ସମସ୍ତ ପରିବାରରେ ବ୍ୟାପ୍ତ ହୋଇ ଏକାକାର ବା ତନ୍ମୟ ହୋଇଯାଏ । ସେହିପରି ଦେଶାତ୍ମବୋଧ ଜାଗରଣରେ ଆତ୍ମା ପୁରୁଷ ସମଗ୍ର ଦେଶ ସଙ୍ଗରେ ଅନନ୍ୟ ହୋଇଯାଏ । ସମଗ୍ର ମାନବ ସମାଜ ବା ଜଗତକୁ ନିଜର ଆତ୍ମା ପୁରୁଷ ସଙ୍ଗରେ ଏକାକାର କରିପାରିଲେ ପୁରୁଷ, ଶ୍ରେଷ୍ଠ ପୁରୁଷ ବା ପୁରୁଷୋତମରେ ପରିଣତ ହୁଏ । ଜଗନ୍ନାଥ କହିଲେ ଜଗତର ପ୍ରଭୁ ବା ନିଗ୍ରହାନୁଗ୍ରହ ସମର୍ଥ ବିଭୂତିମନ୍ତ ବିଭୁ ନୁହନ୍ତି, ଜଗତ ରୂପକ ପୁରୁଷର ଉତମ ବା ଶ୍ରେଷ୍ଠ ସ୍ୱରୂପ । ଶ୍ରୀମନ୍ଦିର ଭିତରେ ଉତର ଦିଗରେ ଅବସ୍ଥିତ କୋଇଲି ବୈକୁଣ୍ଠ । ପୁରୀ ସ୍ୱର୍ଗଦ୍ୱାର ଯେପରି ଏକ ପବିତ୍ର ସ୍ଥାନ, କୋଇଲି ବୈକୁଣ୍ଠ ମଧ୍ୟ ସେପରି ଏକ ପବିତ୍ର ସ୍ଥାନ । ଏହା କୈବଲ୍ୟ ଶବ୍ଦର ଅପଭ୍ରଂଶ ଶବ୍ଦ । ଯେଉଁଠାରେ ପ୍ରଭୁଙ୍କର ନବକଳେବରରେ ଗୋଲକ ଗମନ ସମାଧି ଲୀଳା ଅନୁଷ୍ଠିତ ହୁଏ । ସେ ସ୍ଥାନ ଦର୍ଶନରେ କୈବଲ୍ୟ ମୁକତି ମିଳେ । ତେଣୁ ଏହା କୈବଲ୍ୟ ବୈକୁଣ୍ଠ ନାମରେ ଖ୍ୟାତ । କୈବଲ୍ୟ ବୈକୁଣ୍ଠର ଅପର ନାମ ଦେବ ଶ୍ମଶାନ । ଏହାର ପୂର୍ବରେ ବୈକୁଣ୍ଠେଶ୍ୱର ଶିବ ଓ ବିଷ୍ଣୁ ରହିଛନ୍ତି । ଏହି ପବିତ୍ରତମ ସମାଧି ଭୂମିରେ ପୁରାତନ ମୂର୍ତ୍ତି ଗୋଲକ ଲୀଳା କରନ୍ତି । ରାତ୍ରିରେ ଏହି ସ୍ଥାନକୁ ଯିବାର ବାରଣ ରହିଅଛି । ତେଣୁ ରାତ୍ରି ହେଲା ମାତ୍ରେ ଦେବଯାନ ମାର୍ଗ ବା ଉତର ଦ୍ୱାର ବନ୍ଦ ହୋଇଯିବ । ଏହାକୁ ସାଧାରଣରେ ଲୋକମାନେ ଦର୍ଶନ କରୁନଥିଲେ ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆୟୋଜନ, କଟକ, ଦୂରଭାଷ : ୯୯୩୭୬୧୬୨୮୧୦

ଭଗବାନଙ୍କ ଦର୍ଶନ ପାଇଁ ଆନ୍ଦୋଳନ ଏକ ମାର୍ଗ ନୁହେଁ ଖୁବ୍ ଶୀଘ୍ର ପୁରୀବାସୀଙ୍କ ପାଇଁ ଦର୍ଶନ ବ୍ୟବସ୍ଥା

ପୁରୀ, ୨୦/୦୯ (ଆ.ପ୍ର) : ଠାକୁରଙ୍କ ଦର୍ଶନ ପାଇଁ ଆନ୍ଦୋଳନ କି ସ୍ଲୋଗାନ ନୁହେଁ,ଭାବଭକ୍ତିର ପ୍ରାର୍ଥନା ଆବଶ୍ୟକ । ଡିସେମ୍ବର ମାସରେ ସରକାର ପୁରୀବାସୀଙ୍କ ଶ୍ରୀମନ୍ଦିର ସହଜ ପ୍ରବେଶ ବ୍ୟବସ୍ଥାର ଘୋଷଣା କରିସାରିଛନ୍ତି । ତେବେ ପ୍ରବେଶ ରେ ଜାଲିଆତି ନହେଉ ଓ ଏହାର ସୁଯୋଗ ନେଇ ଧର୍ମ ଦର୍ଶନରେ ଦୁର୍ନୀତି ନହୋଇ ପ୍ରବେଶ ର ସୁବ୍ୟବସ୍ଥିତ ଓ ଶୃଙ୍ଖଳିତ କରିବା ପାଇଁ ଆମେ ଦଶମାସ ଧରି ପ୍ରଚେଷ୍ଟା କରୁଛୁ । ଖୁବ୍ ଶୀଘ୍ର ପୁରୀବାସୀଙ୍କ ପାଇଁ ସହଜ ଓ ଦର୍ଶନ ଖୁବ୍ ଶୀଘ୍ର ବୋଲି କହିଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଭୁବନେଶ୍ୱର ସଚିବାଳୟ ଠାରେ ପୁରୀବାସୀଙ୍କ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ସହ ଆଲୋଚନା କରି ମନ୍ତ୍ରୀ କହିଥିଲେ ଯେ ଭକ୍ତ ଓ ଭଗବାନଙ୍କ ମହାମିଳନ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ଏବଂ ଖୁବ୍ ଶୀଘ୍ର ପୁରୀରେ ଏସଂପର୍କରେ ଆଲୋଚନା ହେବ । ଏହି ଆଲୋଚନାରେ ପ୍ରାକ୍ତନ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ଡକ୍ଟର ବଦ୍ରି ମିଶ୍ର, ମନୋଜ ରଥ, ବିଶ୍ୱନାଥ ବେହେରା, ବରିଷ୍ଠ ସାମ୍ବାଦିକ ମଧୁସୂଦନ ମିଶ୍ର, ରାଜେଶ କୁମାର ମହାନ୍ତି, କିଶୋର ପଟ୍ଟନାୟକ, ମଠାଧୀଶ ନାରାୟଣ ରାମାନୁଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

ଭକ୍ତି ଓ ଆସ୍ଥାର ପବିତ୍ର ଯାତ୍ରା; କୋରାପୁଟରୁ ଶ୍ରୀକ୍ଷେତ୍ର ଗଲେ ୨୧୦ ତୀର୍ଥଯାତ୍ରୀ

କୋରାପୁଟ, ୨୦/୦୯ (ଆ.ପ୍ର) : କୋରାପୁଟ ଜିଲ୍ଲାରେ ଆଜି ଶ୍ରୀ ଜଗନ୍ନାଥ ଦର୍ଶନ ଯାତ୍ରାର ଶୁଭାରମ୍ଭ ହୋଇଛି । କୋରାପୁଟ ସଂସ୍କୃତି ଭବନ ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ମାଛ ଯାତ୍ରାର ଶୁଭାରମ୍ଭ କରିଥିବା ବେଳେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆଭାସୀ ମାଧ୍ୟମରେ ଏହାର ଶୁଭ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥି ଭାବେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଓ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ ଯୋଗଦେଇଥିଲେ । ବିଧାୟକ ଶ୍ରୀ ମାଛ ଓ ଜିଲ୍ଲାପାଳ ତୀର୍ଥଯାତ୍ରୀମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କର ସୁଖଦ, ନିରାପଦ ଓ ମଙ୍ଗଳମୟ ଯାତ୍ରା କାମନା କରିଥିଲେ । ପ୍ରଥମ ପର୍ଯ୍ୟାୟରେ କୋରାପୁଟ ପୌରପରିଷଦ, ଜୟପୁର ପୌରପରିଷଦ, ସୁନାବେଡ଼ା ପୌରପରିଷଦ, କୋରାପୁଟ ବ୍ଲକ ଓ ସେମିଳିଗୁଡ଼ା ବ୍ଲକରୁ ମୋଟ ୨୧୦ ଜଣ ଶ୍ରଦ୍ଧାଳୁ ଶ୍ରୀକ୍ଷେତ୍ର ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି । ଯାତ୍ରା ପୂର୍ବରୁ ସମସ୍ତ ତୀର୍ଥଯାତ୍ରୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଏଥିସହ ଆବଶ୍ୟକୀୟ ଔଷଧ ଓ ତୀର୍ଥଯାତ୍ରା ପାଇଁ ଆବଶ୍ୟକ ସାମଗ୍ରୀ ଥିବା ବ୍ୟାଗ୍ ମଧ୍ୟ ପ୍ରଦାନ କରାଯାଇଥିଲା । ଆସନ୍ତାକାଲି ତୀର୍ଥଯାତ୍ରୀମାନେ ପୁରୀରେ ଶ୍ରୀଜୀଉଙ୍କ ଦର୍ଶନ କରିବା ପରେ ସେହିଦିନ ସନ୍ଧ୍ୟାରେ କୋରାପୁଟକୁ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି । କୋରାପୁଟ ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ସୌରଭ ରଞ୍ଜନ ବାଗ, ପର୍ଯ୍ୟଟନ ବିଭାଗର କନିଷ୍ଠ ସହାୟକ ମନରଞ୍ଜନ ନାୟକ, ଜଗନ୍ନାଥ ନାୟକ ପ୍ରମୁଖ ଯାତ୍ରାର ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ ।

ଜି.ଉଦୟଗିରିରେ ଗଜାନନଙ୍କ ଭଷାଣୀ ଅନୁଷ୍ଠିତ

ଜି.ଉଦୟଗିରି, ୨୦/୦୯ (ଆ.ପ୍ର) : ଭାଇଚାରାର ସହର ଜି.ଉଦୟଗିରିର ବିଭିନ୍ନ ସାହିରେ ଅନୁଷ୍ଠିତ ଗଣେଶ ପୂଜା ଶାନ୍ତିଶୃଙ୍ଖଳାର ସହ ସରିଛି । ସମସ୍ତ ସାହିର ପୂଜା ମଣ୍ଡପରେ ଗଣେଶ ଚତୁର୍ଥୀ ପୂଜା ଦିନ ଠାରୁ ବିସର୍ଜନ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ରାତିରେ ଅନ୍ନ ଭୋଗ ହେଉଥିବା ବେଳେ ଶତାଧିକ ଶ୍ରଦ୍ଧାଳୁ ଭୋଗ ଖାଇଥିଲେ । ସହରରେ ସମୁଦାୟ ୧୭ ଟି ମଣ୍ଡପରେ ପୂଜା ହୋଇଥିବା ବେଳେ ଶନିବାର ଠାରୁ ବିସର୍ଜନ ଚାଲିଛି ଓ ଆଉ ପ୍ରାୟ ଦୁଇ ତିନୋଟି ପୂଜା ମଣ୍ଡପର ବିଗ୍ରହ ବିସର୍ଜନ ବାକି ରହିଥିବା ବେଳେ ରବିବାର କଚେରୀ ସାହି, ବନ୍ଧ ସାହି ଓ ଅନ୍ୟ କିଛି ସାହିର ଗଣେଶ ମୂର୍ତ୍ତି ଧୁମଧାମରେ ବିସର୍ଜନ ହୋଇଛି ଓ ଭସାଣି ସମୟରେ ଡିଜେ ବାଜା ସାଉଣ୍ଡରେ ସହର କମ୍ପିଛି । ସୋମବାର ଦିନ ବାକିଥିବା ଅନ୍ୟ ଗଣେଶ ପୂଜା ମଣ୍ଡପର ବିଗ୍ରହ ବିସର୍ଜନ ହେବା ନେଇ ସୂଚନା ମିଳିଛି । ସମସ୍ତ ସାହିର ବିସର୍ଜନ ବିଗ୍ରହ ନିଜ ଅସ୍ଥାୟୀ ମଣ୍ଡପରୁ ବାହାରି ସହର ପରିକ୍ରମା କରି ନଦୀ କୂଳକୁ ଯାଇ ଗଜାନନଙ୍କୁ ବିଦାୟ ଦେଇଛନ୍ତି ଓସେପଟେ ବିଶ୍ୱକର୍ମା ପୂଜା କରିଥିବା ପାନୀୟଜଳ ଯୋଗାଣ କେନ୍ଦ୍ର, ବିଦ୍ୟୁତ୍ ବିଭାଗ, ମହାରଣା ସଂଘ, କୁଶଳୀ ଶ୍ରମିକ ସଂଘ ମଧ୍ୟ ବିସର୍ଜନ କରିଛନ୍ତି । ପୋଲିସ ଆଇଆଇସି ବିଜୟ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ରବୀନ୍ଦ୍ର ନାଥ ସେଠୀ, ବଂଶି ଦଣ୍ଡିଆ, ବୁଲୁ ବେହେରା, ହାବିଲଦାର ବିଷ୍ଣୁ ସେଠୀଙ୍କ ସହ ପର୍ଯ୍ୟାପ୍ତ ପୋଲିସ ବିସର୍ଜନରେ ନିୟୋଜିତ ଥିଲେ । ପରିଚାଳନା କମିଟିର ସମସ୍ତ ସଦସ୍ୟ ତଥା ଅଂଚଳବାସୀଙ୍କ ସହଯୋଗରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଶାନ୍ତିଶୃଙ୍ଖଳାର ସହ ଧୁମ୍‌ଧାମ୍‌ରେ ପାର୍ବଣ ଋତୁର ପ୍ରଥମ ପୂଜା ପାଳନ ହୋଇଥିଲା ।

ଗଣେଶ ଓ ବିଶ୍ୱକର୍ମା ଦେବଙ୍କ ଭକ୍ତିମୟ ପରିବେଶରେ ସମ୍ପନ୍ନ ହେଲା ବିସର୍ଜନ

ବାଲିଗୁଡ଼ା, ୨୦/୦୯ (ଆ.ପ୍ର) : ଦୀର୍ଘଦିନ ଧରି ଚାଲିଥିବା ପୂଜା ଓ ଉତ୍ସବର ଅନ୍ତିମ ପର୍ଯ୍ୟାୟରେ ବାଲିଗୁଡ଼ା ସହର ତଥା ଆଖପାଖ ଅଂଚଳରେ ଗଣେଶ ଓ ବିଶ୍ୱକର୍ମା ଦେବଙ୍କ ପ୍ରତିମା ବିସର୍ଜନ ରବିବାର ସନ୍ଧ୍ୟାରେ ମହାସମାରୋହରେ ଅନୁଷ୍ଠିତ ହୋଇଛି । ଏହି ଅବସରରେ ବିଭିନ୍ନ ପୂଜାମଣ୍ଡପରୁ ଆକର୍ଷଣୀୟ ଶୋଭାଯାତ୍ରା ବାହାରିଥିଲା । ଢୋଲ, ମହୁରୀ, ବାଜା ଓ ଡିଜେର ତାଳେ ତାଳେ ଶ୍ରଦ୍ଧାଳୁମାନେ ନାଚିବା ସହ 'ଗଣପତି ବାପ୍ପା ମୋରିଆ' ଓ ବିଶ୍ୱକର୍ମା ଦେବଙ୍କ ଜୟଧ୍ୱନିରେ ସମଗ୍ର ପରିବେଶ ଭକ୍ତିମୟ ହୋଇଉଠିଥିଲା । ବିଭିନ୍ନ ସାହି ଓ ଅନୁଷ୍ଠାନ ପକ୍ଷରୁ ସୁସଜ୍ଜିତ ମେଢ଼ ସହ ଶୋଭାଯାତ୍ରା କରାଯାଇଥିଲା । ବିସର୍ଜନ ପୂର୍ବରୁ ପୂଜା ମଣ୍ଡପରେ ବିଶେଷ ପୂଜାର୍ଚ୍ଚନା ଓ ଆଳତି କରାଯାଇଥିଲା । ପରେ ଶ୍ରଦ୍ଧାଳୁମାନେ ଭକ୍ତି ଓ ଉତ୍ସାହର ସହ ପ୍ରତିମାଗୁଡ଼ିକୁ ବିସର୍ଜନ ସ୍ଥଳକୁ ନେଇଥିଲେ । ଏହି ସମୟରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ପୁଲିସ ପକ୍ଷରୁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ଗଣେଶ ଓ ବିଶ୍ୱକର୍ମା ପୂଜାର ଅବସାନରେ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିବାବେଳେ, ଆସନ୍ତା ବର୍ଷ ପୁଣି ଧୁମଧାମରେ ପୂଜା ପାଳନ କରିବାର ଆଶା ନେଇ ଭକ୍ତମାନେ ଦେବଦେବୀଙ୍କୁ ବିଦାୟ ଦେଇଥିଲେ ।

ପୁରୀରୁ ଭୁବନେଶ୍ୱର ପଦଯାତ୍ରାର ମହା ଆନ୍ଦୋଳନ

ଚାନ୍ଦବାଲି ବୈଦ୍ୟର, ୨୦/୦୯ (ଆ.ପ୍ର) : ମହାବିଦ୍ୟାଳୟ ପରିଚାଳନା କମିଟି ଦ୍ୱାରା ୨୦୦୮ରୁ ୨୦୧୮ ମସିହା ମଧ୍ୟରେ ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀ ମାନଙ୍କୁ ସରକାରୀ ଅନୁଦାନ ପ୍ରଦାନ କରିବାକୁ ସରକାର ଅହେତୁକ ବିଳମ୍ବ କରିବାରୁ ଆସନ୍ତା ସେପ୍ଟେମ୍ବର ୨୨ ତାରିଖରୁ ଓଡ଼ିଶାର ୧୫୦୦ ମହାବିଦ୍ୟାଳୟରୁ ସମସ୍ତ ଅଧ୍ୟାପକ ଓ କର୍ମଚାରୀ ମାନେ ସାମିଲ ହୋଇ ଶ୍ରୀକ୍ଷେତ୍ର ପୁରୀ ବଡ଼ଦାଣ୍ଡରୁ ଭୁବନେଶ୍ୱର ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ବିଶାଳ ପଦଯାତ୍ରା ରେ ପହଂଚିବେ । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଜ୍ଞା ମାଳ ନେଇ ହଜାର ହଜାର ଅଧ୍ୟାପକ କର୍ମଚାରୀ ପଦଯାତ୍ରାରେ ଭୁବନେଶ୍ୱର ଆସି ସେମାନଙ୍କର ଅନୁଦାନ ସମ୍ପର୍କିତ ଦାବି ପାଇଁ ଅହୋରାତ୍ର ଧାରଣା ରେ ବସି ରହିବେ । ବାରମ୍ବାର କମିଟି କରି ତାର ରିପୋର୍ଟ ଦାଖଲ ହୋଇ ସାରିଥିଲେ ମଧ୍ୟ ସରକାର ନିଦାଦିଶ୍ରୁ ସାଜିଛନ୍ତି । ସରକାରର ପ୍ରତିଶ୍ରୁତି ପ୍ରତାରଣା ପାଲଟିଛି । ଶେଷରେ ଏଭଳି ଅଭିନବ ଉପାୟରେ ମହା ଆନ୍ଦୋଳନ କରାଯିବ ବୋଲି ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ତରଫରୁ ତାକରା ଦିଆଯାଇଛି । ସଂଘର ସଦସ୍ୟ ଅଶୋକ କୁମାର ଦାସ , ପରେଶ କୁମାର ବେହେରା, ସୂର୍ଯ୍ୟକାନ୍ତ ସାହୁ, ରଶ୍ମି ରଞ୍ଜନ ମଙ୍ଗରାଜ, ସସ୍ମିତା ଆଚାର୍ଯ୍ୟ, ଲୋପାମୁଦ୍ରା ରାଉତରାୟ, ପ୍ରଭାସିନୀ ଜେନା ପ୍ରମୁଖ ସୂଚନା ଦେଇଛନ୍ତି । ସରକାର ଅନୁଦାନ ଘୋଷଣା ନ କରିବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ ଜାରି ବୋଲି ସଂଘ ଚେତାବନୀ ଦେଇଛି ।

ଖବର ପ୍ରସାରଣ ପରେ ୫ନମ୍ବର ୱାର୍ଡରେ ମିଳିଲା ପିଇବା ପାଣି

ଦଶପଲ୍ଲା, ୨୦/୦୯ (ଆ.ପ୍ର) : ଦଶପଲ୍ଲା ଏନଏସି ଅନ୍ତର୍ଗତ ୫ନମ୍ବର ୱାର୍ଡରେ ୫ଦିନ ପରେ ପିଇବା ପାଣି ଯୋଗାଣ ସ୍ୱାଭାବିକ ହୋଇଥିଲା । ଖବର ପ୍ରକାଶିତ ହେବା ପରେ ଏନ ଏ ସି ପ୍ରଶାସନିକ ଅଧିକାରୀଙ୍କ ସହିତ ଠିକାଦାରଙ୍କ ମିଳିତ ପ୍ରଚେଷ୍ଟାରେ ପାଣି ପାଇପ ମରାମତି କରାଯାଇଥିଲା । ପାଣି ପାଇବା ସ୍ୱାଭାବିକ ହୋଇଥିବାରୁ ୱାର୍ଡ଼ ବାସୀ ଖୁସିବ୍ୟକ୍ତ କରିଥିଲେ । ସୂଚନା ଅନୁସାରେ ୫ନମ୍ବର ୱାର୍ଡ଼ ଅନନ୍ତ ବିହାର ମଧ୍ୟରେ ଡ୍ରେନ ଖୋଳିବା ସମୟରେ ପାଣି ପାଇପ ଫାଟିଯାଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା ।

ବୋଲେରୋ ଧକ୍କାରେ ବାଇକ୍ ଚାଳକ ମୃତ, ଜଣେ ଗୁରୁତର

ଦଶପଲ୍ଲା, ୨୦/୦୯ (ଆ.ପ୍ର) : ଦଶପଲ୍ଲା ବ୍ଲକ ବାଣୀଗୋଛା ଥାନା ଅନ୍ତର୍ଗତ ଖୋର୍ଦ୍ଧା - ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥର ବାଣୀଗୋଛା କଲେଜ ନିକଟରେ ଶନିବାର ସକାଳ ସମୟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି । ଏଥିରେ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି । ମିଳିଥିବା ସୂଚନା ଅନୁସାରେ, ପୁରୀରୁ ବଲାଙ୍ଗୀର ଅଭିମୁଖେ ଯାଉଥିବା ଏକ ବୋଲେରୋ ଗାଡି ଭାରସାମ୍ୟ ହରାଇ ବିପରୀତ ଦିଗ ଫୁଲବାଣୀରୁ ଦଶପଲ୍ଲା ଅଭିମୁଖେ ଆସୁଥିବା ଏକ ବାଇକକୁ ଧକ୍କା ଦେଇଥିଲା । ଧକ୍କା ଏତେ ଜୋରରେ ଥିଲା ଯେ ବାଇକ୍ ଚାଳକଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା ।

ଗଣେଶ ପୂଜାର ବିଭିନ୍ନ ସାଂସ୍କୃତିକ ଉତ୍ସବରେ ଯୋଗଦେଲେ ବିଧାୟକ

ଦଶପଲ୍ଲା, ୨୦/୦୯ (ଆ.ପ୍ର) : ଦଶପଲ୍ଲା ଏନ୍‌ଏସି ଓ ବ୍ଲକ ଅଂଚଳର ବିଭିନ୍ନ ସ୍ଥାନରେ ଧୁମ୍‌ଧାମରେ ପାଳିତ ହେଉଥିବା ଗଣେଶ ପୂଜା ଅବସରରେ ଆୟୋଜିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ବିଭିନ୍ନ ପୂଜାମଣ୍ଡପରେ ପହଂଚି ବିଧାୟକ ଶ୍ରୀ ବେହେରା ପ୍ରଭୁ ଗଣେଶଙ୍କ ଦର୍ଶନ କରିବା ସହ ପୂଜା କମିଟିର ସଦସ୍ୟ, ଆୟୋଜକ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ । ଏଥିସହ ସେ ବିଭିନ୍ନ ସାଂସ୍କୃତିକ ଓ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମରେ ଯୋଗଦେଇ କଳାକାର ଓ ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ । ଗଣେଶ ପୂଜାକୁ କେନ୍ଦ୍ର କରି ସମଗ୍ର ଦଶପଲ୍ଲା ଅଂଚଳ ଉତ୍ସବମୁଖର ହୋଇଉଠିଥିବା ବେଳେ ବିଭିନ୍ନ ପୂଜାମଣ୍ଡପର ସାଂସ୍କୃତିକ କାର୍ଯ୍ୟକ୍ରମରେ ଲୋକପ୍ରିୟ ବିଧାୟକ ଯୋଗ ଦେଇଥିବାକୁ ନେଇ ଲୋକଙ୍କ ମନରେ ଉତ୍ସାହ ଭରିଦେଇଥିଲା ।

ଭାରସାମ୍ୟ ହରାଇ ଓଲଟିଲା ସାଉଣ୍ଡ ବକ୍ସ ବୋଝେଇ ଗାଡ଼ି, ଡ୍ରାଇଭର ଫେରାର



କୁକୁଡ଼ାଖଣ୍ଡି, ୨୦/୦୯ (ଆ.ପ୍ର) : ସଦର ଥାନା ଅନ୍ତର୍ଗତ କୁକୁଡ଼ାଖଣ୍ଡି ରାଉତ ବନ୍ଧ ନିକଟରେ ରବିବାର ମଧ୍ୟାହ୍ନ ସମୟରେ ଏକ ସାଉଣ୍ଡ ବକ୍ସ ବୋଝେଇ ମେକ୍ସପିକଅପ୍ ଗାଡ଼ି ହଠାତ୍ ଭାରସାମ୍ୟ ହରାଇ ରାସ୍ତା ମଝିରେ ଓଲଟି ପଡ଼ିଥିଲା । ଏହି ଦୁର୍ଘଟଣାରେ କୌଣସି ବ୍ୟକ୍ତିର କିଛି କ୍ଷୟକ୍ଷତି ହୋଇନଥିବା ବେଳେ ଗାଡ଼ି ଚାଳକ ଅତି ଘଟଣାସ୍ଥଳରୁ ଫେରାର ହୋଇଯାଇଛି । ସୂଚନା ଅନୁଯାୟୀ, ଗତକାଲି ପିତଳ ଅଂଚଳର କୋଣାର୍କ ଚିତ୍ରାଳୟର ସାଉଣ୍ଡ ସିଷ୍ଟମ ସାମଗ୍ରୀ ଉପରୋକ୍ତ ମେକ୍ସ ପିକ୍‌ଅପ୍ ଗାଡ଼ିରେ ଲୋଡ୍ କରି ବ୍ରହ୍ମପୁର ଅଭିମୁଖେ ଯାଇଥିଲା । ପରେ ବ୍ରହ୍ମପୁର କାର୍ଯ୍ୟକ୍ରମ ସାରି ରବିବାର ଦିନ ପୁଣିଥରେ ଏହି ଗାଡ଼ିଟି ଦାରିଙ୍ଗବାଡ଼ି ଅଭିମୁଖେ ଯାଉଥିବା ବେଳେ ସଦର ଥାନା ଅନ୍ତର୍ଗତ ରାଉତବନ୍ଧ ନିକଟରେ ହଠାତ୍ ଭାରସାମ୍ୟ ହରାଇ ରାସ୍ତା ମଝିରେ ଓଲଟି ପଡିଥିଲା । ଓଲଟି ପଡିବା ଫଳରେ ଗାଡ଼ିରେ ଥିବା ସମସ୍ତ ସାଉଣ୍ଡ ସାମଗ୍ରୀ ରାସ୍ତା ମଝିରେ ଛିନ୍ ଛତ୍ର ହୋଇ ପଡ଼ିରହିଥିବା ଦେଖିବାକୁ ମିଳିଥିଲା । ଏହି ଦୁର୍ଘଟଣା ପରେ ଗାଡ଼ି ଚାଳକ ଜଣକ ଘଟଣାସ୍ଥଳରୁ କେଉଁଆଡ଼େ ଚାଲିଯାଇଛି । ତେବେ କେଉଁ ପରିସ୍ଥିତିରେ ଗାଡ଼ି ଚାଳକ ଜଣକ ଗାଡ଼ି ଛାଡ଼ି ଦୁର୍ଘଟଣା ସ୍ଥଳରୁ ଚାଲିଗଲା, ତାହା ସ୍ପଷ୍ଟ ଭାବେ ପଡ଼ିନଥିବା ବେଳେ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ଗାଡ଼ି ଓ ସାଉଣ୍ଡ ସାମଗ୍ରୀ ଜବତ କରି ତଦନ୍ତ ଜାରି ରଖିଛି । ତେବେ ଏହି ସମୟରେ ଏହି ରାସ୍ତା ଦେଇ ଯାତାୟତ କରୁଥିବା କିଛି ଗାଡ଼ି ଅଟକି ରହିଥିଲା ।

ସାରାବଙ୍ଗ ବଜାରରେ ଔଷଧ ଦୋକାନ ଯାଂଚ

ନୂଆପଡ଼ା, ୨୦/୦୯ (ଆ.ପ୍ର) : ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ନିର୍ଦ୍ଦେଶକ୍ରମେ ନୂଆପଡ଼ା ସାରାବଙ୍ଗ ବଜାରରେ ଥିବା ଔଷଧ ଦୋକାନଗୁଡ଼ିକରେ ଯାଂଚ କରାଯାଇଛି । ଉପ-ଜିଲ୍ଲାପାଳ ସୁମି ସୋରେନଙ୍କ ନେତୃତ୍ୱରେ ଅବକାରୀ ଓ ଡ୍ରଗ୍ସ ବିଭାଗର ଅଧିକାରୀମାନେ ଏହି କ୍ରମରେ ଦୁଇଟି ଔଷଧ ଦୋକାନରେ ଔଷଧର ମହଜୁଦ, ବିକ୍ରୟ ଓ ଆବଶ୍ୟକ ରେକର୍ଡପତ୍ର ଯାଂଚ କରିଥିଲେ । ଯାଂଚ ସମୟରେ ଉଭୟ ଔଷଧ ଦୋକାନରେ କୋଡିନ୍‌ଯୁକ୍ତ (ମଲ୍ଟୟରସଭର) କଫ୍ ସିରପ୍ ମିଳିନଥିଲା । ଔଷଧର ଅପବ୍ୟବହାର ଓ ବେଆଇନ ବିକ୍ରୟ ରୋକିବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏଭଳି ଯାଂଚ ଆଗକୁ ମଧ୍ୟ ଜାରି ରହିବ । ଯାଂଚ ସମୟରେ ଅବକାରୀ ଅଧୀକ୍ଷକ ସଂଘମିତ୍ରା ପ୍ରଧାନ ଓ ଡ୍ରଗ୍ସ ଇନ୍‌ସପେକ୍ଟର ସୁନିତା ନାଗ ଉପସ୍ଥିତ ଥିଲେ ।

ରାୟଗଡ଼ରେ ଜିଲ୍ଲାସ୍ତରୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସ୍ଥାପନା ଦିବସ ପାଳିତ

ରାୟଗଡ଼, ୨୦/୦୯ (ଆ.ପ୍ର) : ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସ୍ଥାପନା ଦିବସ ଅବସରରେ ରାୟଗଡ଼ ଜିଲ୍ଲାସ୍ତରୀୟ 'ସ୍ପାର୍କ-୨୦୨୬' କାର୍ଯ୍ୟକ୍ରମ ଆଜି ବିଜୁ ପଟ୍ଟନାୟକ ଅଡିଟୋରିୟମ୍, ରାୟଗଡ଼ଠାରେ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଛି । ଜିଲ୍ଲାର ବିଭିନ୍ନ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହି ଅବସରରେ ନିଜର ସୃଜନଶୀଳତା, ପ୍ରତିଭା ଓ କଳାତ୍ମକ ଦକ୍ଷତା ପ୍ରଦର୍ଶନ କରିଥିଲେ । ଏହି ଜିଲ୍ଲାସ୍ତରୀୟ ଉତ୍ସବର ଉଦ୍‌ଘାଟନୀ ସମାରୋହରେ ରାୟଗଡ଼ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି, ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଅବସରପ୍ରାପ୍ତ ଅଧ୍ୟକ୍ଷ ଡି ଏସି କଲେଜ, ଟିଟିଲାଗଡ଼ର ଡ. ଶିବ ପ୍ରସାଦ ବେହେରା ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରାୟଗଡ଼ ଶାନ୍ତିଲତା ମୁନି, ଏବଂ କ୍ଷୀରେଶ୍ୱର ପଧାନ, ନୋଡାଲ୍ ଅଧ୍ୟକ୍ଷ, ଓଡ଼ିଶା ଆଦର୍ଶ ବିଦ୍ୟାଳୟସମୂହ, ରାୟଗଡ଼ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାରେ ଜୁନିଅର ଓ ସିନିଅର ବର୍ଗର ଛାତ୍ରଛାତ୍ରୀମାନେ ଭାଗ ନେଇଥିଲେ । ଇଂରାଜୀ ବିତର୍କ, ଇଂରାଜୀ ପ୍ରବନ୍ଧ, ଇଂରାଜୀ ଏଲୋକ୍ୟୁସନ୍, କବିତା ଆବୃତ୍ତି, ଏକକ ସଙ୍ଗୀତ, ଲୋକନୃତ୍ୟ, ଶାସ୍ତ୍ରୀୟ ନୃତ୍ୟ, ଦଳୀୟ ଲୋକନୃତ୍ୟ, ଦଳୀୟ ଶାସ୍ତ୍ରୀୟ ନୃତ୍ୟ, ଚିତ୍ରାଙ୍କନ ଓ ପେଂଟିଂ ଏବଂ କୁଇଜ୍ ଆଦି ବିଭିନ୍ନ ବିଭାଗରେ ପ୍ରତିଯୋଗିତା ହୋଇଥିଲ । ପ୍ରତିଯୋଗିତାଗୁଡ଼ିକରେ ନିର୍ଦ୍ଧାରିତ ସମୟ ଓ ନିୟମାବଳୀ ଅନୁଯାୟୀ ଛାତ୍ରଛାତ୍ରୀମାନେ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ । ସନ୍ଧ୍ୟାରେ ଆୟୋଜିତ ସମାପନୀ ସମାରୋହରେ ରାୟଗଡ଼ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧ୍ୟକ୍ଷ ମଞ୍ଜୁଳା ମିନିଆକା, ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ରନାଥ କହଁର, କ୍ଷୀରେଶ୍ୱର ପ୍ରଧାନ, ନୋଡାଲ୍ ଅଧ୍ୟକ୍ଷ, ଓଡ଼ିଶା ଆଦର୍ଶ ବିଦ୍ୟାଳୟସମୂହ, ରାୟଗଡ଼ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ସମାରୋହର ସଭାପତିତ୍ୱ ଭଜନଲାଲ ମାଝୀ, ଜିଲ୍ଲା ଶିକ୍ଷା ଅଧିକାରୀ-ତଥା-ଜିଲ୍ଲା ପ୍ରକଳ୍ପ ସଂଯୋଜକ, ରାୟଗଡ଼ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ ଓ ସମ୍ମାନିତ କରାଯାଇଥିଲା । SPARK-୨୦୨୬ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନବସୃଜନ, ସୃଜନଶୀଳତା, ଆତ୍ମବିଶ୍ୱାସ ଓ ପ୍ରତିଭା ବିକାଶର ଏକ ଉତ୍କୃଷ୍ଟ ମଂଚ ଭାବେ ପରିଣତ ହୋଇଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ରାୟଗଡ଼ ଜିଲ୍ଲାର ସମସ୍ତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ, ଶିକ୍ଷକ-ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ସମନ୍ୱିତ ପ୍ରୟାସକୁ ପ୍ରଶଂସା କରାଯାଇଥିଲା । ସ୍ପାର୍କ-୨୦୨୬ ରାୟଗଡ଼ ଜିଲ୍ଲାର ଯୁବ ପ୍ରତିଭାମାନଙ୍କ ପାଇଁ ଏକ ସ୍ମରଣୀୟ ଓ ପ୍ରେରଣାଦାୟକ ଅନୁଭବ ହୋଇ ରହିବ ।

ଜର୍ଡା ରେଞ୍ଜରେ ବନ ବିଭାଗ ପକ୍ଷରୁ ୭୦ କିଲୋଗ୍ରାମ୍ ବାଉଁଶ କରଡ଼ି ଜବତ

ବଣାଇ, ୨୦/୦୯(ଆ.ପ୍ର): ଏକ ବିଶ୍ୱସନୀୟ ସୂତ୍ରରୁ ପ୍ରାପ୍ତ ସୂଚନା ଆଧାରରେ ବଣାଇଗଡ଼ା ବନଖଣ୍ଡର ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏକ ଏନ୍‌ଫୋର୍ସମେଂଟ ଟିମ୍ ଗଠନ କରାଯାଇ ଜର୍ଡା ରେଞ୍ଜକୁ ପଠାଯାଇଥିଲା । ଏହି ଟିମ୍ ଜର୍ଡା ରେଞ୍ଜ ଅନ୍ତର୍ଗତ ଜଲାଇ ବିଟ୍‌ର ରାଇପିରି ରିଜର୍ଭ ଫରେଷ୍ଟ ଅଂଚଳରେ ଯାଂଚ କାର୍ଯ୍ୟ କରିଥିଲା । ଯାଂଚ ସମୟରେ ଜଙ୍ଗଲ ଅଂଚଳରୁ ପ୍ରାୟ ୭୦ କିଲୋଗ୍ରାମ୍ ବାଉଁଶ କରଡ଼ି ମିଳିଥିଲା, ଯାହାକୁ ବନ ବିଭାଗ ପକ୍ଷରୁ ଜବତ କରାଯାଇଛି । ଏନ୍‌ଫୋର୍ସମେଂଟ ଟିମ୍‌କୁ ଦେଖି ଘଟଣାସ୍ଥଳରେ ଉପସ୍ଥିତ କିଛି ବ୍ୟକ୍ତି ସେଠାରୁ ଚାଲିଯାଇଥିବା ଜଣାପଡ଼ିଛି । ଘଟଣା ସମ୍ପର୍କରେ ବନ ବିଭାଗ ପକ୍ଷରୁ ଆବଶ୍ୟକ ଯାଂଚ କାର୍ଯ୍ୟ ଜାରି ରହିଛି । ବନ୍ୟପ୍ରାଣୀଙ୍କ ଖାଦ୍ୟ ସୁରକ୍ଷା ଓ ବନ ସୁରକ୍ଷାସହ ବାଉଁଶ ଜଙ୍ଗଲ ପରିସଂସ୍ଥିତିତନ୍ତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ଉଦ୍ଭିଦ ଏବଂ ବିଭିନ୍ନ ବନ୍ୟପ୍ରାଣୀଙ୍କ ପାଇଁ ଏହା ଏକ ପ୍ରାକୃତିକ ଖାଦ୍ୟ ଉତ୍ସ । ବିଶେଷକରି ହାତୀଙ୍କ ଆବାସସ୍ଥଳୀରେ ପର୍ଯ୍ୟାପ୍ତ ପ୍ରାକୃତିକ ଖାଦ୍ୟ ଉପଲବ୍ଧ ରହିବା ସେମାନଙ୍କ ସ୍ୱାଭାବିକ ଚଳାଚଳ ଓ ଆବାସସ୍ଥଳୀର ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ । ମଣିଷ–ହାତୀ ସଂଘର୍ଷ ହ୍ରାସ କରିବାରେ ହାତୀଙ୍କ ପ୍ରାକୃତିକ ଆବାସ, ଚଳାଚଳ ପଥ ଓ ଖାଦ୍ୟ ଉତ୍ସର ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ । ଜଙ୍ଗଲରେ ପର୍ଯ୍ୟାପ୍ତ ପ୍ରାକୃତିକ ଖାଦ୍ୟ ଉପଲବ୍ଧ ରହିଲେ ବନ୍ୟପ୍ରାଣୀମାନେ ସେମାନଙ୍କ ସ୍ୱାଭାବିକ ଆବାସସ୍ଥଳୀରେ ରହିବାର ସୁଯୋଗ ପାଆନ୍ତି । ବନ ବିଭାଗ ପକ୍ଷରୁ ସ୍ଥାନୀୟ ଜନସାଧାରଣଙ୍କୁ ଆହ୍ୱାନ କରାଯାଉଛି, ଜଙ୍ଗଲର ପ୍ରାକୃତିକ ସମ୍ପଦକୁ ସୁରକ୍ଷା କରନ୍ତୁ । ହାତୀ ଓ ଅନ୍ୟାନ୍ୟ ବନ୍ୟପ୍ରାଣୀଙ୍କ ପ୍ରାକୃତିକ ଖାଦ୍ୟ ଉତ୍ସକୁ ସୁରକ୍ଷିତ ରଖନ୍ତୁ । ଜଙ୍ଗଲରୁ ବାଉଁଶ କରଡ଼ି ଓ ଅନ୍ୟାନ୍ୟ ବନଜାତ ସମ୍ପଦ ସଂଗ୍ରହ କରିବା ପୂର୍ବରୁ ବନ ବିଭାଗର ନିର୍ଦ୍ଦେଶ ଓ ପ୍ରଚଳିତ ବ୍ୟବସ୍ଥା ସମ୍ପର୍କରେ ଅବଗତ ହୁଅନ୍ତୁ । ଜଙ୍ଗଲରେ ବନ ସମ୍ପଦ ସମ୍ପର୍କିତ ଅନୁଚିତ କାର୍ଯ୍ୟକଳାପ ଦେଖିଲେ ନିକଟସ୍ଥ ବନ ବିଭାଗ କର୍ମଚାରୀଙ୍କୁ ସୂଚନା ଦିଅନ୍ତୁ । ବନ୍ୟପ୍ରାଣୀଙ୍କ ଆବାସସ୍ଥଳୀ ଓ ଚଳାଚଳ ପଥକୁ ସମ୍ମାନ କରନ୍ତୁ ଏବଂ ବନ ସୁରକ୍ଷାରେ ବନ ବିଭାଗକୁ ସହଯୋଗ କରନ୍ତୁ । ହାତୀର ଖାଦ୍ୟ ବଂଚାନ୍ତୁ ଜଙ୍ଗଲ ବଂଚାନ୍ତୁ ମଣିଷ ଓ ବନ୍ୟପ୍ରାଣୀଙ୍କ ସହାବସ୍ଥାନକୁ ସୁଦୃଢ଼ କରନ୍ତୁ । ବନ ଓ ବନ୍ୟପ୍ରାଣୀ ସୁରକ୍ଷାରେ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗ ଅତ୍ୟନ୍ତ ମୂଲ୍ୟବାନ । ଜଙ୍ଗଲର ପ୍ରାକୃତିକ ଖାଦ୍ୟ ଉତ୍ସ, ଜଳସ୍ରୋତ ଓ ଆବାସସ୍ଥଳୀ ସୁରକ୍ଷିତ ରଖିବା ଦ୍ୱାରା ବନ୍ୟପ୍ରାଣୀଙ୍କ ପାଇଁ ଏକ ସୁସ୍ଥ ପରିବେଶ ନିଶ୍ଚିତ କରିବା ସହିତ ମଣିଷ ବନ୍ୟପ୍ରାଣୀ ସହାବସ୍ଥାନକୁ ଅଧିକ ସୁଦୃଢ଼ କରାଯାଇପାରିବ ।

ବେଆଇନ ବାଣ ଗଚ୍ଛିତ ଓ ବିକ୍ରି ବିରୋଧରେ ପାରଳାଖେମୁଣ୍ଡି ପୋଲିସର କାର୍ଯ୍ୟାନୁଷ୍ଠାନ, ଦୁଇଟି ମାମଲାରେ ୧୪ ଲକ୍ଷରୁ ଅଧିକ ମୂଲ୍ୟର ବାଣ ଜବତ

ପାରଳାଖେମୁଣ୍ଡି, ୨୦/୦୯ (ଆ.ପ୍ର) : ବିନା ବୈଧ ଲାଇସେନ୍ସରେ ବାଣ ଗଚ୍ଛିତ ରଖିବା ଓ ବିକ୍ରି କରିବା ବିରୋଧରେ ପାରଳାଖେମୁଣ୍ଡି ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ କରାଯାଇ ଦୁଇଟି ପୃଥକ ମାମଲାରେ ୧୪ ଲକ୍ଷରୁ ଅଧିକ ମୂଲ୍ୟର ବହୁ ପରିମାଣର ବାଣ ଜବତ କରାଯାଇଛି । ପ୍ରଥମ ଘଟଣାରେ, ତା. ୧୬.୦୯.୨୦୨୬ ରିଖରେ ବିଶ୍ୱସ୍ତ ସୂଚନା ଆଧାରରେ ପାରଳାଖେମୁଣ୍ଡି ପୋଲିସ ରାଣୀପେଣ୍ଠ ରୋଡ଼ର ଗୁମାଗଡ଼ାଠାରେ ଥିବା ଲାଡି ରମେଶ (୫୫)ଙ୍କ ବାଣ ଦୋକାନ ଓ ଗୋଦାମରେ ଚଢ଼ାଉ କରିଥିଲା । ଯାଂଚ ସମୟରେ ସେଠାରେ ବିନା ବୈଧ ଲାଇସେନ୍ସରେ ବହୁ ପରିମାଣର ବିଭିନ୍ନ ପ୍ରକାର ବାଣ ଗଚ୍ଛିତ ରଖାଯାଇଥିବା ଜଣାପଡ଼ିଥିଲା । ବୋମା ଚିହ୍ନଟ ଓ ନିଷ୍କ୍ରିୟକରଣ ଦଳର ସହାୟତାରେ ଆଇନଗତ ପ୍ରକ୍ରିୟା ଅନୁସାରେ ଉକ୍ତ ବାଣଗୁଡ଼ିକୁ ଜବତ କରାଯାଇଥିଲା । ଏ ସମ୍ପର୍କରେ ପାରଳାଖେମୁଣ୍ଡି ଥାନା କେସ୍ ନଂ. ୩୮୨/୨୦୨୬, ତା. ୧୬.୦୯.୨୦୨୬, ଦଫା ୨୮୮ ବିଏନଏସ ସହିତ ଦଫା ୯(ବି) ଏକ୍ସପ୍ଲୋସିଭ୍ ଏକ୍ଟ , ୧୮୮୪ ଅନୁଯାୟୀ ମାମଲା ରୁଜୁ ହୋଇଛି । ଜବତ ବାଣର ଆନୁମାନିକ ବଜାର ମୂଲ୍ୟ ୧୨ ଲକ୍ଷରୁ ଅଧିକ । ଦ୍ୱିତୀୟ ଘଟଣାରେ, ତା. ୧୮.୦୯.୨୦୨୬ ରିଖରେ ରାଣୀପେଣ୍ଠ ଅଂଚଳରେ ପାଟ୍ରୋଲିଂ ସମୟରେ ମିଳିଥିବା ବିଶ୍ୱସ୍ତ ସୂଚନା ଆଧାରରେ ପୋଲିସ ପୁରୁଣା ରାଣୀପେଣ୍ଠ, କାଶୀନଗର ରୋଡ଼ ରେଳବାଇ କ୍ରସିଂ ନିକଟରେ ଥିବା ପି. ଭାରତ କୁମାର (୩୧)ଙ୍କ ଗୋଦାମରେ ଯାଂଚ କରିଥିଲା । ସେଠାରେ ବିନା ବୈଧ ଲାଇସେନ୍ସ ବା ଅନୁମତିରେ ବହୁ ପରିମାଣର ବାଣ ଗଚ୍ଛିତ ରଖାଯାଇ ବିକ୍ରି କରାଯାଉଥିବା ଜଣାପଡ଼ିଥିଲା । ସ୍ୱାଧୀନ ସାକ୍ଷୀଙ୍କ ଉପସ୍ଥିତିରେ ବାଣଗୁଡ଼ିକୁ ଜବତ କରାଯାଇ ଦଫା ୨୮୮ ବିଏନଏସ ସହିତ ଦଫା ୯(ବି) ଏକ୍ସପ୍ଲୋସିଭ୍ ଏକ୍ଟ , ୧୮୮୪ ଅନୁଯାୟୀ ମାମଲା ରୁଜୁ କରାଯାଇଛି । ଏହି ମାମଲାରେ ଜବତ ବାଣର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କା । ଏହିପରି ଦୁଇଟି ସଫଳ କାର୍ଯ୍ୟାନୁଷ୍ଠାନରେ ପାରଳାଖେମୁଣ୍ଡି ପୋଲିସ ମୋଟ ୧୪ ଲକ୍ଷରୁ ଅଧିକ ମୂଲ୍ୟର ବାଣ ଜବତ କରିଛି । ଉଭୟ ମାମଲାର ତଦନ୍ତ ଜାରି ରହିଛି ବୋଲି ପୋଲିସ ସୂତ୍ରରୁ ଜଣାଯାଇଛି ।

ମିଶନ ଜିରୋ ୱେଷ୍ଟ ଡମ୍ପିଂ: ସ୍ୱଚ୍ଛତା ସହ ଦୃଢ଼ ହେବ ନିୟମ ପାଳନ

ନୂଆପଡ଼ା, ୨୦/୦୯ (ଆ.ପ୍ର) : ସ୍ୱଚ୍ଛତା ହିଁ ସେବା-୨୦୨୬ ଅଭିଯାନ ଅବସରରେ ନୂଆପଡ଼ା ଜିଲ୍ଲା ପ୍ରଶାସନର 'ମିଶନ ଜିରୋ ୱେଷ୍ଟ ଡମ୍ପିଂ' ଅଭିଯାନ ଜିଲ୍ଲାବ୍ୟାପୀ ଜୋରଦାର ହୋଇଛି । ଅବ୍ୟବସ୍ଥିତ ଭାବେ ଆବର୍ଜନା ପକାଯାଉଥିବା ଛୋଟଛୋଟ ସ୍ଥାନଗୁଡ଼ିକୁ ଚିହ୍ନଟ କରି ସଫେଇ କରିବା ସହ ଆବର୍ଜନା ନିକ୍ଷେପ, ଜଳାଇବା ଓ ନିଷିଦ୍ଧ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ ବ୍ୟବହାର ବିରୋଧରେ ପ୍ରବର୍ତନମୂଳକ ପଦକ୍ଷେପ ନିଆଯାଉଛି । ଜିଲ୍ଲାର ସମସ୍ତ ବ୍ଲକ ଓ ଏନ୍‌ଏସି ଅଂଚଳରେ ୮ଟି ଜିଲ୍ଲା ସ୍ୱଚ୍ଛତା ଦଳ ମାଧ୍ୟମରେ ଅଭିଯାନ ଚାଲିଛି । ଏପର୍ଯ୍ୟନ୍ତ ପ୍ରାୟ ୨୭ଟି ସିଟିୟୁ ସଫେଇ କରାଯାଇଥିବା ବେଳେ ପ୍ରାୟ ୨ ଟନ୍ ପ୍ଲାଷ୍ଟିକ ଆବର୍ଜନା ସଂଗ୍ରହ କରାଯାଇଛି । ସେହିପରି ପ୍ରାୟ ୧୫୦ କିଲୋଗ୍ରାମ ନିଷିଦ୍ଧ ଏସ୍‌ୟୁପି ଜବତ କରାଯାଇଛି । ନିୟମ ଉଲ୍ଲଂଘନ କ୍ଷେତ୍ରରେ ପ୍ରାୟ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯାଇଛି । ଏ ସମ୍ପର୍କରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ମଧୁସୂଦନ ଦାଶ କହିଛନ୍ତି ଯେ, ସ୍ୱଚ୍ଛତା କେବଳ ଗୋଟିଏ ଦିନର ଅଭିଯାନ ନୁହେଁ, ଏହା ଏକ ନିରନ୍ତର ସାମାଜିକ ଦାୟିତ୍ୱ । ଆବର୍ଜନା ପକାଇବା, ଜଳାଇବା କିମ୍ବା ନିଷିଦ୍ଧ ଏସ୍‌ୟୁପି ବ୍ୟବହାର କରି ନିୟମ ଉଲ୍ଲଂଘନ କରୁଥିବା ବ୍ୟକ୍ତି ବା ପ୍ରତିଷ୍ଠାନ ବିରୋଧରେ ଜିରୋ ଟଲରେନ୍ସ ନୀତି ଅବଲମ୍ବନ କରାଯିବ । ଜନସଚେତନତା ସହିତ ନିୟମର ଦୃଢ଼ ଅନୁପାଳନ ସୁନିଶ୍ଚିତ କରାଯିବ । ସ୍ୱଚ୍ଛତା ଅଭିଯାନକୁ ଜନଆନ୍ଦୋଳନରେ ପରିଣତ କରିବା ସହ ସମୁଦାୟ ମାଲିକାନା, ଦାୟିତ୍ୱବୋଧ ଓ ନିୟମିତ ସ୍ୱଚ୍ଛତା ଅଭ୍ୟାସକୁ ସୁଦୃଢ଼ କରିବା ଦିଗରେ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେଉଛି । ପ୍ରଶାସନର ଏହି ପ୍ରୟାସ ସହ ପ୍ରତ୍ୟେକ ନାଗରିକଙ୍କ ସହଯୋଗ ହିଁ ଅଭିଯାନକୁ ସ୍ଥାୟୀ ସଫଳତା ଦେଇପାରିବ । ତେଣୁ ନୂଆପଡ଼ାବାସୀ ନିଜ ଘର, ଦୋକାନ, ପ୍ରତିଷ୍ଠାନ ଓ ଆଖପାଖ ଅଂଚଳକୁ ସ୍ୱଚ୍ଛ ରଖିବା ସହ ଆବର୍ଜନାକୁ ଏଣେତେଣେ ନପକାଇ ନିର୍ଦ୍ଧାରିତ ସ୍ଥାନରେ ଦେବାକୁ ଆହ୍ୱାନ କରାଯାଇଛି । ଖୋଲା ସ୍ଥାନରେ ଆବର୍ଜନା ନଜଳାଇବା, ନିଷିଦ୍ଧ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକର ବ୍ୟବହାର ଓ ବିକ୍ରୟରୁ ଦୂରେଇ ରହିବା ସହ ପରିବେଶ ଅନୁକୂଳ ବିକଳ୍ପକୁ ଆପଣାଇବା ପାଇଁ ମଧ୍ୟ ଜନସାଧାରଣଙ୍କୁ କୁହାଯାଇଛି । "ସ୍ୱଚ୍ଛତା ପ୍ରଶାସନର ଏକାକୀ ଦାୟିତ୍ୱ ନୁହେଁ, ଏହା ପ୍ରତ୍ୟେକ ନାଗରିକଙ୍କ ସାମୂହିକ ଦାୟିତ୍ୱ । ଆସନ୍ତୁ, ଆମେ ସମସ୍ତେ ନିଜ ଅଂଚଳର ସ୍ୱଚ୍ଛତାର ଦାୟିତ୍ୱ ନିଜେ ନେବା, ଆବର୍ଜନାମୁକ୍ତ ପରିବେଶ ଗଢ଼ିବା ଏବଂ 'ମିଶନ ଜିରୋ ୱେଷ୍ଟ ଡମ୍ପିଂ'କୁ ଏକ ସ୍ଥାୟୀ ଜନଆନ୍ଦୋଳନରେ ପରିଣତ କରିବା," ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ନୂଆପଡ଼ାବାସୀଙ୍କୁ ଆହ୍ୱାନ ଜଣାଯାଇଛି । ଜନସହଭାଗିତା, ସାମୂହିକ ସଙ୍କଳ୍ପ ଓ ଦାୟିତ୍ୱବୋଧରେ ହିଁ ଗଢ଼ିଉଠିବ ସ୍ୱଚ୍ଛ, ସୁସ୍ଥ, ସବୁଜ ଓ ଜିରୋ ୱେଷ୍ଟ ନୂଆପଡ଼ା ।

ଗୁମ୍ମାଗଡ଼ା ଅଂଚଳରେ ପୁଣି ଏକ ବେଆଇନ ବାଣ ଗୋଦାମ ଠାବ

ପାରଳାଖେମୁଣ୍ଡି, ୨୦/୦୯ (ଆ.ପ୍ର) : ବେଆଇନ ଭାବେ ବାଣ ଗଚ୍ଛିତ ରଖିବା ଓ ବିକ୍ରି ବିରୋଧରେ ଚାଲିଥିବା ଅଭିଯାନକୁ ଜାରି ରଖି ପାରଳାଖେମୁଣ୍ଡି ପୋଲିସ ଆଜି ଭୋର ସମୟରେ ଗୁମ୍ମାଗଡ଼ାସ୍ଥିତ ଟାଟା ମୋଟର୍ସ ୱାର୍କସପ୍ ପଛପଟ ଅଂଚଳରେ ଚଢ଼ାଉ କରି ଏକ ପରିତ୍ୟକ୍ତ ଗୋଦାମରେ ବେଆଇନ ଭାବେ ଗଚ୍ଛିତ ଥିବା ବହୁ ପରିମାଣର ବିଭିନ୍ନ ପ୍ରକାର ବାଣ ଠାବ କରିଛି । ଯାଂଚ ସମୟରେ ଉଲ୍ଲୀ ବିକାଶ (୨୭), ପିତା- ଭି. ମହେଶ , ନ୍ୟୁ ବସ୍ ଷ୍ଟାଣ୍ଡ , ପାରଳାଖେମୁଣ୍ଡି , ଜିଲ୍ଲା- ଗଜପତି ଆବଶ୍ୟକ ବୈଧ ଲାଇସେନ୍ସ ବା ଅନୁମତି ନନେଇ ବିଭିନ୍ନ ପ୍ରକାରର ବାଣ ସଂଗ୍ରହ କରି ଉକ୍ତ ଗୋଦାମରେ ଗଚ୍ଛିତ ରଖିଥିବା ଜଣାପଡ଼ିଛି । ଜବତ ବାଣଗୁଡ଼ିକର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୩ ଲକ୍ଷ ଟଙ୍କା । ଗୋଦାମରୁ ମିଳିଥିବା ସମସ୍ତ ବାଣକୁ ଆଇନଗତ ପ୍ରକ୍ରିୟା ଅନୁସାରେ ଜବତ କରାଯାଇଥିବା ସହ ସୁରକ୍ଷା ଦୃଷ୍ଟିରୁ ଗୋଦାମକୁ ସିଲ୍ କରାଯାଇଛି । ଏ ସମ୍ପର୍କରେ ପାରଳାଖେମୁଣ୍ଡି ଥାନା କେସ୍ ନଂ. ୩୮୯/୨୦୨୬ ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି ପୋଲିସ ସୂତ୍ରରୁ ଜଣାଯାଇଛି ।

ଶ୍ରୀଜଗନ୍ନାଥ ମନ୍ଦିରରେ ରାଧାଷ୍ଟମୀ ପର୍ବ ପାଳିତ

ଖଣ୍ଡପଡ଼ା, ୨୦/୦୯ (ଆ.ପ୍ର) : ଖଣ୍ଡପଡ଼ା ଶ୍ରୀଜଗନ୍ନାଥ ମନ୍ଦିରରେ ବାର ମାସରେ ୧୩ ପର୍ବ ପାଳିତ ହେଉଥିବା ବେଳେ ମା' ରାଧାରାଣୀଙ୍କ ଜନ୍ମ ଉତ୍ସବ ରାଧାଷ୍ଟମୀ ପର୍ବ ଶନିବାର ପାରମ୍ପରିକ ରୀତିନୀତି ଅନୁଯାୟୀ ପାଳିତ ହୋଇଯାଇଛି । ଏ ଅବସରରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ଦ୍ୱିପ୍ରହର ଧୂପ ଓ ନୀତିକାନ୍ତି ପରେ ରାଧାରାଣୀଙ୍କୁ ମଣ୍ଡପରେ ବିରାଜିତ କରାଯାଇ ପଂଚ ଉପଚାରରେ ପୂଜାର୍ଚ୍ଚନା କାର୍ଯ୍ୟ କରାଯାଇଥିଲା । ମାତା ରାଧାରାଣୀଙ୍କ ଦର୍ଶନ ନିମନ୍ତେ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ।

ନୂଆପଡ଼ାରେ ଜିଲ୍ଲାସ୍ତରୀୟ ଏନ୍‌ସିଓଆର୍ଡି ବୈଠକ
'ନିଶା ମୁକ୍ତ ଗାଁ' ଗଠନ ପାଇଁ ଖୁଦପେଜ କୁ ପ୍ରଥମ ପର୍ଯ୍ୟାୟରେ ଗ୍ରହଣ କରାଯିବ

ନୂଆପଡ଼ା, ୨୦/୦୯ (ଆ.ପ୍ର) : ନୂଆପଡ଼ା ଜିଲ୍ଲାସ୍ତରୀୟ ନାର୍କୋ ସମନ୍ୱୟ କେନ୍ଦ୍ର (ଏନ୍‌ସିଓଆର୍ଡି) ମେକାନିଜମ୍ କମିଟିର ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ମାଦକଦ୍ରବ୍ୟର ଅବୈଧ କାରବାର ଓ ବ୍ୟବହାର ରୋକିବା, ମାଦକ ବିରୋଧୀ ସଚେତନତାକୁ ବ୍ୟାପକ କରିବା ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱିତ କାର୍ଯ୍ୟପଦ୍ଧତିକୁ ଅଧିକ ସୁଦୃଢ଼ କରିବା ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା । ପ୍ରାରମ୍ଭରେ ଡିଏସ୍‌ପି (ହେଡକ୍ୱାର୍ଟର୍ସ) ସ୍ୱାଧୀନ ମିଶ୍ର ସମସ୍ତଙ୍କୁ ସ୍ୱାଗତ ଜଣାଇ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଜିଲ୍ଲାରେ ଅବକାରୀ ଆଇନ ଉଲ୍ଲଂଘନ ଏବଂ ମଦ୍ୟପାନ କରି ଗାଡ଼ି ଚାଳନା ବିରୋଧରେ ଚାଲିଥିବା ବ୍ୟାପକ ପ୍ରବର୍ତନମୂଳକ ଅଭିଯାନ ସମ୍ପର୍କରେ ସେ ଅବଗତ କରାଇଥିଲେ । ବୈଠକରେ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ମାଦକ ବିରୋଧରେ କରାଯାଇଥିବା ପ୍ରବର୍ତନମୂଳକ ପଦକ୍ଷେପର ସମୀକ୍ଷା କରାଯାଇଥିଲା । ମାଦକଦ୍ରବ୍ୟର ଅବୈଧ କାରବାର ଓ ବ୍ୟବହାର ଉପରେ ନଜରଦାରୀ ବଢ଼ାଇବା ସହ କ୍ଷେତ୍ରସ୍ତରରେ ନିୟମିତ ଯାଂଚ ଓ ଚଢ଼ଉ ଜାରି ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଔଷଧ ଦୋକାନଗୁଡ଼ିକରେ ନିୟମିତ ଯାଂଚ ଓ ଚଢ଼ଉ କରିବାକୁ ଡ୍ରଗ୍ ଇନ୍‌ସପେକ୍ଟରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାରେ ଅବୈଧ ଭାବେ ଗଞ୍ଜେଇ ଚାଷ ରୋକିବା ପାଇଁ ବନ ବିଭାଗ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି ଚାଷ ସମ୍ପର୍କରେ ଯାଂଚ କରିବା ଏବଂ ଆବଶ୍ୟକ ଆଇନଗତ ପଦକ୍ଷେପ ନେବାକୁ ଜିଲ୍ଲାପାଳ କହିଥିଲେ । ମାଦକ ବ୍ୟବହାରର କୁପ୍ରଭାବ ସମ୍ପର୍କରେ ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କୁ ସଚେତନ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା । ଜିଲ୍ଲା ଯୁବ ଅଧିକାରୀଙ୍କ ସମେତ ସମ୍ପୃକ୍ତ ଅଧିକାରୀମାନଙ୍କୁ ଯୁବବର୍ଗଙ୍କ ମଧ୍ୟରେ ମାଦକ ବିରୋଧୀ ସଚେତନତା କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରିବାକୁ କୁହାଯାଇଥିଲା । ଜିଲ୍ଲାପାଳ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ସ୍ମାର୍ଟ ବ୍ଲାକବୋର୍ଡ ମାଧ୍ୟମରେ ମାଦକଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇବାକୁ କହିଥିଲେ । ମାଦକମୁକ୍ତ ଗାଁ ଗଠନ ପାଇଁ ଜିଲ୍ଲାର ଏକ ଗାଁକୁ ପ୍ରଥମ ପର୍ଯ୍ୟାୟରେ ଗ୍ରହଣ କରିବା ନେଇ ମଧ୍ୟ ବୈଠକରେ ନିଷ୍ପତ୍ତି ହୋଇଥିଲା । ଏହି କ୍ରମରେ ଖୁଦପେଜ ଗ୍ରାମପଂଚାୟତର ଖୁଦପେଜ ଗାଁକୁ ପ୍ରଥମ ପର୍ଯ୍ୟାୟରେ 'ନିଶା ମୁକ୍ତ ଗାଁ' ଭାବେ ବିକଶିତ କରିବା ପାଇଁ ଗ୍ରହଣ କରାଯିବ । ଏଥିପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକ ସମନ୍ୱିତ ଭାବେ କାର୍ଯ୍ୟ କରିବେ । ବୈଠକରେ ଉପଜିଲ୍ଲାପାଳ ସୁର୍ମୀ ସୋରେନ, ସିଡିଏମ୍‌ଓ ଡ. ଇଶାନୀ ମିତ୍ର, ସିଡିଏଓ ପ୍ରଣତିରାଣୀ ପ୍ରଧାନ, ଅବକାରୀ ଅଧିକ୍ଷକ ସଂଘମିତ୍ରା ପ୍ରଧାନ, ଜିଲ୍ଲା ଯୁବ ଅଧିକାରୀ ଅଙ୍କିତ କୁମାର ଶର୍ମା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଅନନ୍ତ କୁମାର ହେମ୍ବ୍ରମ, ଜିଲ୍ଲା ଶିକ୍ଷା ଅଧିକାରୀ ଡ. ପ୍ରଶାନ୍ତ ମହାନ୍ତି, ଇନ୍‌ସପେକ୍ଟର ଅଫ୍ ପୋଲିସ ବି. ରୁଦ୍ରିୟା, ଡ୍ରଗ୍ ଇନ୍‌ସପେକ୍ଟର ସୁନୀତା ନାଗଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

ସାରଡ଼ାମାହା ଗ୍ରାମର ଯୁବକ ତାମିଲନାଡୁରେ ଯାଇ ଦାଦନ ଶ୍ରମିକଙ୍କ ଅକାଳ ମୃତ୍ୟୁ

ଟିକାବାଲି, ୨୦/୦୯ (ଆ.ପ୍ର) : ଟିକାବାଲି ବ୍ଲକ ଅନ୍ତର୍ଗତ ଗାର୍ଡିଙ୍ଗିଆ ଗ୍ରାମପଂଚାୟତର ସାରଡ଼ାମାହା ଗ୍ରାମର ରାଜା ବେହେରା (୨୨) । ତାମିଲନାଡୁରେ ତାଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିବା ପରେ ପରିବାର ଓ ଗ୍ରାମରେ ଶୋକର ଛାୟା ଖେଳିଯାଇଛି । ରୋଜଗାର ଅନ୍ୱେଷଣରେ ଘରଠାରୁ ହଜାର ହଜାର କିଲୋମିଟର ଦୂର ତାମିଲନାଡୁକୁ ଦାଦନ ଖଟିବାକୁ ଯାଇଥିବା କନ୍ଧମାଳ ଜିଲ୍ଲାର ଜଣେ ଯୁବ ଶ୍ରମିକଙ୍କ ଅକାଳ ମୃତ୍ୟୁ ଘଟିଛି । ପରିବାରର ଆର୍ଥିକ ଅବସ୍ଥାକୁ ସୁଧାରିବା ଆଶାରେ ରାଜା ଦାଦନ ଶ୍ରମିକ ଭାବେ ତାମିଲନାଡୁ ଯାଇଥିଲେ । ସେଠାରେ କାର୍ଯ୍ୟରତ ଥିବା ସମୟରେ କୌଣସି କାରଣରୁ ତାଙ୍କର ଅକାଳ ମୃତ୍ୟୁ ଘଟିଛି । ତେବେ ତାଙ୍କ ମୃତ୍ୟୁର ପ୍ରକୃତ କାରଣ ସମ୍ପର୍କରେ ଏପର୍ଯ୍ୟନ୍ତ ସ୍ପଷ୍ଟ ତଥ୍ୟ ମିଳିନାହିଁ । ରାଜାଙ୍କ ମୃତ୍ୟୁ ଖବର ତାଙ୍କ ଗାଁରେ ପହଂଚିବା ପରେ ପରିବାରବର୍ଗଙ୍କ ମଧ୍ୟରେ କାନ୍ଦବୋବାଳି ପଡ଼ିଯାଇଛି । ଜଣେ ଯୁବକଙ୍କୁ ହରାଇ ପରିବାର ଭାଙ୍ଗିପଡ଼ିଥିବା ବେଳେ ଗ୍ରାମବାସୀ ମଧ୍ୟ ଗଭୀର ଶୋକ ପ୍ରକାଶ କରିଛନ୍ତି । ମୃତ ରାଜାଙ୍କ ଶବ ତାମିଲନାଡୁରୁ ଫ୍ଲାଇଟ୍ ଯୋଗେ ଭୁବନେଶ୍ୱର ଆଣିବା ପରେ ସେଠାରୁ ଆମ୍ବୁଲାନ୍ସ ଯୋଗେ ତାଙ୍କ ନିଜ ଗାଁ ସାରଡ଼ାମାହାକୁ ଅଣାଯିବାର କାର୍ଯ୍ୟକ୍ରମ ରହିଛି । ଶବ ଗାଁରେ ପହଂଚିବା ପରେ ପରିବାରବର୍ଗ, ସମ୍ପର୍କୀୟ ଓ ଗ୍ରାମବାସୀଙ୍କ ଶେଷ ଦର୍ଶନ ପରେ ଅନ୍ତିମ ସଂସ୍କାର କରାଯିବ । ରାଜାଙ୍କ ଅକାଳ ମୃତ୍ୟୁ କନ୍ଧମାଳରେ ଦାଦନ ସମସ୍ୟାକୁ ପୁଣିଥରେ ସାମ୍ନାକୁ ଆଣିଛି । ସ୍ଥାନୀୟ ଅଂଚଳରେ ପର୍ଯ୍ୟାପ୍ତ ରୋଜଗାର ସୁଯୋଗ ନଥିବାରୁ ଅନେକ ଯୁବକ ଜୀବିକା ପାଇଁ ଅନ୍ୟ ରାଜ୍ୟକୁ ଯିବାକୁ ବାଧ୍ୟ ହେଉଛନ୍ତି । ଘରଠାରୁ ଦୂରରେ କାମ କରୁଥିବା ଏହି ଶ୍ରମିକମାନଙ୍କ ସୁରକ୍ଷା, ନିବନ୍ଧନ, କାର୍ଯ୍ୟସ୍ଥଳର ତଥ୍ୟ ଏବଂ ଆପତ୍କାଳୀନ ସହାୟତା ବ୍ୟବସ୍ଥାକୁ ନେଇ ବଡ଼ ପ୍ରଶ୍ନ ଉଠୁଛି । ସରକାରଙ୍କ ପକ୍ଷରୁ ପ୍ରବାସୀ ଶ୍ରମିକଙ୍କ ପଞ୍ଜୀକରଣ ଓ ସହାୟତା ପାଇଁ ବିଭିନ୍ନ ବ୍ୟବସ୍ଥା ରହିଥିଲେ ମଧ୍ୟ ଭୂମିସ୍ତରରେ ଏହାର ସୁଫଳ ସମସ୍ତ ଶ୍ରମିକଙ୍କ ପାଖରେ ପହଂଚୁଛି କି ନାହିଁ, ତାହା ସନ୍ଦେହଜନକ । ଏହି ଘଟଣା ବିଷୟରେ ସ୍ଥାନୀୟ ସରକାରୀ ବିଭାଗକୁ ଜଣା ଅଛି କି ନାହିଁ ତାହା ସ୍ପଷ୍ଟ ହୋଇପାରି ନାହିଁ । ଏନେଇ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ବିଷ୍ଣୁ ଗୋବିନ୍ଦଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ହେଁ, ସେ ଫୋନ୍ ଉଠାଇ ନଥିଲେ । ଦାଦନ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ କନ୍ଧମାଳ ଭଳି ଜିଲ୍ଲାରେ ସ୍ଥାନୀୟ ରୋଜଗାର ସୃଷ୍ଟି, ଦକ୍ଷତା ବିକାଶ, କୃଷିଭିତ୍ତିକ ଶିଳ୍ପ ଓ ଛୋଟ ଉଦ୍ୟୋଗକୁ ପ୍ରୋତ୍ସାହନ ଦେବା ଅତ୍ୟନ୍ତ ଜରୁରୀ । ରାଜା ବେହେରାଙ୍କ ଅକାଳ ମୃତ୍ୟୁ ଏକ ପରିବାରକୁ ଭାଙ୍ଗି ଦେଇଥିବା ବେଳେ, ରୋଜଗାର ପାଇଁ ଆଉ କେତେ ଯୁବକଙ୍କୁ ନିଜ ଘରଠାରୁ ଦୂରକୁ ଯିବାକୁ ପଡ଼ିବ-ତାହାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ବାଣପୁର ମାଳ ଅଂଚଳରୁ ବିପୁଳ ପରିମାଣର ପୋଚ ଓ ଦେଶୀ ମଦ ଜବତ

ଚିଲିକା/ବାଣପୁର, ୨୦/୦୯ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ଅବକାରୀ ସୁପେରିଣ୍ଟେଣ୍ଡେଂଟ ସ୍ମୃତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ଟାଙ୍ଗୀ ଅବକାରୀ ଇନ୍‌ସପେକ୍ଟର ଅଜିତ୍ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ବାଲୁଗାଁ ଭାରପ୍ରାପ୍ତ ଅବକାରୀ ଅଧିକାରୀ ସୌମ୍ୟ ରଞ୍ଜନ ବେହେରା, ଏ ଏସ ଆଇ ରାମଚନ୍ଦ୍ର ଜେନା, କନେଷ୍ଟବଳ ରଞ୍ଜିତ୍ ପଟେଲ, ସସ୍ମିତା ସେଠୀ, ସତ୍ୟବନ୍ତ ମାଝୀ, ଜଟଣୀ, ଟାଙ୍ଗୀ, ବାଲୁଗାଁ ଅବକାରୀ ବିଭାଗର ଅଧିକାରୀ ଓ କର୍ମଚାରୀ, ବାଣପୁର ତହସିଲଦାର ତଥା ଏକ୍‌ଜ୍ୟୁଟିଭ ମାଜିଷ୍ଟ୍ରେଟ ହରପ୍ରିୟା ମଲ୍ଲିକଙ୍କ ମିଳିତ ଚଢ଼ାଉ ସମୟରେ ବାଣପୁର ଥାନା ଅନ୍ତର୍ଗତ କରଞ୍ଜପଲ୍ଲି ଜଙ୍ଗଲରୁ ରାସ୍ତାରୁ ଜଣକୁ ଗିରଫ କରାଯାଇଥିବା ବେଳେ ଜଙ୍ଗଲର ଚାରୋଟି ସ୍ଥାନରୁ ବିପୁଳ ପରିମାଣର ପୋଚ ଓ ଦେଶୀ ମଦ ଜବତ କରାଯାଇଛି । କରଞ୍ଜପଲ୍ଲି ଜଙ୍ଗଲ ପୂର୍ବ ଦିଗରୁ ୨୮୦୦ କେ ଜି ପୋଚ ଓ ୨୫୦ ଲିଟର ଦେଶୀ ମଦ ଜବତ କରି ବାଲୁଗାଁ ପି ଆର ନଂ ୧୫୮/୨୦୨୬-୨୭ ରେ କେସ ରୁଜୁ କରାଯାଇ ଅଛି । ଯାହାର ଆନୁମାନିକ ମୂଲ୍ୟ ୧,୯୦,୦୦୦/- ହେବ । ପଶ୍ଚିମ ତରଫରୁ ଚଢ଼ାଉ ସମୟରେ ପୋଚ ୧୮୦୦ କେ ଜି ଓ ଦେଶୀମଦ ୩୬୦ ଲିଟର ଜବତ କରାଯାଇ ବାଲୁଗାଁ ପି ଆର ନଂ ୧୫୯/୨୦୨୬-୨୭ ରେ କେସ ରୁଜୁ ହୋଇଛି । ଯାହାର ଆନୁମାନିକ ମୂଲ୍ୟ ୧,୬୨,୦୦୦/- ହେବ । ଉତର ତରଫରୁ ଚଢ଼ାଉ ସମୟରେ ୩୦୦୦ କେ ଜି ପୋଚ ଓ ୪୨୦ ଲିଟର ଦେଶୀ ମଦ ଜବତ କରାଯାଇଛି । ବାଲୁଗାଁ ପି ଆର ନଂ ୧୬୦/୨୦୨୬-୨୭ରେ କେସ ରୁଜୁ ହୋଇଛି । ଯାହାର ଆନୁମାନିକ ମୂଲ୍ୟ ୨,୩୪,୦୦୦/- ହେବ । ଦକ୍ଷିଣ ତରଫ ଚଢ଼ାଉ ସମୟରେ ୨୫୦୦ କେ ଜି ପୋଚ ଓ ୩୫୦ ଲିଟର ଦେଶୀ ମଦ ଜବତ କରାଯାଇଛି । ବାଲୁଗାଁ ପି ଆର ନଂ ୧୬୧/୨୦୨୬-୨୭ ରେ କେସ ରୁଜୁ ହୋଇଛି । ଯାହାର ଆନୁମାନିକ ମୂଲ୍ୟ ୧,୯୫,୦୦୦/- ହେବ । ସେହିଭଳି କଳାପଟା ଜଙ୍ଗଲର ପୂର୍ବ ଦିଗରୁ ଚଢ଼ାଉ ସମୟରେ ୧୫୦୦ କେ ଜି ପୋଚ ଓ ୩୧୦ ଲିଟର ଦେଶୀ ମଦ ଜବତ କରାଯାଇଛି । ବାଲୁଗାଁ ପି ଆର ନଂ ୧୬୨/୨୦୨୬-୨୭ ରେ କେସ ରୁଜୁ ହୋଇଛି । ଯାହାର ଆନୁମାନିକ ମୂଲ୍ୟ ୧,୩୭,୦୦୦/- ହେବ । ପଶ୍ଚିମ ତରଫରୁ ଚଢ଼ାଉ ସମୟରେ ୨୭୦୦ କେ ଜି ପୋଚ ଓ ୩୬୦ ଲିଟର ଦେଶୀ ମଦ ଜବତ କରାଯାଇଛି । ଟାଙ୍ଗୀ ପି ଆର ନଂ ୬୦/୨୦୨୬-୨୭ରେ କେସ ରୁଜୁ ହୋଇଛି । ଯାହାର ଆନୁମାନିକ ମୂଲ୍ୟ ୨,୦୭,୦୦୦/- ହେବ । କଳାପଟା ଜଙ୍ଗଲର ଉତର ତରଫରୁ ଚଢ଼ାଉ ସମୟରେ ୧୮୦୦ କେ ଜି ପୋଚ ଓ ୪୪୦ ଲିଟର ଦେଶୀ ମଦ ଜବତ କରାଯାଇଛି । ଟାଙ୍ଗୀ ପି ଆର ନଂ ୬୧/୨୦୨୬-୨୭ ରେ କେସ ରୁଜୁ ହୋଇଛି । ଯାହାର ଆନୁମାନିକ ମୂଲ୍ୟ ୧,୭୮,୦୦୦/- ହେବ । ଉପରୋକ୍ତ ସମସ୍ତ କେସରେ କେବଳ ପୋଚ ଓ ଦେଶୀ ମଦ ଜବତ ହୋଇଥିବା ବେଳେ କାହାରିକୁ ଗିରଫ କରାଯାଇ ନାହିଁ । କରଞ୍ଜପଲ୍ଲୀ ଗାଁ ରାସ୍ତାରୁ ଚରଣ ଶବର ବ ୨୪ ଙ୍କ ଠାରୁ ୪୦ ଲିଟର ଦେଶୀ ମଦ ଜବତ କରି ଗିରଫ କରାଯାଇଛି । ଯାହାର ଆନୁମାନିକ ମୂଲ୍ୟ ୮୦୦୦/- ଟଙ୍କା ହେବ । ବାଲୁଗାଁ ପି ଆର ନଂ ୧୬୩/୨୦୨୬-୨୭ରେ କେସ ରୁଜୁ ହୋଇଛି । ନୀଳାଦ୍ରି ପ୍ରସାଦ ରାସ୍ତାରେ କନ୍ଥରୀକଟା ଗ୍ରାମର ସୁମନ୍ତ ଜାନୀ ଓ ରୋହିତ ଜାନୀଙ୍କ ଠାରୁ ଯଥାକ୍ରମେ ୧୩.୫ ଲିଟର ଜିଞ୍ଜର ଓ ଗୋଟିଏ ମୋଟର ବାଇକ୍ ଓ ୨୦ ଲିଟର ଦେଶୀ ମଦ ଜବତ କରାଯାଇଛି । ଯାହାର ଆନୁମାନିକ ମୂଲ୍ୟ ୭୭,୪୨୫/- ଟଙ୍କା ଓ ୪୦୦୦/- ଟଙ୍କା ହେବ । ଉଭୟଙ୍କୁ ଗିରଫ କରି ବାଲୁଗାଁ ପି ଆର ନଂ ୧୬୪/୨୦୨୬-୨୭ ଓ ୧୬୫/୨୦୨୬-୨୭ ରେ କେସ ରୁଜୁ ହୋଇଛି । ବାଣପୁରରେ ପାର୍ବଣ ଋତୁ ସମୟରେ ବେଆଇନ ଭାବରେ ବିପୁଳ ସଂଖ୍ୟାକ ଦେଶୀ ମଦ କାରବାର ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଅବକାରୀ ବିଭାଗ ପକ୍ଷରୁ ହୋଇଥିବା ଧରପଗଡ଼ ଚୋରା ମଦ ବେପାରୀ ମାନଙ୍କ ମଧ୍ୟରେ କୋହଳିଆ ଭୟ ସୃଷ୍ଟି ହୋଇଛି । କିନ୍ତୁ ଚୋରା ମଦ ପ୍ରସ୍ତୁତି ଓ କାରବାର ରୋକିବାକୁ ସ୍ଥାନୀୟ ବିଧାୟକ ତଥା ଅବକାରୀ ମନ୍ତ୍ରୀ ବିଶେଷ ଭାବରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

ସାଧାରଣ ଲୋକଟିଏ ଭୋଟ ଦେଇ ଭୋଗୁଛି ନର୍କ ଯନ୍ତ୍ରଣା, ଦଲାଲ ହେଉଛନ୍ତି ମାଲାମାଲ

ଟାଙ୍ଗୀ ଚୌଦ୍ୱାର, ୨୦/୦୯ (ଆ.ପ୍ର) : ବିଜେଡି ସରକାର ଥିବା ସମୟରେ ସାଧାରଣ ଲୋକଟିଏ ଯେମିତି ସୁରୁଖୁରୁରେ ନିଜ ପରିବାରକୁ ଚଳାଉଥିଲା ବର୍ତମାନ ସରକାର ସମୟରେ ତାହାର ସମ୍ପୂର୍ଣ ଓଲଟା ଦେଖିବାକୁ ମିଳୁଛି । କେଉଁଠି ଭତା ନପାଇ ମଉସା ମାଉସୀ ମାନେ ଅନାହାରରେ ଦିନକାଟୁଛନ୍ତି ତ କେଉଁଠି ବ୍ୟାଙ୍କକୁ ଗଲା ବେଳକୁ ବ୍ୟାଙ୍କ ମାଗୁଛି (କେ ୱାଇ ସି)ଅପଡେଟ ବିଚରା ସାଧାରଣ ଲୋକଟିଏ ଏ ଫନ୍ଦୀ ଫିକର କରିନପାରି ଭାଗ୍ୟକୁ ଦୋଷ ଦେଇ ଅନ୍ୟ ଠାରୁ ମାଗି ଯାଚି କଷ୍ଟେ ମଷ୍ଟେ ଚଳିଯାଉଛନ୍ତି । ଏମିତି ପରିସ୍ଥିତି ଆସିଛି ଲୋକେ ଖାଲି କଣ୍ଟ୍ରୋଲ ଚାଉଳ ଉପରେ ଭରସା କରି ପରିବାର ପ୍ରତିପାଳିନ କରୁଛନ୍ତି । ଲୋକଙ୍କ ପାଖରେ ପଇସା ନାହିଁ କରିବେ କଣ ବାଧ୍ୟ ହୋଇ କାନମୁଣ୍ଡା ଆଉଁସି ରହୁଛନ୍ତି । ବିଜେଡି ସମୟରେ ଲୋକଙ୍କ ହାତକୁ ପଇସା ଆସୁଥିଲା ଲୋକେ ବଜାର ଘାଟ କରୁଥିଲେ ବଜାର ମଧ୍ୟ ଚାଲୁଥିଲା । ଭତା ପଇସା ପୂଜା ପର୍ବ ପଡିବା ପୂର୍ବରୁ ମଉସା ମାଉସୀ ମାନଙ୍କ ପାଖରେ ପଇସା ପହଁଚି ଯାଉଥିଲା । କିଛି ଗୋଟେ ରୋଗ ବ୍ୟାଧି ହେଲେ ନେତା ଠାରୁ କୁଜିନେତା ପର୍ଯ୍ୟନ୍ତ ଘେରିଯାଇ ଯଥା ଶୀଘ୍ର ଚିକିତ୍ସା ବନ୍ଦୋବସ୍ତ କରିବା ସହ ପରିବାରକୁ ଆର୍ଥିକ ସାହାଯ୍ୟ ମଧ୍ୟ ଯୋଗାଇ ଦିଆଯାଉଥିଲା । କିଛି ତ୍ରୁଟି ବା ସଂଶୋଧନ ପାଇଁ ବ୍ୟାଙ୍କ ସହ ଯୋଗାଯୋଗ କରି ହିତାଧିକାରୀଙ୍କୁ ସେବା ଦେଉଥିଲେ । ଯୁବପିଢିଙ୍କୁ ଏ ସରକାର ସ୍ଥାନେସ୍ଥାନେ ମଦ ଦୋକାନ ମାନ ଖୋଲି ଅଧିକ ନିଶାଡୀ କଲା ଫଳରେ ରୋଜଗାର ଶୂନ୍ୟ ହୋଇ ଯୁବପିଢ଼ି ଅଧିକ କ୍ରାଇମ କଲେ । ବିଭିନ୍ନ ଋଣ କର୍ଜ ସୁଝିନପାରି ଦେବାଳିଆ ହୋଇ ବୁଲୁଥିବାର ଦେଖିବାକୁ ମିଳୁଛି ସବୁଠି ହତାଶର ଛାୟା ବାରିହୋଇପଡୁଛି । ପୂର୍ବ ଅପେକ୍ଷା ହାତ ଉଧାରୀ ସଂଖ୍ୟା ଅହେତୁକ ମାତ୍ରାରେ ବଢିଛି ସାଧାରଣ ଜନତାଟିଏ ମତ ସାବ୍ୟସ୍ତ କରି ନେତା ବାଛିଥାଏ କିପରି ସରଳ ଓ ସୁବିଧାରେ ଜୀବନ ଯାତ୍ରା କରିବେ ବୋଲି ପେଟ୍ରୋଲ ଠାରୁ ପରିବା, ସଉଦା ଠାରୁ ନିତ୍ୟ ବ୍ୟବହାର ସାମଗ୍ରୀ ପର୍ଯ୍ୟନ୍ତ ଅହେତୁକ ମୂଲ୍ୟବୃଦ୍ଧି ଯୋଗୁ ସାଧାରଣ ଲୋକଟିଏ ଏହି ସମସ୍ତ ସାମଗ୍ରୀ ଭୋଗ କରିପାରୁ ନାହାନ୍ତି ।

ବୋଲେରୋ-ବାଇକ ମୁହାଁମୁହିଁ ଧକ୍କା, ଜଣେ ମୃତ; ଜଣେ ଗୁରୁତର

ଚନ୍ଦାହାଣ୍ଡି, ୨୦/୦୯ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ଥାନା ଅଧୀନସ୍ଥ ମାଳଗାଁ ଆଶ୍ରମ ବିଦ୍ୟାଳୟ ସମ୍ମୁଖରେ ଶନିବାର ବୋଲେରୋ ଓ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି । ସୂଚନାନୁଯାୟୀ, ପଳସାପଡ଼ା ଗ୍ରାମର ଏକ ବୋଲେରୋ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ବିଦ୍ୟାଳୟ ଅଭିମୁଖେ ଯାଉଥିବାବେଳେ ମାଳଗାଁ ଆଶ୍ରମ ବିଦ୍ୟାଳୟ ସମ୍ମୁଖରେ ବିପରୀତ ଦିଗରୁ ଆସୁଥିବା ବାଇକ ସହ ଧକ୍କା ହୋଇଥିଲା । ବାଇକରେ ଭାଟିପଡ଼ା ଗ୍ରାମର ପୂର୍ବତନ ସମିତିସଭ୍ୟ ସୁରୁଚନ୍ଦ୍ର ବାଘ(୬୦) ଓ କଳାହାଣ୍ଡି ଜିଲ୍ଲା ନିଙ୍ଗିଗୁଡ଼ା ଗ୍ରାମର ଗୁଣ ସୁନା(୬୩) ଯାଉଥିଲେ, ଦୁର୍ଘଟଣାରେ ଉଭୟ ବାଇକ ଆରୋହୀ ଛିଟିକି ରାସ୍ତା ଉପରେ ପଡ଼ିଯାଇଥିଲେ । ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରିଥିଲେ । ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ଦୁର୍ଘଟଣାଗ୍ରସ୍ତ ବୋଲେରୋ ଯୋଗେ ଉଭୟଙ୍କୁ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ଡାକ୍ତର ସୁରୁଚନ୍ଦ୍ର ବାଘଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟପକ୍ଷରେ ଗୁରୁତର ଆହତ ଗୁଣ ସୁନାଙ୍କ ଗୋଡ଼ ଓ ମୁହଁରେ ଗଭୀର ଆଘାତ ଲାଗିଥିବା ଜଣାପଡ଼ିଛି । ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭବାନୀପାଟଣା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ଖବର ପାଇ ଚନ୍ଦାହାଣ୍ଡି ପୁଲିସ ଘଟଣାସ୍ଥଳରେ ପହଂଚି ଦୁର୍ଘଟଣାର ତଦନ୍ତ କରିବା ସହ ବୋଲେରୋ ଓ ବାଇକକୁ ଜବତ କରିଛି । ଏନେଇ ଥାନାରେ ଏକ ଦୁର୍ଘଟଣାଜନିତ ମାମଲା ୧୬୯/୨୬ ରୁଜୁ ହୋଇଛି । ମୃତଦେହ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି ।

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ତରଫରୁ 'ପ୍ଲାଷ୍ଟିକ ବର୍ଜ୍ୟବସ୍ତୁରୁ ଇନ୍ଧନ ଓ ଶକ୍ତି ଉତ୍ପାଦନ' ବିଷୟକୁ ନେଇ ଏକ ସଚେତନତା ମୂଳକ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, ୨୦/୦୯ (ଆ.ପ୍ର) : ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରଛାତ୍ରୀ ମାନଙ୍କ ତରଫରୁ 'ପ୍ଲାଷ୍ଟିକ ବର୍ଜ୍ୟବସ୍ତୁରୁ ଇନ୍ଧନ ଓ ଶକ୍ତି ଉତ୍ପାଦନ' ବିଷୟକୁ ନେଇ ଏକ ସଚେତନତା ମୂଳକ କାର୍ଯ୍ୟକ୍ରମ ଚିତ୍ରକାର ଲକ୍ଷ୍ମୀପୁର ଗ୍ରାମ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଛାତ୍ରଛାତ୍ରୀ ମାନେ ପ୍ଲାଷ୍ଟିକ ଆବର୍ଜନା ଗୁଡ଼ିକର ପ୍ରତ୍ୟାଖାନ , ସମ୍ବରଣ , ପୁନଃବ୍ୟବହାର , ପୁନଃଉପଯୋଗ ଓ ପୁନଶ୍ଚକ୍ରଣ ମାଧ୍ୟମରେ ସେଗୁଡ଼ିକର ସଦୁପଯୋଗ କରିବାର ବିଧି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ । ପ୍ଲାଷ୍ଟିକ ଆବର୍ଜନାରୁ ଶକ୍ତି ଓ ଇନ୍ଧନ ଉତ୍ପାଦନ କରିବା ଆର୍ଥିକ ଦୃଷ୍ଟିରୁ ଲାଭଦାୟକ ଏବଂ ଏହାର ସାମାଜିକ ଉପକାରିତା ବିଷୟରେ ଗ୍ରାମବାସୀମାନେ ମତବ୍ୟକ୍ତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମଟି ଅଙ୍ଗନୱାଡି ୱାର୍କର ନାଗମ୍ମା କୋରାଇ ଦିଦି ଓ ଆଶା ଦିଦି ସୁନିତା ଚିନ୍ତାଡ଼ାଙ୍କ ସହଯୋଗରେ ସମ୍ପାଦିତ ହୋଇଥିଲା । ପ୍ରକାଶ ଥାଉକି ଛାତ୍ରଛାତ୍ରୀ ମାନେ ଆଗାମୀ ଦିନରେ ଆୟୋଜିତ ହେବାକୁଥିବା ଜିଲ୍ଲାସ୍ତରୀୟ 'ଜାତୀୟ ପିଲାଙ୍କ ବିଜ୍ଞାନ କଂଗ୍ରେସ' ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ନିମନ୍ତେ ଏହି ସଚେତନତା ମୂଳକ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ ।

ଦିନବେଳା ହାଇୱା ଗାଡି ଚଳାଚଳ ଯୋଗୁଁ ଟ୍ରାଫିକ ସମସ୍ୟା, ପ୍ରଶାସନର ଦୃଷ୍ଟି ଦେଉ

ଖଣ୍ଡପଡ଼ା, ୨୦/୦୯ (ଆ.ପ୍ର) : ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ସ୍ଥିତ ମହାନଦୀ ଘାଟରୁ ବାଲି ବୋଝେଇ କରି ହାଇୱା ଗାଡିଗୁଡିକ ଜନଗହଳି ପୂର୍ଣ୍ଣ ରାସ୍ତାରେ ଦିନ ବେଳା ଚଳାଚଳ କରୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହ ବାରମ୍ବାର ବିଭିନ୍ନ ସ୍ଥାନରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବା ଜଣାପଡିଛି । ଫଳରେ ଅଂଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ଦୈନିକ ଛୋଟବଡ଼ ଦୁର୍ଘଟଣା/ଅଘଟଣ ଘଟୁଥିବାର ନଜିର ରହିଛି । ସିଧାମୂଳା ଗ୍ରାମ ପାର୍ଶ୍ୱସ୍ଥ ମହନଦୀ ଘାଟରୁ ବାଲି ବୋଝେଇ କରି ଶହଶହ ହାଇୱା ଗାଡି ଜନଗହଳିପୂର୍ଣ୍ଣ ରାଜକିଆରୀ, ଘଣାଶାକିଆ, ବାଣପୁର, ବେଣାଗାଡିଆ, ବରକୋଳି ଛକ, ମର୍ଦ୍ଧରାଜପୁର, ଖଳିସାହି ଓ ଖଣ୍ଡପଡ଼ା ସହରର ବାଇପାସ ରାସ୍ତା ଦେଇ ଜିଲ୍ଲାର

ବିଭିନ୍ନ ସ୍ଥାନକୁ ଯାତାୟାତ କରୁଥିବା ଜଣାପଡିଛି । ସୂଚନା ଯୋଗ୍ୟ ଦିନ ବେଳା ହାଇୱା ଗାଡି ଗୁଡିକ ଚଳାଚଳ ଉପରେ ଜିଲ୍ଲା ପ୍ରଶାସନ କଟକଣା ଲଗାଇଥିଲେ ହେଁ ଏହାକୁ ବେଖାତିର କରି ବାଲି ବୋଝେଇ ହାଇୱା ଗୁଡିକ ଅହରହ ଚଳାଚଳ କରୁଥିବା ନଜରକୁ ଆସୁଛି । ସ୍ଥାନୀୟ ପ୍ରଶାସନ ଓ ପୁଲିସ ପ୍ରଶାସନର ଅସହଯୋଗ ଯୋଗୁଁ ରାସ୍ତାରେ ହାଇୱା ଚଳାଚଳ ନେଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପାଣିର ଗାର ପାଲଟିଥିବା ଜଣାପଡିଛି । ବାଲି ବୋଝେଇ ଶହଶହ ହାଇୱା ଗାଡିଗୁଡିକ ଚଳାଚଳ ଯୋଗୁଁ ପୂର୍ତ୍ତବିଭାଗ ମୁଖ୍ୟ ରାସ୍ତା ଗୁଡିକ ନଷ୍ଟ ହେବା ସହ ବାରମ୍ବାର ରାସ୍ତାର ମରାମତି ଆବଶ୍ୟକତା ପଡୁଛି । ବିଶେଷ କରି ସକାଳ ୭ ଟା ରୁ ରାତି ୯ ଟା ପର୍ଯ୍ୟନ୍ତ ହାଇୱା ଗାଡି ଚଳାଚଳ ବନ୍ଦ କରିବା ନେଇ ଖଣ୍ଡପଡ଼ା ଅଂଚଳବାସୀ ଦାବି କରି ଆସୁଥିଲେ ହେଁ ସେଥିପ୍ରତି ପ୍ରଶାସନ ଗୁରୁତ୍ୱ ଦେଉ ନଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକାଶଥାଉକି ଦିନ ବେଳା ଭାରି ଯାନବାହନ ଗୁଡିକ ଚଳାଚଳ କରିବା ଯୋଗୁଁ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହ ବାରମ୍ବାର ଜରୁରିକାଳୀନ ସେବା ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି । ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେଇ ଦିନ ବେଳା ହାଇୱା ଗାଡି ଚଳାଚଳ ଉପରେ କଟକଣା କଡାକଡି ଭାବେ ଲାଗୁ କରିବାକୁ ଦାବି ହେଉଥିବା ବେଳେ ନୟାଗଡ ଜିଲ୍ଲାପାଳ, ଏସପି ଓ ପୂର୍ତ୍ତବିଭାଗ ଅଧିକ୍ଷଣ ଯନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

ସର୍ବସାଧାରଣ ସ୍ଥାନରେ ମଦ୍ୟପାନ ବିରୋଧୀ ଅଭିଯାନ ଜାରି, ୬ ଜଣ ଅଟକ

ପାରଳାଖେମୁଣ୍ଡି, ୨୦/୦୯ (ଆ.ପ୍ର) : ସର୍ବସାଧାରଣ ସ୍ଥାନରେ ମଦ୍ୟପାନ ଓ ଉପଦ୍ରବ ବିରୋଧରେ ଚାଲିଥିବା ସ୍ୱତନ୍ତ୍ର ଅଭିଯାନର

ଅଂଶସ୍ୱରୂପ, ୧୯.୦୯.୨୦୨୬ ସନ୍ଧ୍ୟା ସମୟରେ ପାରଳାଖେମୁଣ୍ଡି ପୋଲିସର ପାଟ୍ରୋଲିଂ ଟିମ୍ ସହରର ବିଭିନ୍ନ ସ୍ଥାନରେ ଯାଂଚ କରିଥିଲେ । ପାଟ୍ରୋଲିଂ ସମୟରେ ସର୍ବସାଧାରଣ ସ୍ଥାନରେ ମଦ୍ୟପାନ କରୁଥିବା ସାଇ ଶଙ୍କର ପାତ୍ର (୨୪), ରାହୁଲ (୨୧), ଦିପୁନ ସାହୁ (୨୨), ହରିଶ ବେହେରା (୩୨), ମୁନା ପଲାଇ (୩୨) ଏବଂ ଗୋରାନି କ୍ରିଷ୍ଣା (୪୬)ଙ୍କୁ ଠାବ କରାଯାଇଥିଲା । ସମସ୍ତ ୬ ଜଣଙ୍କୁ ପାରଳାଖେମୁଣ୍ଡି ପୋଲିସ ଥାନାକୁ ଅଣାଯାଇ ଆଇନ ଅନୁଯାୟୀ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ସର୍ବସାଧାରଣ ସ୍ଥାନରେ ମଦ୍ୟପାନ, ଉପଦ୍ରବ ଏବଂ ଜନଶାନ୍ତି ଭଙ୍ଗ କରୁଥିବା କାର୍ଯ୍ୟ ବିରୋଧରେ ଗଜପତି ପୋଲିସ ପକ୍ଷରୁ ପାଟ୍ରୋଲିଂ ଓ ଯାଂଚ ଅଭିଯାନ ଆହୁରି ଜୋରଦାର କରାଯିବ । ସର୍ବସାଧାରଣ ସ୍ଥାନରେ ମଦ୍ୟପାନରୁ ବିରତ ରହିବା ସହ ସହରରେ ଶାନ୍ତିଶୃଙ୍ଖଳା ଓ ସୁରକ୍ଷିତ ପରିବେଶ ବଜାୟ ରଖିବାରେ ପୋଲିସକୁ ସହଯୋଗ କରିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରାଯାଉଛି ବୋଲି ପୋଲିସ ସୂତ୍ରରୁ ଜଣାଯାଇଛି ।

କଳାହାଣ୍ଡି ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ନୂତନ କର୍ମକର୍ତ୍ତା ପରମାନନ୍ଦ ମାଝୀ ସଭାପତି : ଶେଷଦେବ ମାଝୀ ସାଧାରଣ ସଂପାଦକ

ଭବାନୀପାଟଣା, ୨୦/୦୯ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ନୂତନ କର୍ମକର୍ତ୍ତା ଚୟନ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପରମାନନ୍ଦ ମାଝୀ ସଭାପତିତ୍ୱ କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ଚୂଡ଼ାମଣି ମାଝୀ, ପଦ୍ମଲୋଚନ ମାଝୀ, ନୀଳାମ୍ବର ପାତ୍ର, ସନ୍ତୁ କୁମାର ନାଏକ, ରୁକ୍ମଣୀ ମାଝୀ, ଗଙ୍ଗାଧର ଶବର, ପିତାମ୍ବର ଶବର, ତରୁଣ ମାଝୀ, ନିରାକାର ପାତ୍ର, ବଳରାମ ଦଳପତି, ପୂର୍ଣ୍ଣଚନ୍ଦ୍ର ଶବର, ଦୁଷ୍ମନ୍ତ ମାଝୀ, ଉର୍ମିଳା ଦଳପତି, ଜୟନ୍ତୀ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ଦ୍ରୋଣାଚାର୍ଯ୍ୟ ମାଝୀ ସଭା ପରିଚାଳନା କରିଥିବାବେଳେ କୁମୁଦକାନ୍ତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସର୍ବସମ୍ମତି କ୍ରମେ ଆଦିବାସୀ କଲ୍ୟାଣ ସଂଘର ନୂତନ କମିଟି ଗଠନ କରାଯାଇଥିଲା । ଏଥିରେ ସଭାପତି ଭାବରେ ପରମାନନ୍ଦ ମାଝୀଙ୍କୁ ଦାୟିତ୍ୱ ଦିଆ ଯାଇଥିବାବେଳେ

ଉପସଭାପତି ଭାବରେ ବିଦ୍ୟାଧର ଶବର, ପଦ୍ମଲୋଚନ ମାଝୀ, ଚୂଡ଼ାମଣି ମାଝୀ, ଗଙ୍ଗାଧର ଶବର, ସନ୍ତୁ କୁମାର ନାଏକ, ଦ୍ରୋଣାଚାର୍ଯ୍ୟ ମାଝୀ, ନିରାକାର ପାତ୍ରଙ୍କୁ ମନୋନୀତ କରାଯାଇଥିଲା । ସାଧାରଣ ସମ୍ପାଦକ ଭାବରେ ଶେଷଦେବ ମାଝୀ, ସମ୍ପାଦକ ଭାବରେ ସଞ୍ଜୟ ଶବର, କୋଷାଧ୍ୟକ୍ଷ ଭାବରେ ଦୁଷ୍ମନ୍ତ ମାଝୀ, ମହିଳା ସଭାନେତ୍ରୀ ଭାବରେ ରୁକ୍ମଣୀ ମାଝୀ ଦାୟିତ୍ୱ ଗ୍ରହଣ କରିଥିଲେ । ସେହିପରି ବ୍ଲକ ସଭାପତି ଭାବରେ ପିତାମ୍ବର ଶବର (ଭବାନୀପାଟଣା), ସାଧୁରାମ ମାଝୀ (କେସିଙ୍ଗା), ଶ୍ୟାମଚନ୍ଦ୍ର ଭୋଇ (କର୍ଲାମୁଣ୍ଡା), ଗୌରଚନ୍ଦ୍ର ମାଝୀ (ମ.ରାମପୁର), ମଧୁସୂଦନ ମାଝୀ (ନର୍ଲା), ସୁଶାନ୍ତ ମାଝୀ (ଲାଞ୍ଜିଗଡ), ରାମଚନ୍ଦ୍ର ମାଝୀ (ଥୁଆମୂଳ ରାମପୁର), ମୀନକେତନ ମାଝୀ (କଳମପୁର), ଦମ୍ବରୁଧର ନାଏକ (ଜୟପାଟଣା), ଭରତଚନ୍ଦ୍ର ଜାନୀ (କୋକସରା), ବନମାଳୀ ଭୋଇ (ଧର୍ମଗଡ଼), ବଳରାମ ଦଳପତି (ଜୁନାଗଡ) ଏବଂ କାର୍ଯ୍ୟକାରୀ ସଦସ୍ୟ ଭାବରେ ଚନ୍ଦ୍ରଶେଖର ଶବର, ରବି ମାଝୀ, ରୁକୁରାମ ଶବର, କୁମୁଦକାନ୍ତ ମାଝୀ, ତରୁଣ ମାଝୀ, ବଭ୍ରୁବାହନ ପାତ୍ର, କାମଦେବ ଧଙ୍ଗଡାମାଝୀ ପ୍ରମୁଖ ମନୋନୀତ ହୋଇଥିଲେ । ସେହିପରି ଉପଦେଷ୍ଟା ମଣ୍ଡଳୀରେ କୁମରମଣି ଶବର, ବୈଦ୍ୟରାଜ ପବିତ୍ର ଶବର, ନରେନ୍ଦ୍ର ମାଝୀ, ନୀଳାମ୍ବର ପାତ୍ର, ଧନସିଂ ମାଝୀ, ପଦ୍ମସିଂ ମାଝୀଙ୍କୁ ମନୋନୀତ କରାଯାଇଥିଲା ।

ସଂରକ୍ଷିତ ଜଙ୍ଗଲରୁ ପଥର ଚାଲାଣ ବେଳେ ଜେସିବି ଜବତ, ଚାଳକ ଗିରଫ, ଟ୍ରାକ୍ଟରଟିକୁ ଛାଡି ଦେବା ନେଇ ଅଭିଯୋଗ

ଖଣ୍ଡପଡ଼ା, ୨୦/୦୯ (ଆ.ପ୍ର) : ଖଣ୍ଡପଡ଼ା ବ୍ଲକ ଅଧୀନ ରାଣୀପଡ଼ା ଗ୍ରାମ ନିକଟସ୍ଥ ବାରବାଙ୍କ ସଂରକ୍ଷିତ ଜଙ୍ଗଲ ସଂଲଗ୍ନ ବଳିଆ ବନ୍ଧ ପାହାଡରୁ ଚୋରାରେ ମୋରମ ଓ ପଥର ଚାଲାଣ ହେଉଥିବା ବେଳେ ସ୍ଥାନୀୟ ବାସିନ୍ଦା ଏ ସଂପର୍କରେ ବନ ବିଭାଗ କର୍ତ୍ତୃପକ୍ଷଙ୍କୁ ଖବର ଦେଇଥିଲେ । ସ୍ଥାନୀୟ ଅଂଚଳର ଜଣେ ବ୍ୟକ୍ତି ସଂରକ୍ଷିତ ଜଙ୍ଗଲରୁ ପଥର ଗୁଡିକୁ ଏକ ଜେସିବି ସହାୟତାରେ ଟ୍ରାକ୍ଟର ଯୋଗେ ବୋଝେଇ କରି ଚାଲାଣ କରୁଥିବା ଜଣାପଡିଥିଲା । ଉକ୍ତ ଅଂଚଳଟି ନୟାଗଡ ବନାଂଚଳର ଖେଡପଡ଼ା ସେକ୍ସନ ଅଧୀନ ଯୋଗିଆପଲ୍ଲୀ ବିଟ ହାଉସ ଅଂଚଳରେ ଆସୁଥିବାରୁ ସ୍ଥାନୀୟ ବନପାଳ ଓ ଟିମ ଖବରପାଇ ଘଟଣାସ୍ଥଳରେ ପହଂଚିଥିଲେ । ଦୀର୍ଘ ୪ ଘଂଟା ଧରି ଯାଂଚ ପରେ ଘଟଣାସ୍ଥଳରୁ ଜେସିବିଟିକୁ ଜବତ କରି ନୟାଗଡ ନେଇ ଯାଇଥିବା ବେଳେ ମନ୍ଦ ଉଦ୍ଦେଶ୍ୟ ରଖି ଟ୍ରାକ୍ଟରଟିକୁ ଛାଡି ଦେଇଥିବା ନେଇ ଜଣାପଡିବା ପରେ ଉକ୍ତ ଘଟଣାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ସୂଚନାଯୋଗ୍ୟ ବଳିଆ ବନ୍ଧ ପାହାଡରୁ ବର୍ଷ ବର୍ଷ ଧରି ଚୋରାରେ ମୋରମ ଚାଲାଣ ହୋଇ ଆସୁଥିବା ବେଳେ ବନ ବିଭାଗ ସବୁ ଜାଣି କିଛି ନଜାଣିବା ନ୍ୟାୟରେ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି । ଏଭଳି ଘଟଣା ସମ୍ପର୍କରେ ଅଭିଯୋଗ ପାଇବା ପରେ ମଧ୍ୟ ବନବିଭାଗ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରିବା ପରିବର୍ତ୍ତେ ମାଫିଆଙ୍କୁ ଛାଡି ଦେବା ଘଟଣା ବିଭାଗୀୟ କର୍ତ୍ତୃପକ୍ଷଙ୍କ କାର୍ଯ୍ୟଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଘଟଣାସ୍ଥଳରେ ଟ୍ରାକ୍ଟର ଓ ଜେସିବି ଉଭୟ ଥିବା ବେଳେ ରାଜନୈତିକ ଚାପରେ ବନ ବିଭାଗ କର୍ତ୍ତୃପକ୍ଷ ଟ୍ରାକ୍ଟରଟିକୁ ଛାଡି ଦେଇଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ସ୍ଥାନୀୟ ବନପାଳ ସ୍ମୃତିପ୍ରଜ୍ଞା ଷଡଙ୍ଗୀ, ବନରକ୍ଷୀ ବିଜୟ ସାହୁ ଜେସିବି ଅପରେଟର ସଞ୍ଜୟ ମହାନ୍ତିଙ୍କୁ ଗିରଫ କରିଥିବା ବେଳେ କାହା ସ୍ୱାର୍ଥରେ ଘଟଣାସ୍ଥଳରୁ ଟ୍ରାକ୍ଟରଟିକୁ ଛାଡି ଦିଆଗଲା ବୋଲି ଅଂଚଳବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସ୍ଥାନୀୟ ବାସିନ୍ଦା ଉପରୋକ୍ତ ଘଟଣା ସଂପର୍କରେ ନୟାଗଡ ବନଖଣ୍ଡ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ସଂପୃକ୍ତ ବନପାଳ ଓ ବନରକ୍ଷୀଙ୍କ କାର୍ଯ୍ୟକଳାପ ପ୍ରତି ଦୃଷ୍ଟି ଦେବାକୁ ଦାବି କରିଛନ୍ତି । ନୟାଗଡ ବନଖଣ୍ଡ ଅଧିକାରୀ ଘଟଣା ସଂପର୍କରେ ଅବଗତ ହେବା ପରେ ଉପରୋକ୍ତ ଘଟଣାର ତଦନ୍ତ ନିମନ୍ତେ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ତେବେ ଖବରପାଇ ନୟାଗଡ ଭାରପ୍ରାପ୍ତ ବନାଂଚଳ ଅଧିକାରୀ ନରେନ୍ଦ୍ର ଗମାଙ୍ଗୋ ଘଟଣାସ୍ଥଳରେ ପହଂଚିଲା ବେଳକୁ ଉକ୍ତ ୨ ଜଣ ବନ କର୍ମଚାରୀ ଟ୍ରାକ୍ଟରଟିକୁ ଛାଡି ଦେଇଥିବା ଜଣାପଡିଛି ।

ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ଅନୁଷ୍ଠିତ

ପାରଳାଖେମୁଣ୍ଡି, ୨୦/୦୯ (ଆ.ପ୍ର) : ଗଜପତି ଜିଲ୍ଲା ରାୟଗଡ ବ୍ଲକସ୍ଥିତ କଇଠପଦର ଆଦର୍ଶ ବିଦ୍ୟାଳୟ ପ୍ରାଙ୍ଗଣ ଠାରେ ଓଡିଶା ଆଦର୍ଶ ବିଦ୍ୟାଳୟର

ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋହନା ବିଧାୟକ ଦାଶରଥୀ ଗମାଙ୍ଗ, ଗଜପତି ଜିଲ୍ଲା ପରିଷଦର ସଭାପତି ଗାଦରା ତିରୁପତି ରାଓ, ରାୟଗଡ ବ୍ଲକର ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାଏକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦୟାମୟ ପାଢୀ, ଜିଲ୍ଲା ଶିକ୍ଷା ଅଧିକାରୀ ଡ.ମାୟାଧର ସାହୁ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଓ୍ୱାଇ କ୍ରିଷ୍ଣରାଓ ପ୍ରମୁଖ ଅତିଥି ଭାବେ ମଂଚାସୀନ ଥିଲେ । ଜିଲ୍ଲାର ସମସ୍ତ ୭ଟି ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଅଧ୍ୟକ୍ଷା ତଥା ଗୋଷ୍ଠୀ ଶିକ୍ଷା ଅଧିକାରୀ ଏବଂ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ । ଅତିଥିମାନେ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବାସହ ନିଜର ସୁନ୍ଦର ଭବିଷ୍ୟତ ଗଠନ କରିବାକୁ ପରାମର୍ଶ ଦେଇଥିଲେ । ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ବିଜୟୀ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଏହି ବିଦ୍ୟାଳୟର ଛାତ୍ର କାହ୍ନୁ ଭୂୟାଁ ନିକଟରେ ନିଟ୍‌ରେ ସଫଳତା ହାସଲ କରି ଭେଷଜ ବିଦ୍ୟାରେ ନାମଲେଖାଇଥିବାରୁ ତାଙ୍କୁ ଅତିଥିମାନେ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ମୋନଜ କୁମାର ବେହେରା, ଓ୍ୱାଇ ଶିବ କୁମାର, ସୁଲତା ଶୁଭଦର୍ଶୀନୀ, ମନୋଜ କୁମାର ପଟ୍ଟନାୟକ, ଓ୍ୱାଇ ଧର୍ମ ରାଓ, ପି.ସେଣଗିରି, ରାମକାନ୍ତ ବାରାଡ, କିଶୋର ଦାସ, ଶ୍ୟାମସୁନ୍ଦର ରନ୍ତାୟତ, ହରେକୃଷ୍ଣ ମିଶ୍ର, ଅମୋଣ ଲିମା, ରାମକାନ୍ତ ପଟ୍ଟନାୟକ, ଡି. ପ୍ରିୟଙ୍କା, ଉର୍ମିଳା ପଟ୍ଟନାୟକ, ନରସିଂହ ଚରଣ ପଟ୍ଟନାୟକ, ଗୁରୁ ରଘୁନାଥ ପାତ୍ର ପ୍ରମୁଖ ବିଚାରକ ମଣ୍ଡଳୀ ଭାବେ ଉପସ୍ଥିତ ରହିଥିଲେ । ଏହି କାର୍ଯ୍ୟକ୍ରମକୁ କଇଠପଦର ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷା ସନ୍ତୋଷିନୀ ପାଢୀ ଏବଂ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ । ଶେଷରେ ମନୋରଂଜନ କାର୍ଯ୍ୟକ୍ରମ ହୋଇଥିଲା ।

ରାଜ୍ୟସ୍ତରୀୟ ଫୁଟବଲ୍ ଦଳ ଚୟନ ନିମନ୍ତେ ନବରଙ୍ଗପୁର ଜିଲ୍ଲାରୁ ସର୍ବାଧିକ ୧୩ ଜଣ ଖେଳାଳିଙ୍କୁ ସୁଯୋଗ

ନବରଙ୍ଗପୁର, ୨୦/୦୯ (ଆ.ପ୍ର) : ୧୪ ବର୍ଷରୁ କମ୍ ରାଜ୍ୟସ୍ତରୀୟ ଫୁଟବଲ୍ ଦଳ ଚୟନ ନିମନ୍ତେ ନବରଙ୍ଗପୁର ଜିଲ୍ଲାରୁ ୧୦ ଜଣ ବାଳିକା ଏବଂ ୩ ଜଣ ବାଳକ ସୁଯୋଗ ପାଇଛନ୍ତି । ସେମାନେ ହେଲେ ବାଳିକା ଖେଳାଳି ଭାବେ ଭାରତୀ ଗଣ୍ଡ, ରଜନୀ ଗଣ୍ଡ, ପିଙ୍କି ଗଣ୍ଡ, ଭାରତୀ ଖୋରା, ଉତମା ମାଝୀ, ପୂର୍ଣ୍ଣିମା ଗଣ୍ଡ, ରଶ୍ମିତା ଗଣ୍ଡ, ସରିତା ଗଣ୍ଡ, ଟିଙ୍କିଲି ସରକାର, ଖୁସି ପୋଦାର ଏବଂ ବାଳକ ଖେଳାଳି ଭାବେ ଗୋପାଳ ହରିଜନ, ଅଭିଜିତ୍ ହରିଜନ, ଅର୍ବାଜ୍ ଖାନ୍ ପ୍ରମୁଖ ସୁଯୋଗ ପାଇଛନ୍ତି । ଚୟନ ପ୍ରକ୍ରିୟାରେ ଭାଗ ନେବା ନିମନ୍ତେ ଗୋଟାଏ ଜିଲ୍ଲାରୁ ଏକା ସାଙ୍ଗରେ ଏତେ ଜଣ ସୁଯୋଗ ପାଇବା ଏକ ଗର୍ବର ବିଷୟ ବୋଲି ଜିଲ୍ଲା କ୍ରୀଡା ସଂଘର ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ କହିଛନ୍ତି । ଭୁବନେଶ୍ୱର, କଳିଙ୍ଗ ଷ୍ଟାଡୟମଠାରେ ଅନୁଷ୍ଠିତ ହେବାକୁ ଥିବା ଚୟନ ପ୍ରକ୍ରିୟାରେ ଯେଉଁ

ଖେଳାଳି ସଫଳତା ପାଇବେ ସେମାନେ ବିଭିନ୍ନ କ୍ରୀଡା ଛାତ୍ରାବାସରେ ରହିବେ ଏବଂ ରାଜ୍ୟ ଫୁଟବଲ୍ ସଂଘ ପକ୍ଷରୁ ସେମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ପ୍ରଦାନ ଦିଆଯିବ । ଏଇ ମର୍ମରେ ଜିଲ୍ଲା କ୍ରୀଡା ସଂଘର ଉପ ସଭାପତି ଏମ ବାଲା କ୍ରିଷ୍ଣା ରାଓ, ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, କ୍ରିକେଟ ସମ୍ପାଦକ ଅଶୋକ ନାୟକ, ହକି ସମ୍ପାଦକ ଦୁର୍ଗା ମଲିକ୍ ସମେତ କ୍ରୀଡା ସଂଘର ସମସ୍ତ ସଦସ୍ୟ ଏବଂ ଜିଲ୍ଲାର ଅନ୍ୟ କ୍ରୀଡ଼ା ପ୍ରେମୀମାନେ ଉକ୍ତ ଖେଳାଳିଙ୍କ ସଫଳତା କାମନା କରିବା ସହ ଆଗାମୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଏମାନଙ୍କ ମଧ୍ୟରୁ ଅଧିକାଂଶ ରାଜ୍ୟ ଫୁଟବଲ୍ ଦଳ ପାଇଁ ଚୟନ ହୋଇ ଜିଲ୍ଲା ପାଇଁ ସୁନାମ ଆଣିବେ ବୋଲି ଆଶା ପ୍ରକଟ କରିଛନ୍ତି । ସୂଚନା ଯୋଗ୍ୟ ଯେ ଏଥି ପୂର୍ବରୁ ଅନୁଷ୍ଠିତ ମୁଖ୍ୟମନ୍ତ୍ରୀ କପ୍ ଫୁଟବଲ୍ ପ୍ରତିଯୋଗିତାରେ ନବରଙ୍ଗପୁର ଜିଲ୍ଲାର ଉଭୟ ବାଳକ ଓ ବାଳିକା ଦଳ ବ୍ରହ୍ମପୁର ଠାରେ ଅନୁଷ୍ଠିତ ହୋଇଥିବା ଜୋନାଲ ସ୍ତରୀୟ ଫୁଟବଲ୍ ପ୍ରତିଯୋଗିତାରେ ଚାମ୍ପିୟନ୍ ହୋଇଥିଲେ ସେହିପରି ସୁନ୍ଦରଗଡ଼ ଠାରେ ଅନୁଷ୍ଠିତ ହୋଇଥିବା ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ସେମିଫାଇନାଲ ପର୍ଯ୍ୟନ୍ତ ପହଂଚି ଥିଲେ ।

ପକ୍କାଘର ପାଇଁ ବିଜେଡ଼ି ସମୟରେ ଆବେଦନ କରିଥିଲେ, ୧୫ବର୍ଷ ପରେ ମିଳିଲା ଘର

ଟାଙ୍ଗୀ ଚୌଦ୍ୱାର, ୨୦/୦୯ (ଆ.ପ୍ର) : ବିଜେଡି ସରକାରରେ ଥିବା ସମୟରେ ବା ପ୍ରଭାତ ବିଶ୍ୱାଳ ବିଜେଡି ଦଳରେ ଥିବା ସମୟରେ ବିଜେଡି ସରକାର ଛାତ ଘରନଥିବା ହିତାଧିକାରୀ ମାନଙ୍କୁ ପକ୍କା ଘର ଯୋଗାଇଦେଥିବା ବେଳେ ଟାଙ୍ଗୀ ଚୌଦ୍ୱାର ବ୍ଲକ ବାଣୀପଦା ପଂଚାୟତ ସ୍ଥିତ ଟାଙ୍ଗୁଡ଼ିଆ ଗ୍ରାମରେ ସରକାରଙ୍କ ପକ୍କାଘର ଯୋଜନା ବାଂଟିବାରେ ବ୍ୟାପକ ଚଂଚକତା କରାଯାଇଥିବା ଦେଖିବାକୁ ମିଳିଛି, ଟାଙ୍ଗୁଡିଆ ଗ୍ରାମର ଆରତୀ ସ୍ୱାଇଁ (ସ୍ୱାମୀ ଭରତ ସ୍ୱାଇଁ) ଘର କହିଲେ ମାଟି କାନ୍ଥ ସହ ଆଜବେଷ୍ଟ ଘର, ପ୍ରଭାତ ବିଶ୍ୱାଳ ବିଧାୟକ ଥିବା ସମୟରେ ପକ୍କା ଘର ପାଇଁ ଆବେଦନ କରିଥିଲେ, ବିଧାୟକ ଠାରୁ ସରପଂଚ, ଜିଲ୍ଲା ପରିଷଦ, ବ୍ଲକ ଅଧିକାରୀ

ମାନେ ସର୍ଭେ ମଧ୍ୟ କରିଥିଲେ, କିନ୍ତୁ ପର ମୁହୂର୍ତ୍ତରେ ବିଧାୟକଙ୍କ ଛତ୍ରଛାୟା ତଳେ ରହି ରାଜନୀତି କରୁଥିବା ସରପଂଚ ଠାରୁ ଜିଲ୍ଲା ପରିଷଦ ପର୍ଯ୍ୟନ୍ତ ସମସ୍ତେ ଏକାଠି ହୋଇ ତୁମେ ବିଜେପି ଲୋକ କହି ବିଭିନ୍ନ ବାହାନା ଦେଖାଇ ପ୍ରକୃତ ହିତାଧିକାରୀ ଆରତୀ ସ୍ୱାଇଁ (ସ୍ୱାମୀ ଭରତ ସ୍ୱାଇଁଙ୍କ) ପକ୍କାଘରଟି କରାଇଦେଲ ନାହିଁ, ଶେଷରେ ଆରତୀ ସାଇଁ ବିଧାୟକ ପ୍ରଭାତ ବିଶ୍ୱାଳଙ୍କୁ ଅଭିଯୋଗ କଲେ, ବିଶ୍ୱାଳ ବାବୁ ସାନ୍ତ୍ୱନା ଦେଇ ଦେଇ ୧୬ବର୍ଷ ବିତିଗଲା, ଏମାନଙ୍କର ଏମିତି ହୁକୁମ ଚାଲୁଥିଲା ଯେ କଲେକ୍ଟରଙ୍କ ଚିଠିକୁ ମଧ ବ୍ଲକ ପ୍ରଶାସନ ଅଣଦେଖା କରିଥିଲେ, ଏପରିକି ଫନୀ ବାତ୍ୟା ସମୟରେ ବ୍ଲକ ଅଧିକାରୀ ହିତାଧିକାରୀ ଚୟନ କରିଥିଲେ ମଧ ପାଲ ଦେଇ ମିଳିଥିବା ଆର୍ଥିକ ସହାୟତା ହଡପ କରିଦେଲେ ଭାଗ୍ୟକୁ ସରକାର ବଦଳିଗଲା ବିଜେପି ସରକାର ଆସିବା ପରେ ବିଜେପି ନେତା ଅଭୟ ବାରିକ ଓ ଅରିନ୍ଦମ ବିଭିନ୍ନ ଦୁର୍ନୀତିକୁ ନେଇ ବ୍ଲକ ଅଫିସରେ ହୋହାଲ୍ଲା କରିବାରୁ ସ୍ଥାନୀୟ ବିଜେପି ନେତାଙ୍କ ସହଯୋଗ କ୍ରମେ ଆରତୀ ସ୍ୱାଇଁ ପୁଣି ଥରେ ଆବେଦନ କରି ଛାତ ପକାଇବା ପାଇଁ ସରକାରଙ୍କ ପକ୍ଷରୁ ଅର୍ଥ ମଧ ମିଳିସାରିଛି ବୋଲି ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି ।

ରାଜ୍ୟ ସ୍ତରୀୟ ଖେଳକୁ ଚୟନ ହେଲେ ଦୁଇଛାତ୍ର

ଦଶପଲ୍ଲା, ୨୦/୦୯ (ଆ.ପ୍ର) : ନୟାଗଡ ଜିଲ୍ଲା କ୍ରୀଡା ବିଭାଗ ପକ୍ଷରୁ ଦଶପଲ୍ଲାର ଦୁଇ ଜଣ ଛାତ୍ର ରାଜ୍ୟ ସ୍ତରୀୟ ବ୍ୟାଡ଼ମିଂଟନ ଖେଳିବାକୁ ଚୟନ ହୋଇଛନ୍ତି । ଜୁନିୟର

ସିଂଗିଲରେ ଦଶପଲ୍ଲା ଉଚ୍ଚ ବିଦ୍ୟାଳୟ ଛାତ୍ର ପ୍ରତ୍ୟୁଷ ପ୍ରଧାନ ଓ ସିନିୟରରେ ବିବି ସେଂଟ୍ରାଲ ଏକାଡେମୀର ଛାତ୍ର ଆଦିତ୍ୟ ପଟ୍ଟନାୟକ ସିଂଗିଲରେ ଖେଳିବାକୁ ଚୟନ ହୋଇଛନ୍ତି । ସେମାନେ ରାୟଗଡା ଠାରେ ହେବାକୁ ଥିବା ରାଜ୍ୟ ସ୍ତରୀୟ ଟୁର୍ଣ୍ଣାମେଂଟରେ ଖେଳିବାକୁ ଯିବେ ବୋଲି ଦଶପଲ୍ଲା ଇଣ୍ଡୋର ଷ୍ଟାଡିୟମ ପ୍ରଶିକ୍ଷକ ଦିବ୍ୟ ପ୍ରକାଶ ସାହୁ ସୂଚନା ଦେଇଛନ୍ତି ।

ଗଣେଶ ପୂଜାର ବିଭିନ୍ନ ସାଂସ୍କୃତିକ ଉତ୍ସବରେ ଯୋଗଦେଲେ ବିଧାୟକ

ଦଶପଲ୍ଲା, ୨୦/୦୯ (ଆ.ପ୍ର) : ଦଶପଲ୍ଲା ଏନ୍.ଏସି ଓ ବ୍ଲକ ଅଂଚଳର ବିଭିନ୍ନ ସ୍ଥାନରେ ଧୁମ୍‌ଧାମରେ ପାଳିତ ହେଉଥିବା ଗଣେଶ ପୂଜା ଅବସରରେ

ଆୟୋଜିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ବିଭିନ୍ନ ପୂଜାମଣ୍ଡପରେ ପହଂଚି ବିଧାୟକ ଶ୍ରୀ ବେହେରା ପ୍ରଭୁ ଗଣେଶଙ୍କ ଦର୍ଶନ କରିବା ସହ ପୂଜା କମିଟିର ସଦସ୍ୟ, ଆୟୋଜକ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ । ଏଥିସହ ସେ ବିଭିନ୍ନ ସାଂସ୍କୃତିକ ଓ ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମରେ ଯୋଗଦେଇ କଳାକାର ଓ ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ । ଗଣେଶ ପୂଜାକୁ କେନ୍ଦ୍ର କରି ସମଗ୍ର ଦଶପଲ୍ଲା ଅଂଚଳ ଉତ୍ସବମୁଖର ହୋଇଉଠିଥିବା ବେଳେ ବିଭିନ୍ନ ପୂଜାମଣ୍ଡପର ସାଂସ୍କୃତିକ କାର୍ଯ୍ୟକ୍ରମରେ ଲୋକପ୍ରିୟ ବିଧାୟକ ଯୋଗ ଦେଇଥିବାକୁ ନେଇ ଲୋକଙ୍କ ମନରେ ଉତ୍ସାହ ଭରିଦେଇଥିଲା ।

ମହେନ୍ଦ୍ର ତନୟା ସାହିତ୍ୟ ସଂସଦ ପକ୍ଷରୁ ଅତିବଡ଼ି ଜଗନ୍ନାଥ ଦାସ ଜୟନ୍ତୀ ପାଳିତ

ପାରଳାଖେମୁଣ୍ଡି, ୨୦/୦୯ (ଆ.ପ୍ର) : ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଅନ୍ତର୍ଗତ ମହେନ୍ଦ୍ର ତନୟା ସାହିତ୍ୟ ସଂସଦ, ପାରଳାଖେମୁଣ୍ଡି, ଗଜପତି ଶାଖା ପକ୍ଷରୁ ଅତିବଡ଼ି ଜଗନ୍ନାଥ ଦାସ ଜୟନ୍ତୀ ଉତ୍ସବ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଆ ସାହିତ୍ୟ, ଭାଗବତ ପରମ୍ପରା ଓ ଓଡ଼ିଆ ଜନଜୀବନରେ ଅତିବଡ଼ି ଜଗନ୍ନାଥ ଦାସଙ୍କ ଅବଦାନକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ଏହି ଉତ୍ସବ ଆୟୋଜିତ ହୋଇଥିଲା । ଏହି ଅବସରରେ ସଂସଦର ସଦସ୍ୟାମାନେ ସମବେତ ଭାଗବତ ପାଠ କରିଥିଲେ । ଶଶିଭୂଷଣ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିନୋଦିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମନୋଜ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ତଥା ସଂସଦର ସମ୍ପାଦକ ସରୋଜ କୁମାର ପଣ୍ଡା ସମ୍ପାଦକୀୟ ଅଭିଭାଷଣ ପ୍ରଦାନ କରିଥିଲେ ।

ସମ୍ମାନିତ ଅତିଥି ଭାବେ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ପ୍ରାନ୍ତ କାର୍ଯ୍ୟକାରିଣୀ ସଦସ୍ୟା ତଥା ଅବସରପ୍ରାପ୍ତ ଅଧ୍ୟାପିକା ଡ଼ଃ କଲ୍ୟାଣୀ ମିଶ୍ର ଯୋଗଦେଇ ଅତିବଡ଼ି ଜଗନ୍ନାଥ ଦାସଙ୍କ ଜୀବନୀ ଓ ଓଡ଼ିଆ ଭାଗବତର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ମୁଖ୍ୟ ଅତିଥି 'ଉପାନ୍ତ ପ୍ରହରୀ' ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ତାଙ୍କ ବକ୍ତବ୍ୟରେ ସମସ୍ତେ ଜଗନ୍ନାଥ ଦାସଙ୍କ ରଚିତ ଓଡ଼ିଆ ଭାଗବତ ପାଠ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ବର୍ତ୍ତମାନ ସମାଜରେ ଅସ୍ଥିରତା ବୃଦ୍ଧି ପାଉଛି, ତେଣୁ ସମସ୍ତେ ଭାଗବତ ପଠନ କରି ଜୀବନରେ ତାର ମୂଲ୍ୟବୋଧକୁ ଆପଣାଇବାର ସମୟ ଆସିଛି ବୋଲି ପ୍ରକାଶ କରିଥିଲେ । ଏଥି ସହିତ ଗାଁ ଗାଁରେ ଭାଗବତ ଟୁଙ୍ଗୀର ପୁନରୁଦ୍ଧାର କରିବାକୁ ସମସ୍ତେ ଚେଷ୍ଟା କରିବା ଆବଶ୍ୟକ ରହିଛି ବୋଲି କହିଥିଲେ । ବକ୍ତା ପଣ୍ଡିତ କୁମୁଦ ରଞ୍ଜନ ଦାଶ ଅତିବଡ଼ି ଜଗନ୍ନାଥ ଦାସଙ୍କ ସାହିତ୍ୟ, ଭାଗବତ ପରମ୍ପରା ଓ ଓଡ଼ିଆ ସଂସ୍କୃତି ପ୍ରତି ତାଙ୍କର ଅବଦାନ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ସଭାପତି ଆଶାଲତା ପାଣିଗ୍ରାହୀ ନିଜ ଅଭିଭାଷଣରେ ଜଗନ୍ନାଥ ଦାସଙ୍କ ଜୀବନୀ, ଭାଗବତ ଓ ଭାଗବତ ଟୁଙ୍ଗୀର ସୁପ୍ରଭାବ ଅତୀତରେ ସାମାଜିକ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ରହୁଥିଲା ବୋଲି ବର୍ଣ୍ଣନା କରିଥିଲେ । ସମସ୍ତ କାର୍ଯ୍ୟକ୍ରମର ପରିଚାଳନା ଓ ସଂଯୋଜନା ଅଖିଳ ଭାରତୀୟ ସାହିତ୍ୟ ପରିଷଦର ରାଜ୍ୟ ସମ୍ପାଦକ ରାଜେନ୍ଦ୍ର କୁମାର ରଥ କରିଥିଲେ । ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ପ୍ରବନ୍ଧ ଓ ଭାଗବତ ଆବୃତ୍ତି ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ପୁରସ୍କାର ବଂଟନ କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମନୋଜ କୁମାର ପଣ୍ଡା ଓ ଶ୍ରୀ ରାଜେନ୍ଦ୍ର ପଡିଆରୀ ପରିଚାଳନା କରିଥିଲେ । ଶେଷରେ ମହିଳା ସ୍ନାତକ ମହାବିଦ୍ୟାଳୟର ଅଧ୍ୟାପିକା ବରଦା ଆଚାର୍ଯ୍ୟ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଅତିବଡ଼ ଜଗନ୍ନାଥ ଦାସଙ୍କ ସାହିତ୍ୟିକ ଓ ଆଧ୍ୟାତ୍ମିକ ଅବଦାନକୁ ନୂତନ ପିଢ଼ିଙ୍କ ନିକଟରେ ପହଂଚାଇବା ସହ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ଯୁବପିଢ଼ିଙ୍କ ମଧ୍ୟରେ ଆଗ୍ରହ ବୃଦ୍ଧିରେ ଏହି ଉତ୍ସବ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ସାହିତ୍ୟ ପ୍ରେମୀମାନେ ମତ ପ୍ରକାଶ କରିଥିଲେ ।

ବଣାଇଁ ବ୍ଲକ ବିଦ୍ୟାଳୟ ସମୂହ କବାଡି ପ୍ରତିଯୋଗିତା ଅନୁଷ୍ଠିତ

ବଣାଇଁ, ୨୦/୦୯(ଆ.ପ୍ର): ବଣାଇ ବ୍ଲକ ଅନ୍ତର୍ଗତ ଘୋଷରା ସମରା ଓରାମ ଉଚ୍ଚ ବିଦ୍ୟାଳୟ ଠାରେ ବଣାଇ ବ୍ଲକ

ସ୍ତରୀୟ ବିଦ୍ୟାଳୟ କବାଡି ସମୂହ ଖେଳକୁଦ ଖେଳାଳି ପ୍ରତିଯୋଗୀ ଚୟନ ବଣାଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁନୀଲ ମୁଣ୍ଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ସଭ୍ୟ (ଖ) ରାମ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ଗୋବିନ୍ଦ ପୁର ସରପଂଚ ଯମୁନା ନାଏକ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଚୈତନ୍ୟ ସାହୁ, ସଭ୍ୟ ତଥା ପ୍ରତିଷ୍ଠାତା ସୁରେନ୍ଦ୍ର ନାଥ ସାହୁ, କରେଇପୁଟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଛନ୍ଦା ଚରଣ ଡଙ୍ଗରା, ଅବସର ପ୍ରାପ୍ତ ଶାରୀରିକ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ, ଭାଲୁପାଣି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କବିତା ମଞ୍ଜରୀ ମହାନ୍ତ, ଗୋଲୁଆ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦୁର୍ଯ୍ୟୋଧନ କିସାନ, ଝିରଡାପାଲି ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଚିତରଞ୍ଜନ ପାଣିଗ୍ରାହୀ, ରାଢା ଧରଣୀଧର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତି ମଞ୍ଜରୀ ମହାନ୍ତି, ସମରା ଓରାମ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୀମାରାଣୀ ପଟେଲ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଦ୍ୱୀପ ପ୍ରଜ୍ଜଳନ, କ୍ରୀଡା ଝଣ୍ଡା ଉତୋଳନ ଓ ଶପଥ ପାଠ କରିଥିଲେ । ଏହି ପ୍ରତିଯୋଗିତାରେ ମୋଟ ୧୯୨ ଜଣ ପ୍ରତିଯୋଗୀ ଭାଗନେଇଥିବା ବେଳେ ବାଳକ ବିଭାଗରେ ୧୪ରୁ କମ ୪୮ ଜଣ ବାଳିକା ବର୍ଗରେ ୪୮ ଜଣ, ବାଳକ ୧୭ରୁ କମ୍ ବର୍ଗରେ ୪୮ ଜଣ ବାଳିକା ବିଭାଗରେ ୪୮ ଭାଗ ନେଇଥିଲେ ।

ସେଇଥୁ ଆରମ୍ଭ
SEITHO ARAMBHA
ସୋମବାର, ୨୧ ସେପ୍ଟେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ପୁଣିଥରେ ଏସୀୟ କ୍ରୀଡ଼ା କ୍ରିକେଟ୍ ଫାଇନାଲ୍‌ରେ ଭାରତ-ଶ୍ରୀଲଙ୍କା

ନୂଆଦିଲ୍ଲୀ, ୨୦/୯(ନ୍ୟୁ.ଏ): ଏସିଆନ୍ ଗେମ୍ସ ୨୦୨୬ରେ ଭାରତୀୟ ଦଳ ପାଇଁ ଆଜିର ଦିନଟି ବେଶ୍ ଚମତ୍କାର ରହିଛି । କ୍ରିକେଟ୍ ଠାରୁ ଆରମ୍ଭ କରି ବ୍ୟାଡମିଂଟନ ପର୍ଯ୍ୟନ୍ତ, ଭାରତୀୟ ଖେଳାଳିମାନେ ଦମଦାର ପ୍ରଦର୍ଶନ କରିଛନ୍ତି । ଭାରତୀୟ ମହିଳା କ୍ରିକେଟ୍ ଟିମ୍ ସେମିଫାଇନାଲ ମ୍ୟାଚ୍‌ରେ କରିଛି ଜବରଦସ୍ତ ପ୍ରଦର୍ଶନ ।ବାଂଲାଦେଶକୁ ୧୧୪ ରନର ବଡ଼ ବ୍ୟବଧାନରେ ହରାଇ ଫାଇନାଲରେ ପ୍ରବେଶ କରିଛି ଟିମ୍ ଇଣ୍ଡିଆ । ଏବେ ସ୍ୱର୍ଣ୍ଣ ପଦକ ପାଇଁ ଫାଇନାଲରେ ଭାରତର ମୁକାବିଲା ଶ୍ରୀଲଙ୍କା ସହ ହେବ । ନିଶିନ୍‌ର କୋରୋଗି ସ୍ପୋର୍ଟସ୍ ପାର୍କରେ ଖେଳାଯାଇଥିବା ସେମିଫାଇନାଲରେ ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରିଥିଲା । ଭାରତ ୨୦ ଓଭରରେ ୪ ୱିକେଟ୍ ହରାଇ ୧୯୫ ରନ୍ କରିଥିଲା । ଭାରତର ଏହି ବଡ଼ ସ୍କୋରର ମୁଖ୍ୟ ନାୟିକା ଥିଲେ ଶେଫାଳି ବର୍ମା । ସେ ମାତ୍ର ୪୯ ବଲ୍‌ରେ ଅପରାଜିତ ୧୦୦ ରନ୍‌ର ଧମାକାଦାର ଇନିଂସ ଖେଳିଥିଲେ । ତାଙ୍କ ଇନିଂସରେ ୯ଟି ଛକା ଓ ୩ଟି ଚୌକା ରହିଥିଲା । ଏହା ଶେଫାଳିଙ୍କ T20I କ୍ୟାରିୟରର ପ୍ରଥମ ଶତକ । କେବଳ ଶେଫାଳି ନୁହେଁ, ସ୍ମୃତି ମନ୍ଧାନା ମଧ୍ୟ ଦ୍ରୁତ ୩୭ ରନ୍ କରିଥିଲେ । ମନ୍ଧାନାଙ୍କ ୧୯ ବଲ୍ ଇନିଂସରେ ୫ଟି ଚୌକା ଓ ୨ଟି ଛକା ଥିଲା । ଏହି ମ୍ୟାଚ୍‌ରେ ସେ ମହିଳା T20Iରେ ସର୍ବାଧିକ ରନ୍ ସ୍କୋରର ହେବାର ରେକର୍ଡ ମଧ୍ୟ କରିଛନ୍ତି । ୧୯୬ ରନ୍‌ର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ବାଂଲାଦେଶୀ ବ୍ୟାଟରମାନେ ଭାରତୀୟ ବୋଲରଙ୍କ ସାମ୍ନାରେ ତିଷ୍ଠି ପାରିନଥିଲେ । ବାଂଲାଦେଶର ପୂରା ଟିମ୍ ୧୫.୪ ଓଭରରେ ମାତ୍ର ୮୧ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା । ଦିଲାରା ଅଖତର ସର୍ବାଧିକ ୨୭ ରନ୍ କରିଥିଲେ । ଭାରତ ପକ୍ଷରୁ ଦୀପ୍ତି ଶର୍ମା ଓ ନନ୍ଦିନୀ ଶର୍ମା ୩ଟି ଲେଖାଏଁ ୱିକେଟ୍ ନେଇଥିଲେ । ଶ୍ରୀ ଚରଣୀ ୨ଟି ୱିକେଟ୍ ନେଇଥିବା ବେଳେ କ୍ରାନ୍ତି ଗୌଡ଼ ଓ ଶ୍ରେୟଙ୍କା ପାଟିଲ ଗୋଟିଏ ଲେଖାଏଁ ୱିକେଟ୍ ହାସଲ କରିଥିଲେ । ବାଂଲାଦେଶକୁ ହରାଇବା ପରେ ଭାରତ ଏବେ ସିଧାସଳଖ ଫାଇନାଲରେ । ପ୍ରଥମ ସେମିଫାଇନାଲରେ ଶ୍ରୀଲଙ୍କା ପାକିସ୍ତାନକୁ ୮ ୱିକେଟ୍‌ରେ ପରାସ୍ତ କରି ଫାଇନାଲରେ ପହଂଚିଛି । ତେଣୁ ସ୍ୱର୍ଣ୍ଣ ପଦକ ପାଇଁ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ମୁକାବିଲା ହେବ ।ଫାଇନାଲ ମ୍ୟାଚ୍ ସେପ୍ଟେମ୍ବର ୨୨ ତାରିଖରେ ଖେଳାଯିବ । ଭାରତୀୟ ସମୟ ଅନୁସାରେ ମ୍ୟାଚ୍ ସକାଳ ୧୦ଟା ୩୦ ମିନିଟ୍‌ରେ ଆରମ୍ଭ ହେବ । ଭାରତୀୟ ଦଳ ଏବେ ଏସିଆନ୍ ଗେମ୍ସରେ ଲଗାତାର ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଜିତିବା ଲକ୍ଷ୍ୟରେ ରହିଛି । ଶେଫାଳି ବର୍ମାଙ୍କ ଶତକ, ମନ୍ଧାନାଙ୍କ ରେକର୍ଡ ଏବଂ ଭାରତୀୟ ବୋଲରଙ୍କ ଘାତକ ପ୍ରଦର୍ଶନ ବାଂଲାଦେଶ ବିପକ୍ଷରେ ଭାରତକୁ ଏକତରଫା ବିଜୟ ଦେଇଛି । ଏବେ ଟିମ୍ ଇଣ୍ଡିଆ ଠାରୁ ସମସ୍ତଙ୍କ ଆଶା ଫାଇନାଲରେ । ଶ୍ରୀଲଙ୍କାକୁ ହରାଇ ଭାରତୀୟ ମହିଳା ଟିମ୍ ସ୍ୱର୍ଣ୍ଣ ପଦକ ନିଜ ନାମରେ କରିପାରୁଛି କି ନାହିଁ, ତା' ଉପରେ ଏବେ ସମସ୍ତଙ୍କ ନଜର ।

ଏସିଆନ ଗେମ୍ସ: ୧୩-୧ରେ ବାଜି ମାରିଲା ଭାରତୀୟ ପୁରୁଷ ହକି ଟିମ୍

ନୂଆଦିଲ୍ଲୀ, ୨୦/୯(ନ୍ୟୁ.ଏ): ଜାପାନର ଆଇଚି-ନାଗୋୟାରେ ଆରମ୍ଭ ହୋଇଥିବା ଏସିଆନ ଗେମ୍ସରେ ଭାରତୀୟ ପୁରୁଷ ହକି ଟିମର ଦବଦବା । ମହିଳାଙ୍କ ପରେ କମାଲ କରିଛନ୍ତି ପୁରୁଷ । ଭାରତୀୟ ମହିଳା ହକି ଟିମ ଉଜବେକିସ୍ତାନକୁ ୧୯-୦ ଗୋଲରେ ପରାସ୍ତ କରି ନୂଆ କୀର୍ତ୍ତିମାନ ହାସଲ କରିଥିଲା । ଏବେ ଇଣ୍ଡୋନେସିଆ ବିପକ୍ଷ ମ୍ୟାଚ୍‌ରେ ଦମ ଦେଖାଇଛନ୍ତି ପୁରୁଷ ହକି ଟିମ । ଦୀଲପ୍ରୀତ ସିଂହଙ୍କ ଦମଦାର ପ୍ରଦର୍ଶନ ଯୋଗୁ ଭାରତ ଏକତରଫା ଭାବେ ଇଣ୍ଡୋନେସିଆକୁ ୧୩-୧ ଗୋଲରେ ହରାଇ ଦେଇଛନ୍ତି । ଦୀଲପ୍ରୀତ ଏକାକୀ ୪ଟି ଗୋଲ କରିଛନ୍ତି । ମ୍ୟାଚ୍ ଆରମ୍ଭରୁ ହିଁ ଭାରତୀୟ ଟିମ ଚାପ ସୃଷ୍ଟି କରିଥିଲା । ଓଡ଼ିଶାର ଶିଲାନନ୍ଦ ଲାକ୍ରା ୫ମ ମିନିଟରେ ଦଳ ପାଇଁ ଗୋଲର ଶୁଭାରମ୍ଭ କରିଥିଲେ । ଏହାପରେ ସେତେ ଯେମିତି ଭାରତ ଗୋଲ ବର୍ଷା କରିଥିଲା ।ଲାକ୍ରାଙ୍କ ପରେ ଅଭିଷେକ ଓ ଶେଷରେ ଦୀଲପ୍ରୀତ ଡବଲ ଗୋଲ ସ୍କୋର କରିଥିଲେ । ଅଭିଷେକ ୧୨ତମ ମିନିଟରେ ଗୋଲ ଦେଇଥିଲେ । ପ୍ରଥମ କ୍ୱାର୍ଟର ୨-୦ରେ ଶେଷ ହୋଇଥିଲା । ଦ୍ୱିତୀୟ କ୍ୱାର୍ଟରରେ ଚମକିଥିଲେ ଦୀଲପ୍ରୀତ ସିଂହ । ସେ ଏହି କ୍ୱାର୍ଟରରେ ୨ଟି ଗୋଲ(୧୮ତମ ଓ ୧୯ତମ ମିନିଟ୍) ଦେଇଥିବା ବେଳେ ରଜିନ୍ଦର ସିଂହ(୧୯ତମ ମିନିଟ୍), ମନଦୀପ ସିଂହ(୨୧ତମ ମିନିଟ) ଓ ହରମନପ୍ରୀତ ସିଂହ(୨୮ତମ ମିନିଟ୍) ମଧ୍ୟ ଗୋଟିଏ ଲେଖାଏ ବଲ ଇଣ୍ଡୋନେସିଆ ଗୋଲ ପୋଷ୍ଟକୁ ମାରିଥିଲେ । ପ୍ରଥମ ହାଫକୁ ଭାରତ ୭-୦ରେ ଶେଷ କରିଥିଲା । ୦-୭ ପଛରେ ଥିଲେ ମଧ୍ୟ ଦ୍ୱିତୀୟ ହାଫରେ କମବ୍ୟାକ କରିଥିଲା ଇଣ୍ଡୋନେସିଆ । ଦଳ ପକ୍ଷରୁ ମ୍ୟାଚ୍‌ର ୩୩ତମ ମିନିଟରେ ଗୋଲ ଦେଇଥିଲେ ଅଲ ଆଉଲିଆ । ହେଲେ ଏହାର ଜବାବ ଭାରତ ୩ଟି ଗୋଲ ଦେଇଥିଲା । ମ୍ୟାଚ୍‌ର ୩୫ତମ ମିନିଟରେ ଓଡ଼ିଶାର ଲାକ୍ରା ପୁଣି ଗୋଟିଏ ଗୋଲ ଦେଇଥିଲେ । ଦୀଲପ୍ରୀତ ୩୭ତମ ମିନିଟରେ ମ୍ୟାଚ୍‌ରେ ନିଜର ହ୍ୟାଟ୍ରିକ ହାସଲ କରିଥିଲେ । ଏହାର ଗୋଟିଏ ମିନିଟର ପରେ ହରମନପ୍ରୀତ ଗୋଲ ଦେବାରୁ ସ୍ଥିତି ୧୦-୧ ହୋଇ ଯାଇଥିଲା । ୪ର୍ଥ କ୍ୱାର୍ଟରର ପ୍ରଥମ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣରକୁ ସୁଖଜିତ ଗୋଲରେ ପରିଣତ କରିଥିଲେ । ୪୮ତମ ମିନିଟରେ ସେ ପୁଣି ଆଉ ଗୋଟିଏ ଗୋଲ କରିଥିଲେ । ଶେଷରେ ୪୯ତମ ମିନଟରେ ଦୀଲପ୍ରୀତ ନିଜର ୪ର୍ଥ ଗୋଲ ସ୍କୋର କରିବା ସହ ଭାରତକୁ ୧୩-୧ରେ ବିଜୟ ଭେଟି ଦେଇଥିଲେ । ଭାରତ ଆଜି ଇଣ୍ଡୋନେସିଆକୁ ହରାଇଥିବା ବେଳେ ମଙ୍ଗଳବାର ଶ୍ରୀଲଙ୍କାକୁ ଭେଟିବ । ଭାରତ ପାଖରେ ଏଥର ଇତିହାସ ରଚିବାର ସୁଯୋଗ ରହିଛି । ୮ଥର ଅଲିମ୍ପିକ ସ୍ୱର୍ଣ୍ଣ ବିଜେତା ଭାରତ ୨୦୨୩ ଏସିଆନ ଗେମ୍ସରେ ଜାପାନକୁ ୫-୧ରେ ହରାଇ ସ୍ୱର୍ଣ୍ଣ ଜିତିଥିଲା । ଯଦି ଭାରତ ଏଥର ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିବ, ତା'ହେଲେ ସିଧାସଳଖ ୨୦୨୮ ଲସ ଆଞ୍ଜେଲ୍ସ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିନେବ । ୨୦୦୬ ଦୋହା ସଂସ୍କରଣକୁ ଛାଡ଼ି ଦେଲେ ଭାରତ ସବୁ ଥର ଏସିଆନ ଗେମ୍ସରେ ପୋଡିୟମରେ ଅଭିଯାନ ଶେଷ କରିଛି । ୨୦୦୬କୁ ଛାଡ଼ି ଦେଲେ ଭାରତୀୟ ପୁରୁଷ ହକି ଟିମ ଏସିଆନ ଗେମ୍ସରେ ଏଯାଏ ୯ଟି ରୌପ୍ୟ, ୩ଟି ବ୍ରୋଞ୍ଜ ଓ ୪ଟି ସ୍ୱର୍ଣ୍ଣ ପଦକ ଜିତିଛି ।

ଭାରତୀୟ ମହିଳା ହକି ଦଳର ବିଜୟ ଅଭିଯାନ

ନୂଆଦିଲ୍ଲୀ, ୨୦/୯(ନ୍ୟୁ.ଏ): ଜାପାନରେ ଚାଲିଥିବା ଏସିଆନ ଗେମ୍ସରେ ଭାରତୀୟ ମହିଳା ହକି ଟିମ୍ ଦମ୍‌ଦାର ଆରମ୍ଭ କରିଛି । ପ୍ରଥମ ପୁଲ୍ ମ୍ୟାଚ୍‌ରେ ଦଳ ଉଜ୍‌ବେକିସ୍ତାନକୁ ୧୯-୦ ଗୋଲ୍‌ରେ ପରାସ୍ତ କରିଛି । ଦୀପିକା ସବୁଠୁ ଅଧିକ ଗୋଲ ଦେଇଛନ୍ତି । ସେ ୯ଟି ଗୋଲ୍ ଦେଇଥିବା ବେଳେ ଇଶିକା ୩, ନେହା ୨, ଲାଲଥଂଟଲୁଆଙ୍ଗୀ ୨ ଏବଂ ଲାଲରେମସିଆମି, ବଲଜୀତ କୌର, ସାକ୍ଷୀ ରାଣା ଓ ନବନୀତ କୌର ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ । ଦୀପିକାଙ୍କ ୯ଟି ଗୋଲରୁ ୫ଟି ହେଉଛି ପେନାଲ୍ଟି କର୍ଣ୍ଣର । ଇଶିକା ହ୍ୟାଟ୍ରିକ୍ ଗୋଲ୍ କରିଥିଲେ । ଅନ୍ୟପକ୍ଷରେ ଏହି ଏସିଆନ ଗେମ୍ସରେ ଖାତା ଖୋଲି ସାରିଛି ଭାରତ । ମହିଳା ଶୁଟରମାନେ ଦେଶକୁ ଦେଇଛନ୍ତି ପ୍ରଥମ ପଦକ । ସେମାନେ ରୌପ ପଦକ ଜିତିଛନ୍ତି । ମହିଳା ୧୦ମିଟର ଏୟାର ରାଇଫଲ ଟିମ୍ ଇଭେଂଟରୁ ମିଳିଛି ଏହି ପଦକ । ଏହି ବର୍ଗରେ ଭାଗ ନେଇଥିବା ଟିମ୍‌ରେ ଥିଲେ ଏଲାବେନିଲ ବଲାରିବନ, ସୋନମ ମସ୍କର ଓ ବିଦରସା ବିନୋଦ । ସେମାନେ ଉଚ୍ଚକୋଟୀର ପ୍ରଦର୍ଶନ କରିବା ସହିତ ଦ୍ୱିତୀୟ ସ୍ଥାନରେ ରହିଥିଲେ ଓ ଭାରତ ପାଇଁ ଚଳିତ ଏସିଆନ ଗେମ୍ସରେ ପ୍ରଥମ ପଦକ ଜିତିଛନ୍ତି । ସୋନମ ମସ୍କର ଓ ଏଲାବେନିଲ ବଲାରିବନ ମହିଳା ଏକକ ଫାଇନାଲ ପାଇଁ ମଧ୍ୟ ଯୋଗ୍ୟତା ଅର୍ଜନ କରିଛନ୍ତି । ଏହି ଇଭେଂଟରେ ଚାଇନାର ଟିମ୍ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ଜିତିଛି । ଅନ୍ୟପକ୍ଷରେ ଜାପାନ ତୃତୀୟ ସ୍ଥାନରେ ରହିଥିଲା । ଏହି ଇଭେଂଟରେ ଚାଇନା ନୂଆ ବିଶ୍ୱରେକର୍ଡ ସ୍ଥାପନ କରିଛି । ପୂର୍ବରୁ ମହିଳା ୧୦ମିଟର ଏୟାର ରାଇଫଲ ଟିମ୍ ଇଭେଂଟରେ ସର୍ବଶ୍ରେଷ୍ଠ ସ୍କୋର ୧୯୦୨ ରହିଥିଲା । ୨୦୨୫ ଏସିଆନ ଶୁଟିଂ ଚାମ୍ପିୟନଶିପରେ ଏହି ରେକର୍ଡ ସ୍ଥାପନ କରିଥିଲା ଚାଇନା ଟିମ୍ । ଚଳିତ ଏସିଆନ ଗେମ୍ସରେ ଚାଇନା ଟିମ୍ ୧୯୦୪.୨ ସ୍କୋର ହାସଲ କରି ଏହି ରେକର୍ଡକୁ ଭାଙ୍ଗିଛି । ଅନ୍ୟପକ୍ଷରେ ଉଶୁରେ ଭାରତକୁ ନିରାଶ ହେବାକୁ ପଡ଼ିଛି । ପୁରୁଷ ଚାଙ୍ଗକ୍ୱାନ ଫାଇନାଲରେ ଭାରତର ସୂରଜ ସିଂହ ମୟଙ୍ଗଲାଦମ ଏକାଦଶ ତମ ସ୍ଥାନରେ ରହିଥିଲେ । ସେହିପରି ଭାରତର ମହିଳା ଟେବ୍ଲ ଟେନିସ ଖେଳାଳି କ୍ରିମସି ଡି'ସୁଜା ମଧ୍ୟ ନିରାଶ କରିଛନ୍ତି । ଆଜି ବ୍ରୋଞ୍ଜ ପଦକ ପାଇଁ ସେ ପ୍ରତିଦ୍ୱନ୍ଦ୍ୱିତା କରି ହାରି ଯାଇଛନ୍ତି ।

୩୫୦ କିମି ବେଗରେ ଦୌଡୁଥିବା ଟ୍ରେନ ନିର୍ମାଣ କରିବ ଭାରତ

ନୂଆଦିଲ୍ଲୀ, ୨୦/୯(ନ୍ୟୁ.ଏ): ଆଗାମୀ ଦିନରେ ଭାରତ କେବଳ ବୁଲେଟ୍ ଟ୍ରେନ୍ ଚଳାଇଥିବା ଦେଶ ହେବ ନାହିଁ, ବରଂ ହାଇସ୍ପିଡ ଟ୍ରେନ୍ ନିର୍ମାଣ ପ୍ରଯୁକ୍ତିରେ ଆତ୍ମନିର୍ଭର ହେବାକୁ ଯାଉଛି । ରେଳ ମନ୍ତ୍ରାଳୟର କ୍ୟାବିନେଟ୍ ପ୍ରସ୍ତାବ ସଂକ୍ରାନ୍ତ ସୂଚନା ଅନୁଯାୟୀ, ୨୦୩୦ ସୁଦ୍ଧା ଭାରତ ଘଂଟାପ୍ରତି ୩୫୦ କିମିରେ ଦୌଡ଼ି ପାରୁଥିବା ଟ୍ରେନ୍ (ବିସ୍ତାର)ର ବିକାଶ ଉପରେ କାର୍ଯ୍ୟ କରୁଛି । ଏହା ଜାପାନ ପକ୍ଷରୁ ପ୍ରସ୍ତୁତ ଆଗାମୀ ପିଢ଼ି ଇ୧୦ ସିରିଜ୍ ଟ୍ରେନ ସହ ସମକକ୍ଷ ହେବ । ଏକ ରିପୋର୍ଟ ଅନୁଯାୟୀ, ରେଳ ମନ୍ତ୍ରାଳୟ ପକ୍ଷରୁ କ୍ୟାବିନେଟକୁ କୁହାଯାଇଛି ଯେ ଭାରତ ବିସ୍ତାର ଟ୍ରେନ ବିକାଶ ପ୍ରକ୍ରିୟା ଆରମ୍ଭ କରିଦେଇଛି । ଜାପାନ ୨୦୨୪ ଡିସେମ୍ବରରେ ଭାରତକୁ ଅବଗତ କରିଥିଲା ଯେ ତାଙ୍କ ଦେଶରେ ଧୀରେ ଧୀରେ ଇ୫ ଟ୍ରେନର ଉତ୍ପାଦନ ବନ୍ଦ କରାଯାଉଛି । ଜାପାନର ଯୋଜନା ଅନୁଯାୟୀ, ଇ୧୦ ଟ୍ରେନର ଉତ୍ପାଦନ ୨୦୩୦ରେ ଆରମ୍ଭ ହେବ । ୨୦୩୪ ମସିହା ବେଳକୁ ଏହା ଚଳାଚଳ କରିବ । ଭାରତ ଯେତେବେଳେ ଇ୧୦ ଟ୍ରେନ ହାସଲ କରିବ ସେତେବେଳକୁ ନିଜର ବିସ୍ତାର ଟ୍ରେନ ନିର୍ମାଣ କରିସାରିଥିବ । ମୁମ୍ବାଇ-ଅହମଦାବାଦ ହାଇସ୍ପିଡ ରେଳ କରିଡରର ଆରମ୍ଭ ବି୨୮ ହାଇସ୍ପିଡ ଟ୍ରେନରୁ ଆରମ୍ଭ ହେବ । ଏହି ଟ୍ରେନର ଘଂଟାପ୍ରତି ସର୍ବାଧିକ ବେଗ ୨୮୦ କିମି ରହିବ । ତେବେ ହାଇସ୍ପିଡ ରେଳ କରିଡରରେ ଏହା ଘଂଟାପ୍ରତି ୨୪୯ କିମି ବେଗରେ ଚାଲିବ । ଭାରତରେ ବି୨୮ ଟ୍ରେନ ନିର୍ମାଣ କରିବା ଲାଗି କାର୍ଯ୍ୟାଦେଶ ବିଇଏମ୍‌ଏଲ୍ ପାଇ ସାରିଛି । ହାଇସ୍ପିଡ୍ ଟ୍ରେନ ସହିତ ଭାରତ ସ୍ୱଦେଶୀ ଟ୍ରେନ କଂଟ୍ରୋଲ ସିଷ୍ଟମ ମଧ୍ୟ ବିକାଶ କରିବା ଯୋଜନା ରଖିଛି । ଏହା ଚୀନର ସ୍ୱଦେଶୀ ସିଟିସିଏସ୍ ପରି କାର୍ଯ୍ୟ କରିବ ।

ଆକାଶରେ ଲେଖା ହେଲା ଭାରତ-ଜାପାନ ବନ୍ଧୁତ୍ୱର ନୂଆ କାହାଣୀ

ନୂଆଦିଲ୍ଲୀ, ୨୦/୯ (ନ୍ୟୁ.ଏ): ଭାରତ ଓ ଜାପାନର ରଣନୈତିକ ସମ୍ପର୍କରେ ଯୋଡ଼ି ହୋଇଛି ଆଉ ଏକ ନୂଆ ଅଧ୍ୟାୟ । ରାଜସ୍ଥାନର ଯୋଧପୁର ଏୟାର ଫୋର୍ସ ଷ୍ଟେସନରେ ଚାଲିଥିବା ଦ୍ୱିପାକ୍ଷିକ ବାୟୁସେନା ଅଭ୍ୟାସ 'ବୀର ଗାର୍ଡିଆନ୍-୨୦୨୬' ସମୟରେ ପ୍ରଥମ ଥର ପାଇଁ ଜାପାନର ଲଢୁଆ ବିମାନ ଭାରତୀୟ ମାଟିରୁ ଉଡ଼ାଣ କରିଛି । ଏହି ଐତିହାସିକ ମୁହୂର୍ତ୍ତକୁ ଆହୁରି ଖାସ୍ କରି ଭାରତୀୟ ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ୍ ଏପି ସିଂହ ଏବଂ ଜାପାନ ଏୟାର ସେଲ୍ଫ-ଡିଫେନ୍ସ ଫୋର୍ସର ଚିଫ୍ ଅଫ୍ ଷ୍ଟାଫ୍ ଜେନେରାଲ୍ ତାକେହିରୋ ମୋରିତାଙ୍କ ତେଜସ୍ ବିମାନରେ ଏକାଠି ଉଡ଼ାଣ କରିଛନ୍ତି । ପ୍ରାୟ ୨୦ରୁ ୨୫ ମିନିଟ୍ ଧରି ଚାଲିଥିଲା ଏହି ମିଳିତ ଉଡ଼ାଣ । ଏୟାର ଚିଫ୍ ମାର୍ଶାଲ୍ ଏପି ସିଂହ ନିଜେ ତେଜସ୍ ଲଢୁଆ ବିମାନ ଉଡ଼ାଇଥିବା ବେଳେ, ଜାପାନୀ ବାୟୁସେନା ମୁଖ୍ୟ ଜେନେରାଲ୍ ମୋରିତା ଭାରତୀୟ ବାୟୁସେନାର ଜଣେ ଅଭିଜ୍ଞ ପାଇଲଟ୍‌ଙ୍କ ସହ ତେଜସ୍‌ର ଟ୍ରେନର୍ ଭର୍ସନରେ ଉଡ଼ାଣ କରିଥିଲେ । ଉଡ଼ାଣ ଶେଷରେ ଦୁଇ ବିମାନ ସୁରକ୍ଷିତ ଭାବେ ଲ୍ୟାଣ୍ଡ କରିବା ପୂର୍ବରୁ ଆକାଶରେ ଏକ ଚମତ୍କାର 'ପିଲ୍-ଅଫ୍' ମଧ୍ୟ କରାଯାଇଥିଲା । ପରସ୍ପର ସମ୍ମାନ ଓ ବଢୁଥିବା ଦ୍ୱିପାକ୍ଷିକ ସହଯୋଗର ପ୍ରତୀକ ଭାବେ ଦୁଇ ଦେଶର ବାୟୁସେନା ମୁଖ୍ୟ ପରସ୍ପର ମଧ୍ୟରେ ବ୍ୟାଜ୍ ଅଦଳବଦଳ କରିଥିଲେ । ଉକ୍ତ ଅବସରରେ ଆୟୋଜିତ ଜଏଂଟ ପ୍ରେସ୍ କନଫରେନ୍ସରେ ଜେନେରାଲ୍ ତାକେହିରୋ ମୋରିତା କହିଥିଲେ ଯେ, ତେଜସ୍ ଭାରତର 'ମେକ୍ ଇନ୍ ଇଣ୍ଡିଆ' ପଦକ୍ଷେପର ଏକ ଉଲ୍ଲେଖନୀୟ ପ୍ରତୀକ । ତେଜସ୍‌ରେ ଉଡ଼ାଣ କରିବା ତାଙ୍କ ପାଇଁ ଏକ ଅମୂଲ୍ୟ ଅନୁଭୂତି ଥିଲା ବୋଲି ସେ କହିଥିଲେ । ଏହା ଦୁଇ ଦେଶର ବାୟୁସେନା ମଧ୍ୟରେ ଦୀର୍ଘଦିନ ଧରି ଗଢ଼ିଉଠିଥିବା ବିଶ୍ୱାସ, ଆତ୍ମବିଶ୍ୱାସ ଓ ବନ୍ଧୁତ୍ୱକୁ ପ୍ରତିଫଳିତ କରୁଥିବା ସେ କହିଥିଲେ । IAF ମୁଖ୍ୟ ଏୟାର ଚିଫ୍ ମାର୍ଶାଲ୍ ଏପି ସିଂହ ଏହି ଅଭ୍ୟାସକୁ ଦୁଇ ଦେଶ ସମ୍ପର୍କରେ ଏକ ବଡ଼ ଉପଲବ୍ଧି ବୋଲି କହିଛନ୍ତି । ତାଙ୍କ ଅନୁସାରେ, ଏଭଳି ଯୁଗ୍ମ ସାମରିକ ଅଭ୍ୟାସ ଦ୍ୱାରା ଦୁଇ ଦେଶର ବାୟୁସେନା ପରସ୍ପରର ଅପରେସନାଲ୍ ପ୍ରଣାଳୀ ବୁଝିବା ସହ ନିଜ ନିଜ କ୍ଷମତାକୁ ଆହୁରି ବଢ଼ାଇପାରିବେ । ଭାରତୀୟ ମାଟିରେ ପ୍ରଥମ ଥର ପାଇଁ ଜାପାନୀ ଲଢୁଆ ବିମାନର ମୁତୟନ ଦୁଇ ଦେଶର ବାୟୁସମ୍ପଦକୁ ପ୍ରଭାବଶାଳୀ ଭାବେ ମୁତୟନ କରିବାର କ୍ଷମତାକୁ ଦର୍ଶାଉଛି । ଏହା ସହିତ ଇଣ୍ଡୋ-ପ୍ୟାସିଫିକ୍ ଅଂଚଳରେ ଶାନ୍ତି ଓ ସ୍ଥିରତା ପାଇଁ ଦୁଇ ଦେଶର ସହଯୋଗକୁ ମଧ୍ୟ ଏହି ଅଭ୍ୟାସ ଆହୁରି ମଜବୁତ କରୁଛି । ଭାରତର ଫାଇଟର୍ ଜେଟ୍ କାର୍ଯ୍ୟକ୍ରମ ସମ୍ପର୍କରେ ଏୟାର ଚିଫ୍ ମାର୍ଶାଲ୍ ଏପି ସିଂହ କହିଛନ୍ତି ଯେ, ବିଶ୍ୱସ୍ତରୀୟ ସପ୍ଲାଏ ଚେନ୍‌ରେ ଦେଖାଦେଇଥିବା ସମସ୍ୟା ଯୋଗୁଁ ତେଜସ୍ ବିମାନର ଡେଲିଭରି ଉପରେ କିଛି ପ୍ରଭାବ ପଡ଼ିଛି । ତେବେ ଏଥିପାଇଁ ପୂର୍ବରୁ ବଡ଼ ଅର୍ଡର୍ ଦିଆଯାଇଥିବା ଏବଂ ଆଗାମୀ ଦିନରେ ତେଜସ୍ ମାର୍କ-୨ ଓ ପଂଚମ ପିଢ଼ିର ଉଡାଜାହାଜ ନିର୍ମାଣ ସହ ଭାରତର ଡିଫେନ୍ସ ଏଭିଏସନ୍ ଓ R&D କ୍ଷେତ୍ର ଆହୁରି ଆଗକୁ ବଢ଼ିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି ।

ୟୁରୋପ ଏବଂ ରୁଷ ମଧ୍ୟରେ ଉତ୍ତେଜନା ବୃଦ୍ଧି

ନୂଆଦିଲ୍ଲୀ, ୨୦/୯(ନ୍ୟୁ.ଏ): ସମୁଦ୍ର ତଳ କେବୁଲ ବ୍ରିଟେନର ଅର୍ଥନୀତି ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ । ଏଗୁଡ଼ିକ ବ୍ରିଟେନ ଏବଂ ଆମେରିକା ମଧ୍ୟରେ ଯୋଗାଯୋଗର ଆଧାର । ୯୦ ପ୍ରତିଶତରୁ ଅଧିକ ଆନ୍ତର୍ଜାତୀୟ ବ୍ୟାଙ୍କିଙ୍ଗ କାରବାର ଏହା ମାଧ୍ୟମରେ ହୋଇଥାଏ । ଯଦି ରୁଷ ଏହି କେବୁଲଗୁଡ଼ିକୁ ଟାର୍ଗେଟ କରେ, ତେବେ ଏହାର ପ୍ରଭାବ କେବଳ ଇଂଟରନେଟ୍ ଏବଂ ଫୋନ୍ କଲ୍ ପର୍ଯ୍ୟନ୍ତ ସୀମିତ ରହିବ ନାହିଁ । ବ୍ୟାଙ୍କିଙ୍ଗ ଏବଂ ଆର୍ଥିକ ବ୍ୟବସ୍ଥା ମଧ୍ୟ ଗୁରୁତର ଭାବରେ ପ୍ରଭାବିତ ହୋଇପାରେ । ଆମେରିକା ବ୍ରିଟେନର ସମୁଦ୍ର ତଳ କେବୁଲଗୁଡ଼ିକୁ ସୁରକ୍ଷା ଦେବା ପାଇଁ ଦୁଇଟି ପରମାଣୁ ଶକ୍ତି ସମ୍ପନ୍ନ ବୁଡ଼ାଜାହାଜ ପଠାଇଛି । ବ୍ରିଟେନର ଫାଷ୍ଟ ସି ଲର୍ଡ ଜେନେରାଲ ସାର୍ ଗ୍ୱିନ୍ ଜେନକିନ୍ସ ସମ୍ପ୍ରତି ଆଟଲାଂଟିକ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରି କହିଛନ୍ତି, ସମୁଦ୍ର ତଳ କେବୁଲଗୁଡ଼ିକ ଆଧୁନିକ ଜୀବନର ମେରୁଦଣ୍ଡ, ତଥ୍ୟ, କାରବାର ଏବଂ ଯୋଗାଯୋଗରେ ଏସବୁର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ବ୍ରିଟେନର ଶକ୍ତି, ବାଣିଜ୍ୟ ଏବଂ ଯୋଗାଯୋଗ ବ୍ୟବସ୍ଥା ଆଟଲାଂଟିକ ସହିତ ଗଭୀର ଭାବରେ ଜଡିତ । ଏହାର ଅର୍ଥ ହେଉଛି ବିପଦ କେବଳ ଏକ ଯୁଦ୍ଧଜାହାଜ କିମ୍ବା ବନ୍ଦର ଉପରେ ଆକ୍ରମଣ ନୁହେଁ । ଗଭୀର ସମୁଦ୍ର ଭିତିଭୂମି ମଧ୍ୟ ଯୁଦ୍ଧର ଏକ ସମ୍ଭାବ୍ୟ ଲକ୍ଷ୍ୟ । କେବୁଲ୍‌ଗୁଡ଼ିକର ଯେକୌଣସି କ୍ଷତିକୁ ଗମ୍ଭୀର ବୋଲି ବିବେଚନା କରାଯିବ । କେବୁଲଗୁଡ଼ିକ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ଗ୍ରୀନଲ୍ୟାଣ୍ଡ, ଆଇସଲ୍ୟାଣ୍ଡ ଏବଂ ବ୍ରିଟେନ ମଧ୍ୟରେ ଅବସ୍ଥିତ ସମୁଦ୍ର ଅଂଚଳ । ରୟାଲ ନୌସେନା ଅନୁଯାୟୀ, ରୁଷିଆଙ୍କ ବର୍ଦ୍ଧିତ ସାମୁଦ୍ରିକ ଏବଂ ବୁଡ଼ାଜାହାଜ କାର୍ଯ୍ୟକଳାପ ମଧ୍ୟରେ ଉତ୍ତର ଆଟଲାଂଟିକରେ ସୁରକ୍ଷା ବ୍ରିଟେନ ପାଇଁ ପ୍ରାଥମିକତା ପାଲଟିଛି । ଏକ ରିପୋର୍ଟରେ କୁହାଯାଇଛି ବ୍ରିଟେନ ପାଖରେ କେବୁଲଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ପର୍ଯ୍ୟାପ୍ତ ବାହିନୀର ଅଭାବ ରହିଛି, ତେଣୁ ସେ ଆମେରିକାରୁ ସହାୟତା ଲୋଡୁଛି । ତେଣୁ ଦୁଇଟି ଆମେରିକୀୟ ପରମାଣୁ-ଚାଳିତ ବୁଡ଼ାଜାହାଜ ମୁତୟନ କରାଯାଇଛି । ସେମାନଙ୍କର ଲକ୍ଷ୍ୟ ହେଉଛି ପାଣି ତଳେ ରୁଷ କାର୍ଯ୍ୟକଳାପ ଉପରେ ନଜର ରଖିବା ଏବଂ ଗୁରୁତ୍ୱପୂର୍ଣ୍ଣ ଭିତିଭୂମିର ସୁରକ୍ଷାରେ ସହାୟତା କରିବା । ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ କାରଣ ବ୍ରିଟେନ ନିଜେ ଦ୍ରୁତ ଗତିରେ ନିଜର ନୌସେନାର ଆଧୁନିକୀକରଣ କରୁଛି ଏବଂ ସମୁଦ୍ର ତଳ ଭିତିଭୂମିର ସୁରକ୍ଷା ବୃଦ୍ଧି କରୁଛି ।

'ମହାଭାରତ'ର ଭୀମ ସୌରଭ ଗୁର୍ଜରଙ୍କୁ ହେପାଜତରେ ନେଲା ପୁଲିସ

ନୂଆଦିଲ୍ଲୀ, ୨୦/୯(ନ୍ୟୁ.ଏ): ଟିଭି ଧାରାବାହିକ 'ମହାଭାରତ'ରେ ଭୀମ ଭୂମିକାରେ ଅଭିନୟ କରିଥିବା ଅଭିନେତା ତଥା ରେସଲର ସୌରଭ ଗୁର୍ଜର ଏକ ଅଭିଯୋଗକୁ ନେଇ ଅଡୁଆରେ ପଡ଼ିଛନ୍ତି । ମୁମ୍ବାଇର ଜଣେ ମହିଳା ତାଙ୍କ ବିରୋଧରେ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା ଓ ହଇରାଣ କରିବା ଅଭିଯୋଗ ଆଣିଛନ୍ତି । ୨୦୨୧ରେ ଇନ୍‌ଷ୍ଟାଗ୍ରାମ୍ ଜରିଆରେ ମହିଳାଙ୍କର ସୌରଭ ଗୁର୍ଜରଙ୍କ ସହ ପରିଚୟ ହୋଇଥିଲା । ପରେ ଦୁହେଁ ହ୍ୱାଟ୍‌ସଆପ୍ ଜରିଆରେ ପରସ୍ପରଙ୍କ ନିକଟତର ହୋଇଥିଲେ । ମହିଳାଙ୍କ ଅଭିଯୋଗ ଅନୁସାରେ, ସୌରଭ ତାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଦୁହେଁ ଆମେରିକାରେ ଏକାଠି ରହିଥିବା ବେଳେ ଭାରତ ଫେରିବା ପରେ ମଧ୍ୟ ସଙ୍ଗରେ ରହିଥିଲେ । ମହିଳାଙ୍କ ଦାବି ଅନୁଯାୟୀ, ଆମେରିକାର ଚାକିରି ଛାଡ଼ି ଭାରତ ଫେରିବାକୁ ସୌରଭ ତାଙ୍କୁ ରାଜି କରାଇଥିଲେ । ଭାରତରେ ଦୁହେଁ ମିଶି ବ୍ୟବସାୟ ଆରମ୍ଭ କରିବେ ବୋଲି କଥା ହୋଇଥିଲା । ବିବାହ ପ୍ରତିଶ୍ରୁତି ଦେବା ପରେ ଯେତେବେଳେ ସେ ବିବାହ ସମ୍ପର୍କରେ ପଚାରୁଥିଲେ, ସୌରଭ ତାଙ୍କ ଫୋନ୍ ନମ୍ବର ବ୍ଲକ୍ କରିଦେଉଥିଲେ ଏବଂ ଦୂରେଇ ଯାଉଥିଲେ । ମହିଳାଙ୍କ ଦାବି ଅନୁସାରେ, ଅକ୍ଟୋବର ୨୦୨୫ରୁ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଦୁହେଁ ଏକାଠି ରହିଥିଲେ ।

୪ ବର୍ଷ କାର୍ଯ୍ୟକାଳ ପୂରଣ ପୂର୍ବରୁ ଅଗ୍ନିବୀରଙ୍କୁ ମିଳିବ ଚାକିରି



ନୂଆଦିଲ୍ଲୀ, ୨୦/୯(ନ୍ୟୁ.ଏ): ସେନାରେ 'ଅଗ୍ନିପଥ' ଯୋଜନା ଅଧୀନରେ ନିଯୁକ୍ତି ପାଇଥିବା ଅଗ୍ନିବୀରମାନଙ୍କ ପାଇଁ କେନ୍ଦ୍ର ସରକାର ଏକ ବଡ଼ ନିଷ୍ପତି ନେବାକୁ ଯାଉଛନ୍ତି । ୪ ବର୍ଷର ସୈନ୍ୟ ସେବା ପୂରଣ ହେବା ପୂର୍ବରୁ ହିଁ ଅଗ୍ନିବୀରମାନଙ୍କ ପାଇଁ ଆଗାମୀ ରୋଜଗାରର ପନ୍ଥା ସୁନିଶ୍ଚିତ କରିବାକୁ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏକ ନୂଆ ପ୍ଲାନ୍ ପ୍ରସ୍ତୁତ କରିଛି । ସେନାରୁ ଅବସର ନେବା ପରେ ଯେପରି ସେମାନଙ୍କୁ ଚାକିରି ପାଇଁ ପୁଣି ଥରେ ଦୀର୍ଘ ପ୍ରକ୍ରିୟା ଦେଇ ଗତି କରିବାକୁ ପଡିବ ନାହିଁ, ସେଥିପାଇଁ ଏହି ବ୍ୟବସ୍ଥା କରାଯାଉଛି । ସୂଚନାଯୋଗ୍ୟ ଯେ, ଅଗ୍ନିପଥ ଯୋଜନାରେ ନିଯୁକ୍ତି ପାଇଥିବା ପ୍ରଥମ ବ୍ୟାଚ୍‌ର ୧୯,୦୦୦ରୁ ଅଧିକ ଅଗ୍ନିବୀର ଜାନୁଆରୀ ୨୦୨୭ରେ ସେମାନଙ୍କର ୪ ବର୍ଷିଆ କାର୍ଯ୍ୟକାଳ ପୂରଣ କରିବେ । ନୂଆ ନିୟମ ଅନୁଯାୟୀ, ୪ ବର୍ଷର ସେବା ଶେଷ ହେବା ପରେ ୨୫ ପ୍ରତିଶତ ଅଗ୍ନିବୀରଙ୍କୁ ସେନାର ନିୟମିତ କ୍ୟାଡରରେ ରଖାଯିବାର ପ୍ରାବଧାନ ରହିଛି । ପୂର୍ବରୁ ୪ ବର୍ଷ ସେବା ପୂରଣ ହେବା ପରେ ସମସ୍ତଙ୍କୁ ମୁକ୍ତ କରାଯାଇ ପୁନର୍ବାର ୨୫ ପ୍ରତିଶତଙ୍କୁ ନିଆଯାଉଥିଲା । ମାତ୍ର ନୂଆ ପ୍ଲାନ୍ ଅନୁଯାୟୀ, ସେବା ଅବଧି ଶେଷ ହେବା ପୂର୍ବରୁ ହିଁ ଆଭ୍ୟନ୍ତରୀଣ ପରୀକ୍ଷା ଓ ମୂଲ୍ୟାଙ୍କନ ଆଧାରରେ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ । ଫଳରେ ସେମାନେ ସିଧାସଳଖ ନିୟମିତ ସେବାରେ ଯୋଗ ଦେଇପାରିବେ । ଜାନୁଆରୀ ୨୦୨୭ରେ ଅବସର ନେବାକୁ ଥିବା ବାକି ୭୫ ପ୍ରତିଶତ ଅଗ୍ନିବୀରଙ୍କ ପାଇଁ କେନ୍ଦ୍ରୀୟ ଅର୍ଦ୍ଧସାମରିକ ବଳ (ଉଇବର), ପୋଲିସ ଓ ଅନ୍ୟାନ୍ୟ ସରକାରୀ ବିଭାଗରେ ନିଯୁକ୍ତି ସୁଯୋଗ ଦିଆଯିବ । ଗୃହ ମନ୍ତ୍ରଣାଳୟ ଏକ ସ୍ୱତନ୍ତ୍ର ପୋର୍ଟାଲ ମାଧ୍ୟମରେ ଏହି ନିଯୁକ୍ତି ପ୍ରକ୍ରିୟାକୁ ଆଗକୁ ବଢ଼ାଇବ । କେନ୍ଦ୍ରୀୟ ନିରାପତା ବଳ ଯଥା ବିଏସଏଫ, ସିଆରପିଏଫ, ସିଆଇଏସଏଫ, ଆଇଟିବିପି ଏବଂ ଆସାମ ରାଇଫଲ୍ସରେ କନଷ୍ଟେବଲ ଓ ରାଇଫଲମ୍ୟାନ୍ ପଦବୀ ପାଇଁ ପୂର୍ବତନ ଅଗ୍ନିବୀରଙ୍କ ପାଇଁ ୫୦ ପ୍ରତିଶତ ଆରକ୍ଷଣର ବ୍ୟବସ୍ଥା ରହିଛି । ଏହାସହ ଲିଖିତ ପରୀକ୍ଷା, ଶାରୀରିକ ମାପଚୁପ ଓ ଦକ୍ଷତା ପରୀକ୍ଷାରେ ମଧ୍ୟ କୋହଳ ନିୟମ ଲାଗୁ ହେବ ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସଂପାଦକ : ଶୁଭେନ୍ଦୁ ଦାସ
Editor : Subhendu Das